କଟକ
ଶନିବାର ୨୧ ନଭେମ୍ବର, ୨୦୨୬
ପ୍ରାତଃ ସଂସ୍କରଣ

November 21, 2026 Cuttack
Vol - XXIV, Issue - 229
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995


ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

ବିପର୍ଯ୍ୟୟ ବେଳେ ଦେବଦୂତ

କୃଷ୍ଣପ୍ରସାଦ,୨୦।୧୧(ନି.ପ୍ର): ଉଦ୍ଧାରକାରୀ ଓଡ୍ରାଫ୍ ଟିମ୍ ବିପର୍ଯ୍ୟୟ ବେଳେ ଦେବଦୂତ ସାଜିଛନ୍ତି। କୃଷ୍ଣପ୍ରସାଦ ବ୍ଲକ୍‌ର ଦୁଇଟି ଗାଁ ବ୍ରହ୍ମପୁର ଓ ମାଏଁସାରୁ ୭ଜଣ ଗର୍ଭବତୀ ମାଆଙ୍କୁ ପାଣି ଘେରରୁ ବାହାର କରି ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି। ସେତେବେଳେ ଚିଲିକାରେ ଜୁଆର ଉଠୁଥିଲା। ଓଡ୍ରାଫ୍ ଟିମ୍ ପାଇଁ ମଧ୍ୟ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କିନ୍ତୁ ମୋଟର ବୋଟ୍ ସହାୟତାରେ ସାବଧାନତାର ସହ ଓଡ୍ରାଫ୍ ଟିମ୍ ୭ଜଣ ଗର୍ଭବତୀଙ୍କୁ ସୁରକ୍ଷିତ ହସ୍‌ପିଟାଲକୁ ନେଇଛନ୍ତି।



URGENT REQUIREMENT
ଓଡିଶାର Power Distribution Company ପାଇଁ Diploma / B-Tech (Electrical / Mechanical / Civil) Fresher candidate ଆବଶ୍ୟକ । Salary: Rs. 18, 000/- to Rs. 25, 000/- with ESI, EPF all facility. Fireman / Driver: 10th Pass, DL, Salary: Rs.18,000/- to Rs.22,000/- with ESI, EPF, Accomodation Free, Fooding facility avalabile. iisfm.edu@gmail.com
INSTITUTE OF INDUSTRIAL SAFETY & FIRE MANAGEMENT
B/48, 1st Floor, BDA Duplex Colony, Baramunda, BBSR-03
Contact: 9337712395, 9658476702

ପବନ କମିଲା। ବର୍ଷା ବଢ଼ିଲା।

ଗୋପାଳପୁର ନିକଟରେ ଲ୍ୟାଣ୍ଡଫଲ କଲା। ଦୁର୍ବଳ ବାତ୍ୟା।

ଗଞ୍ଜାମରେ ସର୍ବାଧିକ ବର୍ଷା।
ଚାଷୀଙ୍କ ଉପରେ ପ୍ରକୃତିର ପ୍ରହାର
ମୁଖ୍ୟମନ୍ତ୍ରୀଙ୍କ ଜରୁରୀ ସମୀକ୍ଷା।

ଭୁବନେଶ୍ୱର,୨୦।୧୧(ନି.ପ୍ର): ଗୋପାଳପୁର ନିକଟରେ ଲ୍ୟାଣ୍ଡଫଲ କରିଛି ବାତ୍ୟା ଅକଓ୍ୱାନ। ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍ଥଳଭାଗରେ ପିଟି ହୋଇଛି। ଶୁକ୍ରବାର ସକାଳ ୭.୩୦ରେ ସ୍ଥଳଭାଗ ଛୁଇଁଛି ଅକଓ୍ୱାନ। ଲ୍ୟାଣ୍ଡଫଲ ପ୍ରକ୍ରିୟା ପ୍ରାୟ ୪ ଘଣ୍ଟା ଧରି ଚାଲିଥିଲା। ତେବେ ଲ୍ୟାଣ୍ଡଫଲ ପରେ ବାତ୍ୟା ଦୁର୍ବଳ ହୋଇଯାଇଛି। ଗଭୀର ଅବପାତର ରୂପ ନେଇ ଏହା ଓଡ଼ିଶା ଉପରେ ଗତି କରିଛି। କିଛି ଘଣ୍ଟା ପରେ ଗଭୀର ଅବପାତରୁ ପରିଣତ ହୋଇଛି ଅବପାତରେ। ଏହା ପରେ ଲଘୁଚାପରେ ପରିଣତ ହୋଇଯିବ। ଲ୍ୟାଣ୍ଡଫଲ ସମୟରେ ପବନର ବେଗ ଘଣ୍ଟା ପ୍ରତି ୭୦-୮୦ କିମି ରହିଥିଲା। ଝଟ୍‌କା ପବନର ବେଗ ରହିଥିଲ ୯୦ କିମି। ଭାରତୀୟ ପାଣିପାଗ ବିଭାଗ (ଆଏମ୍‌ଡି) ମଧ୍ୟ ଏହା ଆକଳନ କରିଥିଲା।

ନିର୍ଦ୍ଧାରିତ ସମୟ ପୂର୍ବରୁ ଲ୍ୟାଣ୍ଡଫଲ କରିଛି ଅକଓ୍ୱାନ। ଲ୍ୟାଣ୍ଡଫଲ୍ ପରେ ଧୀରେ ଧୀରେ ତା'ର ଜୀବନ ଚକ୍ର ଦୁର୍ବଳ ହେବାର କାରଣକୁ ନେଇ ପାଣିପାଗ ବିଜ୍ଞାନୀ ମତ ଦେଇଛନ୍ତି ଯେ, ଏହି ବାତ୍ୟା ନିଜେ ଶକ୍ତିଶାଳୀ ନଥିଲା। ସମୁଦ୍ରରେ ବାହ୍ୟଶକ୍ତି ଉପରେ ନିର୍ଭର କରିଥିଲା। ଗତ ୧୭ରୁ ୨୦ ତାରିଖରେ ମଧ୍ୟ ଏହା ବୁଲାଣି ନେଇଥିଲା ସମୁଦ୍ରରେ। ବିପରୀତ ପରିସ୍ଥିତିର ସମ୍ମୁଖୀନ ହେବା ଫଳରେ ସ୍ଥଳଭାଗ ଛୁଇଁବା ବେଳକୁ ଏହା ଦୁର୍ବଳ ହୋଇଯାଇଥିଲା।



ବାତ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟରେ ଏକ ଜରୁରୀ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, ଏସ୍‌ଆର୍‌ସି, ଅଗ୍ନିଶମ ଡିଜି, ଜଳସମ୍ପଦ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ବାତ୍ୟା ପରର ପ୍ରସ୍ତୁତି କିଭଳି ରହିଛି ଏବଂ ବାତ୍ୟାର ସବିଶେଷ ବିବରଣୀ ସହ ପ୍ରସ୍ତୁତି, ରିଲିଫ୍, ଚାଷର କ୍ଷତି ଆଦି ବିଭିନ୍ନ ବିଷୟରେ ସମୀକ୍ଷା କରିଥିଲେ ମୁଖ୍ୟମନ୍ତ୍ରୀ।

ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଜାରି ରହିଛି ତୁହାକୁ ତୁହା ବର୍ଷା। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଯେତେ ବଢ଼ିଛି ତା'ର ଦକ୍ଷିଣ ପାର୍ଶ୍ୱରେ ସେତେ ଅଧିକ ବର୍ଷା ହୋଇଛି। ଅବଶ୍ୟ ପବନରେ ବେଗ କମି କମି ଯାଇଛି, କିନ୍ତୁ ବର୍ଷା ବଢ଼ିଛି। ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ହୋଇଛି ପ୍ରବଳ ବର୍ଷା। ବିଭିନ୍ନ ସ୍ଥାନରେ ବର୍ଷା ୨୧ ତାରିଖ ଯାଏ ଜାରି ରହିବ। ୨୧ ସକାଳ ଯାଏ ୧୪ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୧୧ ଜିଲ୍ଲାକୁ ଜାରି କରାଯାଇଛି ୟେଲୋ ଆଲର୍ଟ। ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡ଼ିକରେ ୧୨ ରୁ ୨୦ ସେମି ବର୍ଷା ହୋଇପାରେ। (ପୃଷ୍ଠା:୫)

ତାରାତାରିଣୀ ପୀଠରେ ଭୂସ୍ଖଳନ

ବ୍ରହ୍ମପୁର,୨୦।୧୧(ନି.ପ୍ର): ତାରାତାରିଣୀ ପୀଠରେ ବାତ୍ୟା ପ୍ରଭାବରେ ହୋଇଛି ଭୂସ୍ଖଳନ। ପାହାଡ଼ରୁ ପଥର ଓ ମାଟି ଅତଡ଼ା ଧସିଛି। ଗଛ ମଧ୍ୟ ଉପୁଡ଼ି ପଡ଼ିଛି। ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନଙ୍କ ଅନୁଯାୟୀ, ଭୂସ୍ଖଳନ ଫଳରେ ହୋଇଥିବା ଅବରୋଧକୁ ଉଦ୍ଧାରକାରୀ ଟିମ୍ ହଟାଇ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ନିୟୋଜିତ ରହିଛନ୍ତି ଉଦ୍ଧାରକାରୀ ଟିମ୍। ଗୁରୁବାର ସାରା ରାତି ପ୍ରଶାସନ ସକ୍ରିୟ ରହିଥିଲା। ଏବେବି ସକ୍ରିୟ ରହିଛି। ଗଞ୍ଜାମରେ ହୋଇଛି ସର୍ବାଧିକ ବର୍ଷା। ମାଇକ ଜରିଆରେ ଲୋକଙ୍କୁ ସଚେତନ କରିବା ପ୍ରକ୍ରିୟା ଜାରି ରହିଛି। ସ୍ଥାନାନ୍ତର ହୋଇଥିବା ଲୋକଙ୍କୁ ଆଶ୍ରୟସ୍ଥଳରେ ରନ୍ଧନ ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯାଉଛି। ସ୍ଥିତି ସମ୍ପୂର୍ଣ୍ଣ ବିପଦମୁକ୍ତ ହେବା ପରେ ସେମାନେ ନିଜ ସ୍ଥାନକୁ ଫେରିଯିବେ।

ସୋମବାର ଯାଏ ଗୃହ ମୁଲତବୀ



ଭୁବନେଶ୍ୱର,୨୦।୧୧(ନି.ପ୍ର): ବିଧାନ ସଭାର ଶୀତ ଅଧିବେଶରେ ତୃତୀୟ ଦିନରେ ମଧ୍ୟ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିପାରିନାହିଁ। ବନ୍ୟା ଓ ବାତ୍ୟା ପରବର୍ତ୍ତୀ ରିଲିଫ୍ ପରିଚାଳନାକୁ ନେଇ ବିଜେଡି ଏବଂ କୋଟିଆ ସୀମା ବିବାଦକୁ ନେଇ କଂଗ୍ରେସ ବିଧାୟକଙ୍କ ହଙ୍ଗୋଳ ଯୋଗୁ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା। ମାତ୍ର ୧୦ ମିନିଟ୍ ଚାଲିଥିଲା ପ୍ରଶ୍ନକାଳ। ପରେ ପରିସ୍ଥିତି ସ୍ୱାଭାବିକ ହୋଇନଥିଲା। ବିଧାୟକମାନେ ନିଜ ନିଜ ଆସନକୁ ଫେରିବାକୁ ରାଜି ନହେବାରୁ ପ୍ରଥମେ ସକାଳ ୧୦ଟା ୪୦ରେ ଗୃହକୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା।

ବିଜେଡି ବିଧାୟକ ଶାରଦା ପ୍ରସନ୍ନ ଜେନା ବନ୍ୟା ସ୍ଥିତି ଉପରେ ଆଲୋଚନା ପାଇଁ ଗୃହର ଅନ୍ୟ ସମସ୍ତ କାର୍ଯ୍ୟ ସ୍ଥଗିତ ରଖିବାକୁ ଦାବି କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଧାୟକମାନେ ଗ୍ରାଉଣ୍ଡ ଜିରୋରେ ରହି ଲୋକଙ୍କ ସମସ୍ୟା ବୁଝିବା ଏବଂ ସେମାନଙ୍କ ପାଖରେ ଠିଆ ହେବା ଜରୁରୀ ବୋଲି ମତ ରଖିଥିଲେ। ବାଚସ୍ପତି ଗୃହକୁ ଆସନ୍ତା ସୋମବାର ୨୩ ତାରିଖ ସକାଳ ୧୦ଟା୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

କେଉଁଠି କେତେ ବର୍ଷା

ଭୁବନେଶ୍ୱର,୨୦।୧୧(ନି.ପ୍ର): ବାତ୍ୟା ଅକଓ୍ୱାନ ପ୍ରଭାବରେ ସବୁଠାରୁ ଅଧିକ ବର୍ଷା ହୋଇଛି ଗଞ୍ଜାମ ଜିଲ୍ଲାରେ। ଗଞ୍ଜାମରେ ଯେତେ ବର୍ଷା ହୋଇଛି ସେତେ ବର୍ଷା ଆଉ କେଉଁଠି ହୋଇନାହିଁ। ସର୍ବାଧିକ ବର୍ଷା ହୋଇଛି ପାତ୍ରପୁରରେ, ୨୦୯ ମିମି। ହିଞ୍ଜିଳିରେ ୨୦୬ ବର୍ଷା ହୋଇଥିବାବେଳେ ବ୍ରହ୍ମପୁରରେ ୨୦୦, ଚିକିଟିରେ ୧୯୯ ଓ ଗୋପାଳପୁରରେ ୧୮୯ ମିମି ବର୍ଷା ହୋଇଛି। ପୁରୁଷୋତ୍ତମପୁରରେ ୧୭୫, କୁକୁଡ଼ାଖଣ୍ଡିରେ ୧୬୩, ଛତ୍ରପୁରରେ ୧୩୯, ଭଞ୍ଜନଗରରେ ୧୩୩ ଓ ଦିଗପହଣ୍ଡିରେ ୧୩୨ ମିମି ବର୍ଷା ରେକର୍ଡ଼ ହୋଇଛି। ଭଦ୍ରକ ଜିଲ୍ଲାର ଚାନ୍ଦବାଲିରେ ୧୧୪ ମିମି, ପାରାଦୀପରେ ୯୩ ମିମି, ପୁରୀରେ ୭୯ ମିମି ବର୍ଷା ହୋଇଛି।

ବଡ଼ ବନ୍ୟା ହେବନାହିଁ : ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର,୨୦।୧୧(ନି.ପ୍ର): ଏଥର ଅକଓ୍ୱାନ ପ୍ରଭାବରେ ଗତଥର ଭଳି ବନ୍ୟା ହେବନାହିଁ ଆକଳନ କରାଯାଇଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲିପ ରାଉତଙ୍କ ସୂଚନା ଅନୁଯାୟୀ, ବଡ଼ ବନ୍ୟା ହେବନାହିଁ। ନଦୀଗୁଡ଼ିକର ଉପର ମୁଣ୍ଡରେ ସେଭଳି ବର୍ଷା ହୋଇନାହିଁ। ଉପର ମୁଣ୍ଡରେ ବର୍ଷା ନହେଲେ ବନ୍ୟାର ସମ୍ଭାବନା ନଥାଏ। ବାତ୍ୟାକୁ ଦୃଷ୍ଟିରେ ରଖି ଡ୍ୟାମଗୁଡ଼ିକରେ ମଧ୍ୟ ଠିକ୍ ଭାବେ ଜଳ ପରିଚାଳନା କରାଯାଇଛି। ୱାର୍ଣ୍ଣିଂ ଲେଭଲ ତଳେ ରହିଛି ଜଳସ୍ତର। ୨୦ ଓ ୨୦ ତାରିଖର ବର୍ଷା ଉପରେ ନଜର ରହିଛି।

ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ

ବଲାଙ୍ଗୀର,୨୦।୧୧(ନି.ପ୍ର): ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ମୃତକ ୭୦ ବର୍ଷର ପକ୍ଷୀରାଜ ଘିବେଲା ବୋଲି ଜଣାପଡ଼ିଛି। ସେ ମୁରିବାହାଲ ବ୍ଲକ୍ ପତ୍ରାପାଲି ଗ୍ରାମର। ଗାଁ ପୋଖରୀକୁ ସେ ଗାଧୋଇବାକୁ ଯାଇଥିଲେ। ଗାଧୋଇ ସାରି ଫେରୁଥିବାବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ମେଡ଼ିକାଲ ନିଆଯାଇଥିଲା ବାଟରେ ହିଁ ସେ ଆଖି ବୁଜି ଦେଇଥିଲେ। ତାଙ୍କ କାନ ଭିତରୁ ମହୁମାଛି ବାହାର କରାଯାଇଛି। ଗ୍ରାମବାସୀ କହିଛନ୍ତି, ମହୁମାଛି ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା ପାଇଁ ସରକାରଙ୍କ ଗାଇଡ୍‌ଲାଇନ ନଥିବାରୁ ତାଙ୍କ ପରିବାରକୁ ରେଡ୍‌କ୍ରସରୁ ସହାୟତା ଯୋଗାଇ ଦିଆଯାଉ।

ଜୀବନ ପାଇଁ ଏକ ନୂଆ ସୁଯୋଗ

ସାତ ସପ୍ତାହ ବୟସର ହାତୀ ଛୁଆ ରାଜାକୁ ଜୀବନ ରକ୍ଷାକାରୀ ଚିକିତ୍ସା ପାଇଁ ବନ୍‌ତାରାକୁ ବିମାନ ଯୋଗେ ଅଣାଯାଉଛି, ସହାୟତାର ହାତ ବଢ଼ାଇଲେ ଅନନ୍ତ ଅମ୍ବାନୀ

ଜାମନଗର / ଗୁଆହାଟୀ, ୨୦।୧୧: ବନ୍‌ତାରାର ପ୍ରତିଷ୍ଠାତା ଅନନ୍ତ ଅମ୍ବାନୀ ଏକ ମହାନୁଭବତା ପ୍ରଦର୍ଶନ କରି ସାତ ସପ୍ତାହ ବୟସର ଏକ ଏସୀୟ ହାତୀ ଛୁଆ 'ରାଜା'କୁ ଜୀବନ ବଞ୍ଚାଇବାର ଏକ ନୂଆ ସୁଯୋଗ ପ୍ରଦାନ କରିଛନ୍ତି। ଜନ୍ମ ସମୟରୁ ହିଁ ତା'ର ଜଙ୍ଘ ହାଡ଼ ଭାଙ୍ଗି ଯାଇଥିଲା ଏବଂ ସେ ଗୋଟିଏ ପରେ ଗୋଟିଏ ସ୍ୱାସ୍ଥ୍ୟଗତ ଜଟିଳତାର ସମ୍ମୁଖୀନ ହେଉଥିଲା। ବର୍ତ୍ତମାନ ତାକୁ ଜରୁରୀକାଳୀନ ଚିକିତ୍ସା ଯୋଗାଇବା ପାଇଁ ଆସାମର ପୋଭୁମାରାରୁ ଗୁଜୁରାଟର ଜାମନଗର ସ୍ଥିତ 'ବନ୍‌ତାରା'କୁ ବିମାନ ଯୋଗେ ଅଣାଯାଉଛି।

ଜନ୍ମ ହେବା ଦିନଠାରୁ ନିଜ ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରୁଥିବା ଏକ ନବଜାତ ହାତୀ ଛୁଆର ଦୁର୍ଦ୍ଦଶା ଦେଖି ଅନନ୍ତ ଅମ୍ବାନୀ ସାହାଯ୍ୟର ହାତ ବଢ଼ାଇଛନ୍ତି। ସେ 'ରାଜା' ନାମକ ଏହି ହାତୀ ଛୁଆକୁ ଆସାମରୁ 'ବନ୍‌ତାରା'କୁ ବିମାନ ଯୋଗେ ଆଣିବାର ବ୍ୟବସ୍ଥା କରିଛନ୍ତି, ଯେଉଁଠାରେ ତା'ର ବିଶେଷଜ୍ଞ ଚିକିତ୍ସା କରାଯିବ। ଭାରତରେ ଏଭଳି ଉପାୟରେ (ବିମାନ ଯୋଗେ) ପଶୁଙ୍କୁ ସ୍ଥାନାନ୍ତର କରିବାରେ ଅନନ୍ତ ଅମ୍ବାନୀଙ୍କ ଏହା ତୃତୀୟ ପ୍ରୟାସ ଅଟେ।

ଗତ ସାତ ସପ୍ତାହ ଧରି, 'ବନ୍‌ତାରା'ର ପଶୁ ଚିକିତ୍ସକ ଦଳ ରାଜାକୁ ତା'ର ମାଲିକଙ୍କ ଘରେ ରହି ଚିକିତ୍ସା କରୁଥିଲେ। ବର୍ତ୍ତମାନ ତା'ର ସ୍ୱାସ୍ଥ୍ୟାବସ୍ଥା ଏପରି ସ୍ତରରେ ପହଞ୍ଚିଛି ଯେ, ତାକୁ ସୁସ୍ଥ କରିବା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରି ତୀକ୍ଷ୍ଣ ନଜରରେ ଚିକିତ୍ସା କରିବା ଏକମାତ୍ର ଉପାୟଟ୍ଟ ଏତେ ଛୋଟ ଏବଂ ଦୁର୍ବଳ ହାତୀ ଛୁଆ ପାଇଁ ସଡ଼କ ପଥରେ ୨,୫୦୦ କିଲୋମିଟରରୁ ଅଧିକ ଯାତ୍ରା କରିବା ସମ୍ଭବ ନୁହେଁ। ଯେତେବେଳେ ଏହା ସ୍ପଷ୍ଟ ହେଲା ଯେ ରାଜାକୁ ଦିନ ନୁହେଁ ବରଂ କିଛି ଘଣ୍ଟା ମଧ୍ୟରେ ବିଶେଷଜ୍ଞ ଚିକିତ୍ସା ପାଖରେ ପହଞ୍ଚିବା ଆବଶ୍ୟକ, ସେ ରାଜା ଏହି ପୃଥିବୀକୁ ଏକ ଭଙ୍ଗା ଗୋଡ଼ ନେଇ ଆସିଥିଲା, କିନ୍ତୁ ତା'ର ମନୋବଳ କେବେବି ଭାଙ୍ଗି ନଥିଲା। ଗତ ସାତ ସପ୍ତାହ ଧରି, ସେ ନିଜର ଛୋଟ ଶରୀର ତୁଳନାରେ ଅନେକ ଗୁଣ ଅଧିକ ସାହସର ସହ ଲଢ଼ି ଆସିଛି। ବର୍ତ୍ତମାନ ତାକୁ ସାହାଯ୍ୟ କରି ଆଗକୁ ନେବାର ପାଳି ଆମର। ଏପରି ଏକ ଦୁନିଆରେ, ଯେଉଁଠାରେ ଜୀବନର ସବୁଠାରୁ ଛୋଟ ଏବଂ ଦୁର୍ବଳ ପ୍ରାଣୀଙ୍କ ପାଇଁ ଅଟକିବାକୁ କାହାରି ପାଖରେ ସମୟ ନଥାଏ, ସେଠାରେ ଶ୍ରୀ ଅନନ୍ତ ଅମ୍ବାନୀ 'ରାଜା' ପାଇଁ ଅଟକିଛନ୍ତି।ଏହି ଛୋଟ ବାଛୁରୀ ପ୍ରତି ତାଙ୍କର କରୁଣା ଓ ଭଲପାଇବା ରାଜାକୁ ପୁନର୍ବାର ଜୀବନ ବଞ୍ଚିବାର ସୁଯୋଗ ଦେଉଛି। ଏହା ସହିତ, ସଡ଼କ ପଥରେ ଯେଉଁ ଯାତ୍ରା ପାଇଁ ଅନେକ ଦିନ ଲାଗିଥାନ୍ତା, ତାହାକୁ ବିମାନ ଯୋଗେ ମାତ୍ର କିଛି ଘଣ୍ଟାରେ ସମ୍ଭବ କରିପାରିଛି। 'ବନ୍‌ତାରା'ରେ, ଆମେ ତାକୁ ଛିଡ଼ା ହେବା, ଚାଲିବା ଏବଂ ଦିନେ ଦୌଡ଼ିବା ପାଇଁ ସମସ୍ତ ସୁଯୋଗ ଯୋଗାଇ ଦେବୁ ବୋଲି ବନ୍‌ତାରା ସିଇଓ ଭିଭାନ କରାନୀ କହିଛନ୍ତଜି।

ଆସାମର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ମଧ୍ୟ ରାଜାର ଜାମନଗର ଯାତ୍ରା ପାଇଁ ବ୍ୟକ୍ତିଗତ ଭାବେ ସହଯୋଗ କରିଛନ୍ତି। ରାଜାର ମାଲିକ ଶ୍ରୀ ଭୋଳାନାଥ ପେଗୁଙ୍କ ଅନୁରୋଧ କ୍ରମେ ସେ 'ବନ୍‌ତାରା' ସହ ଯୋଗାଯୋଗ କରିଥିଲେ।

ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ଏହି ପ୍ରୟାସକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ତା'ର ମାଲିକ ଶ୍ରୀ ଭୋଳାନାଥ ପେଗୁଙ୍କ ଅନୁରୋଧ କ୍ରମେ, ମୁଁ 'ବନ୍‌ତାରା' ସହ ଯୋଗାଯୋଗ କରିଥିଲି। ସେମାନେ ତୁରନ୍ତ ପଦକ୍ଷେପ ନେଲେ ଏବଂ ଆଜି ସକାଳେ ରାଜାକୁ ବିମାନ ଯୋଗେ ଜାମନଗର ସ୍ଥିତ ସେମାନଙ୍କ ପୁନର୍ବାସ କେନ୍ଦ୍ରକୁ ନେଇଗଲେ, ଯେଉଁଠାରେ ତାକୁ ବିଶେଷ ଯତ୍ନ ପ୍ରଦାନ କରାଯାଉଛି। ସେ ବର୍ତ୍ତମାନ ଭଲ ପ୍ରତିକ୍ରିୟା ଦେଉଛି। ଶ୍ରୀ ଅନନ୍ତ ଅମ୍ବାନୀ ଏବଂ 'ବନ୍‌ତାରା' ଟିମ୍କୁ ଏହି ମହାନ କାର୍ଯ୍ୟ ପାଇଁ ଅଭିନନ୍ଦନ। ଆମେ ରାଜାର ଶୀଘ୍ର ସୁସ୍ଥତା ପାଇଁ କାମନା କରୁଛୁ।

ଆସାମର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା, ଅନନ୍ତ ଅମ୍ବାନୀ ଏବଂ ଟିମ୍ ବନ୍‌ତାରାଙ୍କ ଏହି ଉଦାର ପଦକ୍ଷେପକୁ ପ୍ରଶଂସା କରିଛନ୍ତି



ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ 'ବନ୍‌ତାରା'ର ଜଣେ ମୁଖପାତ୍ର କହିଛନ୍ତି, ଆମେ ମାନ୍ୟବର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମାଙ୍କ ନିକଟରେ କୃତଜ୍ଞ, ଯିଏ ରାଜା ପାଇଁ ବ୍ୟ ଏକ କଷ୍ଟକର ଆରମ୍ଭ ।

୨ ଅକ୍ଟୋବର ୨୦୨୬ରେ ଆସାମର ଗୋଗାମୁଖ ଠାରେ ରାଜାର ଜନ୍ମ ହୋଇଥିଲାଛ ତା'ର ମା' ନିଜେ ମାତ୍ର ୧୧ ବର୍ଷ ବୟସର ଥିଲେ ସେ ବୟସରେ ଛୋଟ ଏବଂ ଅନଭିଜ୍ଞ ଥିଲେ। ଜନ୍ମ ପରେ ଭୟଭୀତ ଓ ଚିନ୍ତିତ ହୋଇ ସେ ନିଜର ନବଜାତ ଶିଶୁକୁ ଗୋଇଠା ମାରିଦେଲେ। ଫଳସ୍ୱରୂପ, ଜୀବନର ପ୍ରଥମ ଦିନରେ ହିଁ ରାଜାର ଡାହାଣ ଗୋଡ଼ର ଉରୁ ହାଡ଼ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଗଲା।

ଯେଉଁ ବୟସରେ ଏକ ହାତୀ ଛୁଆ ନିଜ ମା' ପାଖରେ ଥାଇ ଟଳମଳ ପାଦ ପକାଇ ଚାଲିବା ଶିଖିବା କଥା, ସେହି ସମୟରେ ରାଜା ନିଜ ଗୋଡ଼ ଉପରେ ଛିଡ଼ା ହେବା କିମ୍ବା ଭାର ସମ୍ଭାଳିବାକୁ ଅକ୍ଷମ ଥିଲା। ଏପରିକି ସେ ନିଜ ମା'ର ପ୍ରଥମ କ୍ଷୀର ମଧ୍ୟ ପାଇପାରିଲା ନାହିଁ ଏହି କ୍ଷୀର ନବଜାତ ହାତୀ ଛୁଆକୁ ରୋଗ ପ୍ରତିରୋଧକ ଶକ୍ତି ଓ ବଳ ଯୋଗାଇଥାଏ।

ରାଜାର ମାଲିକ ଓ ତାର ଦେଖାଶୁଣା କରୁଥିବା ବ୍ୟକ୍ତିମାନେ ବୁଝିପାରିଲେ ଯେ ତାକୁ ବିଶେଷ ଚିକିତ୍ସା ଓ ସହାୟତାର ଆବଶ୍ୟକତା ରହିଛି, ତେଣୁ ସେମାନେ 'ଭାନ୍ତାରା' ଠାରୁ ସାହାଯ୍ୟ ଲୋଡ଼ିଲେ। ୮ ଅକ୍ଟୋବର ୨୦୨୬ରେ 'ଭାନ୍ତାରା ରାପିଡ୍ ରେସ୍ପନ୍ସ ଟିମ୍' ତା' ପାଖରେ ପହଞ୍ଚିଲା।

ଏକ୍ସ-ରେ ରୁ ଜଣାପଡ଼ିଲା ଯେ ହାଡ଼ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇ ନିଜ ସ୍ଥାନରୁ ଘୁଞ୍ଚି ଯାଇଛି। ଟିମ୍ଟି ଏକ ପ୍ଲାଷ୍ଟର କାଷ୍ଟ ଓ ବ୍ୟାଣ୍ଡେଜ୍ ସାହାଯ୍ୟରେ ଗୋଡ଼କୁ ସ୍ଥିର ଅବସ୍ଥାରେ ରଖିଲା। ରାଜାକୁ ଛିଡ଼ା ହେବାରେ ସାହାଯ୍ୟ କରିବା ପାଇଁ ଏବଂ ଆଘାତପ୍ରାପ୍ତ ଗୋଡ଼ ଉପରୁ ଚାପ କମାଇବା ପାଇଁ ଏକ ବ୍ୟବହାର କରାଗଲାଛ ଏହା ସହିତ, ତା' ପାଇଁ ଏକ ସ୍ୱତନ୍ତ୍ର ଦୁଗ୍ଧ ବିକଳ୍ପ ଆରମ୍ଭ କରାଗଲା ଏବଂ ତାର ଦେଖାଶୁଣା କରୁଥିବା ଲୋକଙ୍କୁ ଫିଡିଂ ବୋତଲ ବ୍ୟବହାର ଓ ଅନ୍ୟାନ୍ୟ ନି



ଶୀତଦିନେ ଚମକିବ ତ୍ୱଚା

ଘରେ ତିଆରି କରନ୍ତୁ ପ୍ରାକୃତିକ ମଏଶ୍ଚରାଇଜର୍

ଶୀତଦିନ ଆସିବା ମାତ୍ରେ ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଦେଇଥାଏ। ଥଣ୍ଡା ପବନ ଓ ବାୟୁମଣ୍ଡଳରେ ଆର୍ଦ୍ରତା କମିବା କାରଣରୁ ମୁହଁ ଶୁଖିଯିବା ସ୍ଥିତିରେ ସ୍କିନ୍‌କୁ କୋମଳ ଓ ସୁସ୍ଥ ରଖିବା ପାଇଁ ମଏଶ୍ଚରାଇଜର୍ ବ୍ୟବହାର କରିବା ଜରୁରୀ। ତେବେ ବଜାରରୁ ଦାମୀ କ୍ରିମ୍ କିଣିବା ପରିବର୍ତ୍ତେ ଘରେ ମଧ୍ୟ କିଛି ସହଜ ଉପାଦାନରେ ପ୍ରାକୃତିକ ମଏଶ୍ଚରାଇଜର୍ ପ୍ରସ୍ତୁତ କରିପାରିବା, ଆସନ୍ତୁ ଜାଣିବା...

ଆବଶ୍ୟକ ସାମଗ୍ରୀ:
ଘରେ ଏହି ମଏଶ୍ଚରାଇଜର୍ ପ୍ରସ୍ତୁତ କରିବା ପାଇଁ ୨ ବଡ଼ ଚାମଚ ଶିଆ ବଟର୍, ୧ ବଡ଼ ଚାମଚ ନଡ଼ିଆ ତେଲ, ୧ ବଡ଼ ଚାମଚ ମିଠା ବାଦାମ ତେଲ ଏବଂ ୫ରୁ ୬ ଡ୍ରପ୍ ଭିଟାମିନ୍-ଇ ତେଲ ଆବଶ୍ୟକ। ଏହାସହ ମିଶ୍ରଣକୁ ଗାଢ଼ କରିବା ପାଇଁ ଚାହିଁଲେ ଗୋଟିଏ ଛୋଟ ଚାମଚ ମହୁମାଛି ମହମ ବ୍ୟବହାର କରିପାରିବେ। ସୁଗନ୍ଧ ପାଇଁ ଲାଭେଣ୍ଡର୍ କିମ୍ବା ଗୋଲାପ ଏସେନ୍ସିଆଲ୍ ଅଏଲ୍ ମଧ୍ୟ ବ୍ୟବହାର କରାଯାଇପାରିବେ। ତେବେ ସମ୍ବେଦନଶୀଳ ତ୍ୱଚା ପାଇଁ ସୁଗନ୍ଧିତ ତେଲ ବ୍ୟବହାର ନକରିବା ଭଲ।

ପ୍ରସ୍ତୁତି:
ପ୍ରଥମେ ଏକ ପାତ୍ରରେ ଶିଆ ବଟର୍, ନଡ଼ିଆ ତେଲ ଓ ମହମ ପକାନ୍ତୁ। ଏହାକୁ ଡବଲ୍ ବଏଲର୍ ପଦ୍ଧତିରେ ଅଳ୍ପ ତାପରେ ତରଳାନ୍ତୁ। ସମସ୍ତ ସାମଗ୍ରୀ ଭଲଭାବେ ମିଶିଯିବା ପରେ ପାତ୍ରକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ମିଶ୍ରଣ ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ବାଦାମ ତେଲ ଓ ଭିଟାମିନ୍-ଇ ତେଲ ମିଶାନ୍ତୁ। ଏହାପରେ ମିଶ୍ରଣକୁ ଭଲଭାବେ ଫେଣ୍ଟନ୍ତୁ। ଏହା କ୍ରିମ୍ ଭଳି ହୋଇଗଲେ ଏକ ସଫା ଓ ଶୁଖିଲା କାଚ ପାତ୍ରରେ ଭରି ରଖନ୍ତୁ।

ମୁହଁ ପାଇଁ ଉପକାରୀ:
ଶିଆ ବଟର୍ ଚର୍ମର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ। ବାଦାମ ତେଲରେ ଭିଟାମିନ୍-ଇ ରହିଥାଏ, ଯାହା ତ୍ୱଚାର ଯତ୍ନ ନେବାରେ ଉପଯୋଗୀ। ସେହିପରି ନଡ଼ିଆ ତେଲ ଚର୍ମକୁ କୋମଳ ରଖିବାରେ ସାହାଯ୍ୟ କରିପାରେ। ମହମ ଚର୍ମ ଉପରେ ଏକ ପତଳା ଆବରଣ ସୃଷ୍ଟି କରି ଆର୍ଦ୍ରତା ହ୍ରାସକୁ କମାଇପାରେ।

ମଏଶ୍ଚରାଇଜର୍ ଲଗାଇବାର ସମୟ:
ଗାଧୋଇବା ପରେ ତ୍ୱଚା ସାମାନ୍ୟ ଓଦା ଥିବାବେଳେ ମଏଶ୍ଚରାଇଜର୍ ଲଗାଇବା ଅଧିକ ଉପଯୋଗୀ। ଏହାଦ୍ୱାରା ଚର୍ମରେ ଆର୍ଦ୍ରତା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିପାରେ। ତେବେ ପ୍ରଥମେ ହାତର ଛୋଟ ଅଂଶରେ ଲଗାଇ ପରୀକ୍ଷା କରିବା ଉଚିତ। କାରଣ ପ୍ରାକୃତିକ ସାମଗ୍ରୀ ମଧ୍ୟ କେତେକ ଲୋକଙ୍କ ତ୍ୱଚାରେ ଆଲର୍ଜି ସୃଷ୍ଟି କରିପାରେ।

ଧ୍ୟାନ ଦିଅନ୍ତୁ:
ଶୀତଦିନେ ଅତ୍ୟଧିକ ଗରମ ପାଣିରେ ନଗାଧୋଇ ହାଲୁକା ଉଷୁମ ପାଣି ବ୍ୟବହାର କରନ୍ତୁ। ଚର୍ମକୁ ଜୋରରେ ଘଷନ୍ତୁ ନାହିଁ। ଅଧିକ ସୁଗନ୍ଧଯୁକ୍ତ ସାବୁନ୍ ପରିବର୍ତ୍ତେ କୋମଳ କ୍ଲେନଜର୍ ବ୍ୟବହାର କରନ୍ତୁ। ପ୍ରଚୁର ପାଣି ପିଇବା ସହ ଖାଦ୍ୟରେ ଫଳ, ବାଦାମ ଓ ମଞ୍ଜିଜାତୀୟ ଖାଦ୍ୟ ସାମିଲ କରନ୍ତୁ।

ଘରେ ତିଆରି ମଏଶ୍ଚରାଇଜର୍‌ରେ ପ୍ରିଜର୍ଭେଟିଭ୍ ନଥିବାରୁ ଏହାକୁ ସଫା, ଶୁଖିଲା ଓ ବାୟୁରୋଧୀ ପାତ୍ରରେ ରଖିବା ଆବଶ୍ୟକ। ରଙ୍ଗ, ଗନ୍ଧ କିମ୍ବା ଗଠନରେ ପରିବର୍ତ୍ତନ ଦେଖାଦେଲେ ବ୍ୟବହାର କରନ୍ତୁ ନାହିଁ। ତେଲିଆ କିମ୍ବା ବ୍ରଣପ୍ରବଣ ତ୍ୱଚା ପାଇଁ ଏହି ମିଶ୍ରଣ ଉପଯୁକ୍ତ ନହୋଇପାରେ। ଚର୍ମରେ ସମସ୍ୟା ଲାଗିରହିଲେ ଚର୍ମରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।



ମା' ହେଲେ ସାମନ୍ଥା



ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବଂ ଚଳଚ୍ଚିତ୍ର ନିର୍ମାତା ରାଜ ନିଡିମୋରୁଙ୍କ ଜୀବନରେ ଖୁସିର ମୁହୂର୍ତ୍ତ ଆସି ପହଞ୍ଚିଛି। ଏହି ଦମ୍ପତି ପିତାମାତା ହେବାର ସୌଭାଗ୍ୟ ପାଇଛନ୍ତି। ନଭେମ୍ବର ୧୯ରେ ସାମନ୍ଥା ଏବଂ ରାଜ ଏକ ପୁତ୍ର ସନ୍ତାନକୁ ସ୍ୱାଗତ କରିଛନ୍ତି। ସେମାନେ ସୋସିଆଲ ମିଡିଆ ମାଧ୍ୟମରେ ନିଜ ପ୍ରଶଂସକଙ୍କ ସହ ଏହି ଖୁସି ଖବର ବାଣ୍ଟିଛନ୍ତି, ଯେଉଁଥିରେ ସେମାନେ ନିଜ ପୁତ୍ରର ପ୍ରଥମ ଝଲକ ଦେଖାଇବା ସହ ତା'ର ନାମ ମଧ୍ୟ ଘୋଷଣା କରିଛନ୍ତି।

ସାମନ୍ଥା ଏବଂ ରାଜ ଇନଷ୍ଟାଗ୍ରାମରେ ନିଜ ପୁତ୍ରର ପ୍ରଥମ ଫଟୋ ଶେୟାର କରିଛନ୍ତି। ଏହି ଫଟୋରେ ଦମ୍ପତି ନିଜ ଶିଶୁର ଛୋଟ ହାତକୁ ଧରିଥିବାର ଦେଖିବାକୁ ମିଳୁଛି। ଯଦିଓ ସେମାନେ ଏପର୍ଯ୍ୟନ୍ତ ଶିଶୁର ମୁହଁ ଦେଖାଇ ନାହାନ୍ତି, ତଥାପି ସେମାନେ ତା'ର ନାମ ଦେବ ନିଡିମୋରୁ ଦେଇଥିବା ସମସ୍ତଙ୍କୁ ଜଣାଇଛନ୍ତି।

ଫଟୋ ସହିତ ଦମ୍ପତି ପୋଷ୍ଟ ଲେଖିଛନ୍ତି, ଆମର ପ୍ରିୟ ପୁତ୍ର ଦେବ ନିଡିମୋରୁ, ୧୯.୧୧.୨୦୨୬। ଆମ ହୃଦୟ ଆଜି ଅତ୍ୟଧିକ ଖୁସିରେ ଭରିଯାଇଛି। ସାମନ୍ଥା ଏବଂ ରାଜଙ୍କ ଏହି ପୋଷ୍ଟ ପରେ ପ୍ରଶଂସକ ଏବଂ ଚଳଚ୍ଚିତ୍ର ଜଗତର ଅନ୍ୟ କଳାକାରମାନେ ଷ୍ଟାର ଦମ୍ପତିଙ୍କୁ ପିତାମାତା ହେବା ନେଇ ଅଭିନନ୍ଦନ ଜଣାଉଛନ୍ତି।

ସାମନ୍ଥା ଏବଂ ରାଜ ପିତାମାତା ହେବା ଖବର ପାଇବା ପରେ ପ୍ରଶଂସକମାନେ ସେମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ଅନନ୍ୟା ପାଣ୍ଡେ, ନୟନତାରା ଏବଂ ତମନ୍ନା ଭାଟିଆଙ୍କ ସମେତ ଅନେକ ତାରକା ମଧ୍ୟ ସୋସିଆଲ ମିଡିଆ ମାଧ୍ୟମରେ ନିଜର ଶୁଭେଚ୍ଛା ଜଣାଇଛନ୍ତି। ସାମନ୍ଥା ଏବଂ ରାଜ ୨୦୨୬ ଜୁନ୍ ମାସରେ ସେମାନଙ୍କ ଗର୍ଭଧାରଣର ଖବର ନିଶ୍ଚିତ କରିଥିଲେ। ସେବେଠାରୁ ପ୍ରଶଂସକମାନେ ଏହି ଦମ୍ପତିଙ୍କ ସନ୍ତାନର ଆଗମନକୁ ଉତ୍ସାହର ସହ ଅପେକ୍ଷା କରିଥିଲେ। ବର୍ତ୍ତମାନ ପୁତ୍ର ସନ୍ତାନର ଜନ୍ମ ସହିତ ସାମନ୍ଥା ଏବଂ ରାଜଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି।

କାହିଁକି ସିନ୍ଦୂର ପିନ୍ଧନ୍ତି ହିନ୍ଦୁ ବିବାହିତା



ବିବାହ ଏକ ପବିତ୍ର ବନ୍ଧନ। ଏହି ବନ୍ଧନରେ ଦୁଇ ଆତ୍ମା ଯୋଡ଼ି ହୋଇ ଗୋଟାଏ ନୂଆ ଦୁନିଆ ସୃଷ୍ଟି କରନ୍ତି। ତେବେ ଦୁଇଟି ଆତ୍ମାକୁ ଗୋଟାଏ ଡୋରୀରେ ବାନ୍ଧି ରଖିବା ପାଇଁ ଆମ ହିନ୍ଦୁ ବିବାହରେ ଗୁଡ଼ାଏ ରୀତିନୀତି ରହିଛି। ସେଥିମଧ୍ୟରୁ ଗୋଟାଏ ହେଉଛି 'ସନ୍ଦୂର ଦାନ'।

ହିନ୍ଦୁ ବିବାହ ସମୟରେ ସିନ୍ଦୂର ଦାନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଧି। ଯାହା ଜଣେ ମହିଳାଙ୍କ ବୈବାହିକ ଜୀବନର ଆରମ୍ଭ ଏବଂ ସଧବା ନାରୀର ପ୍ରତୀକ। ବିଶ୍ୱାସ କରାଯାଏ ଯେ, ହିନ୍ଦୁ ଧର୍ମରେ ସିନ୍ଦୂର ପ୍ରେମ, ଆବେଗ ଏବଂ ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରେ। ସିନ୍ଦୂରର ଲାଲ ରଙ୍ଗ ହିନ୍ଦୁ ସଂସ୍କୃତିରେ ପ୍ରେମ ଏବଂ ଶକ୍ତିକୁ ସୂଚିତ କରେ।

ସିନ୍ଦୂର ଦାନ କନ୍ୟାର ବୈବାହିକ ଜୀବନରେ ପ୍ରବେଶକୁ ସୂଚିତ କରେ। ସିନ୍ଦୂର ଲଗାଇବା ଦ୍ୱାରା କନ୍ୟା ସୁମଙ୍ଗଳୀରେ ପରିଣତ ହୁଏ। ଅର୍ଥାତ ଏହି ସିନ୍ଦୂର ହିଁ ଜଣାଇ ଦେଇଥାଏ ହିନ୍ଦୁ ନାରୀଙ୍କ ସ୍ୱାମୀ ଜୀବିତ ବୋଲି। ଏହା ସ୍ୱାମୀଙ୍କ ଦୀର୍ଘ ଜୀବନ ପାଇଁ ଆଶୀର୍ବାଦ। ପ୍ରତିଦିନ ସିନ୍ଦୂର ଲଗାଇବା ଅର୍ଥ ହେଉଛି ସ୍ୱାମୀଙ୍କ ପାଇଁ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରିବା।

ସିନ୍ଦୂରକୁ ଶକ୍ତିର କେନ୍ଦ୍ର ଭାବରେ ବିବେଚନା କରାଯାଇଥିବା କପାଳରେ ହିଁ ଧାରଣ କରାଯାଏ। ବିଶ୍ୱାସ କରାଯାଏ ଯେ କପାଳରେ ଯେଉଁ ନାରୀର ସିନ୍ଦୂର ଥାଏ ସେ ନାରୀ ଖୁବ୍ ଶକ୍ତିଶାଳୀ।

କେବଳ ପୌରାଣିକ ଦୃହେଁ ଏହା ମହିଳାଙ୍କ ସୌନ୍ଦର୍ଯ୍ୟ ଏବଂ ଆକର୍ଷଣକୁ ବୃଦ୍ଧି କରେ ବୋଲି ମଧ୍ୟ ବିଶ୍ୱାସ କରାଯାଏ। ବିଧି ଅନୁସାରେ, ବର ସିନ୍ଦୂର ଲଗାଇବା ସମୟରେ ଏକ ମନ୍ତ୍ର ଉଚ୍ଚାରଣ କରନ୍ତି। କନ୍ୟାକୁ ଆଶୀର୍ବାଦ ଦିଅନ୍ତି ଏବଂ ତାଙ୍କର ସୌଭାଗ୍ୟ ବୃଦ୍ଧି କରନ୍ତି। ଅନେକ ବିବାହିତ ମହିଳା ପ୍ରତିଦିନ ସିନ୍ଦୂର ଲଗାଇ ଚାଲିଥାନ୍ତି, ପ୍ରାୟତଃ ଏହି ବିଶ୍ୱାସ ସହିତ ଯେ ଏହା ସେମାନଙ୍କ ସ୍ୱାମୀମାନଙ୍କୁ ସୁରକ୍ଷା ଦିଏ। ସିନ୍ଦୂର ଦାନ କେବଳ ଏକ ରୀତି ନୁହେଁ ଏହା ହିନ୍ଦୁ ପରମ୍ପରାରେ ପ୍ରେମ, ପ୍ରତିବଦ୍ଧତା ଏବଂ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସ୍ଥାୟୀ ବନ୍ଧନର ପ୍ରତୀକ।

ଯେମିତି କାଶ ହେଉ ଘଣ୍ଟାକରେ ଗାଏବ

ଶୀତ ଦିନେ ଘରେ ଘରେ ଥଣ୍ଡା କାଶ, ଜ୍ୱର ହେବା ସ୍ୱାଭାବିକ। ଏବେ ତ ଏମିତି ଜ୍ୱର ହେଉଛି, ଏଭଳି କାଶ ହେଉଛି ଯେ ଥରେ ଆରମ୍ଭ ହେଲେ ଭଲ ହେବା ନା ନେଉନି। ଜ୍ୱର ଭଲ ହୋଇଯିବା ପରେ ବି କାଶ, ଲହରା କାଶ ଲାଗି ରହୁଛି। ପୂରା ଆକ୍ତ୍ରାମାକ୍ତ୍ରା କରିପକାଉଛି। ହେଲେ ଏପରି କିଛି ଘରୋଇ ଉପଚାର ଅଛି, ଯାହା ଦୀର୍ଘଦିନର ଶୁଖିଲା ଲହରା କାଶ ବା ଥଣ୍ଡା କାଶକୁ ଘଣ୍ଟାରେ ଭଲ କରିଦେବାର ନଜିର ରହିଛି। ଆସନ୍ତୁ ଜାଣିବା...



ଆବଶ୍ୟକ ସାମଗ୍ରୀ:
ଗୋଲମରିଚ, କଳା ଲୁଣ, ଜୁଆଣି, ଅଳେଇଚ, ଅଦା, ଗୁଡ଼।

ପ୍ରସ୍ତୁତି ତରିକା:
ଗୋଟେ ଚାମଚର ୪ ଭାଗରୁ ଭାଗେ(୧/୪) ଗୋଲମରିଚ ଗୁଣ୍ଡ, ୧/୪ କଳା ଲୁଣ, ୧ ଚାମଚ ଜୁଆଣି, ୪ ଚାମଚ ଛେଚା ଅଦା, ୪ରୁ ୫ଟି ଅଳେଇଚ ଗୁଣ୍ଡା ଏସବୁକୁ ମିଶାଇବା ପରେ ୪ରୁ ୫ ଚାମଚ ଗୁଡ଼ ନିଅନ୍ତୁ।

ଚୁଲାରେ ଧୂମା ଆଞ୍ଚରେ ଏକ ପାତ୍ରରେ ଗୁଡ଼କୁ ପ୍ରଥମେ ଗରମ କରନ୍ତୁ। ଏହା ତରଳିବା ସମୟରେ ଏହାକୁ ଲଗାତାର ଘାଣ୍ଟନ୍ତୁ। ଏହା ଟିକେ ବହଳ ହୋଇଆସିଲେ ଏଥିରେ ପ୍ରସ୍ତୁତ କରି ରଖିଥିବା ସବୁ ଗୁଣ୍ଡକୁ ମିଶାନ୍ତୁ। କେଇ ସେକେଣ୍ଡ ଘାଣ୍ଟି ଏହାକୁ ଭଲ ଭାବେ ମିଶାଇ ଦେବା ପରେ ଏହାକୁ ଗ୍ୟାସରୁ କାଢ଼ିନେଇ ଥଣ୍ଡା କରନ୍ତୁ ଏବଂ ଏହି ମିଶ୍ରଣକୁ ଏକ କାଚ ବୋତଲରେ ରଖନ୍ତୁ। ଏହା ଗୋଟେ ପ୍ରକାର ସିରପ୍ ଭଳି ହୋଇଯିବ, ଯାହାକୁ ଆପଣ ସକାଳେ ଏବଂ ରାତିରେ ଶୋଇବାକୁ ଯିବା ଆଗରୁ ଅଧ ଚାମଚ ଖାଆନ୍ତୁ। ଯଦି ଅଧିକ କାଶ ହେଉଥାଏ ତେବେ କାଶ ସମୟରେ ନେଇପାରିବେ। ନେବାର ୧୦ ମିନିଟରେ ଉପଶମ ମିଳିବ। କାଶ ଦୀର୍ଘଦିନର ହୋଇଥିଲେ ଏହାକୁ ଲଗାତାର ୨୧ ଦିନ ନିଅନ୍ତୁ। ଉପଶମ ମିଳିବ।

ଏହାକୁ ୧୦ ବର୍ଷରୁ ଅଧିକ ବୟସର ପିଲାଙ୍କୁ ଦିଆଯାଇପାରିବ ଏବଂ ପରିମାଣ କମାଇ ଚାମଚର ଏକ ଚତୁର୍ଥାଂଶ ଦେବେ। ଏହାକୁ ନେବା ସମୟରେ ଉଷୁମ ପାଣି ପିଇପାରିବେ। ଏହାକୁ ନେବା ସମୟରେ ଥଣ୍ଡା କି ଖଟାଜିଆ ଜିନିଷ ଖାଇବେ ନାହିଁ। ଦେଖିବେ ସପ୍ତାହର ବ୍ୟବହାରରେ ହିଁ ଆପଣଙ୍କ କାଶ ଗାଏବ ହୋଇଯିବ।

କିପରି କଟିବ ଆଜିର ଦିନ

୨୧ ନଭେମ୍ବର ୨୦୨୬

ମେଷ: ବନ୍ଧୁଙ୍କ ସହାୟତାରେ ଅର୍ଥ, ଜମିଜମା, ବିଦ୍ୟୁତ୍ ଉପକରଣାଦି ଲାଭର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇପାରେ। ସଞ୍ଚୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହିବେ।

ବୃଷ: ପଡ଼ୋଶୀ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେନି। ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବେ।

ମିଥୁନ: ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସାହିତ୍ୟ, ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ଶୁଭଫଳ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

କର୍କଟ: ସବୁ କଥା ଚିନ୍ତା କରି କାମ ନକଲେ କଳହ ଲାଗିପାରେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରି ଖୁସି ହେବେ।

ସିଂହ: ନିଜର ଅସାମର୍ଥ୍ୟଜନିତ ଅସହାୟତାକୁ ବନ୍ଧୁଙ୍କ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କୃତ୍ତିକା ନକ୍ଷତ୍ର ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇବେନି। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ପାଇବେ।

କନ୍ୟା: କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁନଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ କଳହର ଆଶଙ୍କା ରହିଛି।

ତୁଳା: ସୁଖ, ସମ୍ମାନ ପାଇବା ସାଙ୍ଗକୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇଯିବ। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ସାହାଯ୍ୟ କରିପାରିବେନି।

ବିଛା: ଅଟୁକୁଳ ସମୟର ଆଗମନରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ । ଦୋକାନ, ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ। ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

ଧନୁ: ନିଜ ଲୋକ ବିରୋଧ କରିପାରନ୍ତି। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

ମକର: ପାରିବାରିକ ସହଯୋଗରୁ କାର୍ଯ୍ୟସିଦ୍ଧି ହେତୁ ମାନସିକ କ୍ଷେତ୍ରକୁ ସ୍ଥିରତା ଆସିବ। ଉପରିସ୍ଥ ଅଧିକାରୀ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

କୁମ୍ଭ: ଆଜି ଯେଉଁ କାମ ଆରମ୍ଭ କରିବେ ତାହା ନିର୍ବିଘ୍ନରେ ସମାପନ ହେବ। ପାରିବାରିକ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତିରେ ସମସ୍ୟା ସମାଧାନ ହୋଇଯିବ।

ମୀନ: ପିଲାଙ୍କ ସମସ୍ୟା ସମାଧାନଜନିତ ମନ ଅସ୍ଥିର ରହିପାରେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଉପୁଜିପାରେ।

ମାଧ୍ୟମିକ ଶିକ୍ଷକଙ୍କ ଏକାଧିକ ଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ପ୍ରସଙ୍ଗ

ନୂତନ ନିୟମାବଳୀ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି: ଗଣଶିକ୍ଷା ମନ୍ତ୍ରୀ

ଖୋର୍ଦ୍ଧା,୨୦।୧୧ (ନିପ୍ର):ଓଡ଼ିଶା ବିଧାନସଭାରେ ମାଧ୍ୟମିକ ଶିକ୍ଷକମାନଙ୍କ ଏକାଧିକ ଥର ଆନ୍ତଃଜିଲ୍ଲା ପାରସ୍ପରିକ ବଦଳି ସମ୍ପର୍କିତ ଦୀର୍ଘଦିନର ଦାବି ଉଠିଛି। ଏହି ପ୍ରସଙ୍ଗରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏବଂ ବସ୍ତା ବିଧାୟିକା ସୁବାସିନୀ ଜେନା ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ମତାମତ ଲୋଡ଼ିଥିଲେ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ପଷ୍ଟ କରିଛନ୍ତି ଯେ, ମାଧ୍ୟମିକ ଶିକ୍ଷକଙ୍କ ପାରସ୍ପରିକ ବଦଳି ନିମନ୍ତେ ନୂତନ ନିୟମାବଳୀ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି।

ତେଣୁ ଏହି ସୂଚନା ଦୀର୍ଘଦିନ ଧରି ଏକାଧିକ ଥର ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ସୁବିଧା ଅପେକ୍ଷାରେ ଥିବା ଶିକ୍ଷକମାନଙ୍କ ମଧ୍ୟରେ ନୂତନ ଆଶା ସୃଷ୍ଟି କରିଛି ।ଏହି ଦାବିକୁ ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷକ ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ସଂଘ (ଓଏସ୍‌ଟିଏମ୍‌ଟିଏ) ଦୀର୍ଘଦିନ ଧରି ନିରନ୍ତର ଉଦ୍ୟମ କରିଆସୁଛି। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ବିଭାଗୀୟ ସଚିବ, ବିଧାୟକ ଏବଂ ବିଧାନସଭାର ଷ୍ଟାଣ୍ଡିଂ କମିଟିଙ୍କ ନିକଟରେ ଏକାଧିକ ଥର ଦାବିପତ୍ର ଓ ସ୍ମାରକପତ୍ର ପ୍ରଦାନ କରାଯାଇଛି।ଓଏସ୍‌ଟିଏମ୍‌ଟିଏର ମୁଖ୍ୟ ଯୁକ୍ତି ହେଉଛି, ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ଦୁଇଜଣ ଯୋଗ୍ୟ ଶିକ୍ଷକଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ପାରସ୍ପରିକ ବଦଳି ବ୍ୟବସ୍ଥା ହୋଇଥିବାରୁ ଏଥିପାଇଁ କୌଣସି ନୂତନ ପଦବୀ ସୃଷ୍ଟି କିମ୍ବା ସରକାରଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ ନାହିଁ। ବିଷୟଭିତ୍ତିକ ଯୋଗ୍ୟତା, ଅନୁମୋଦିତ ପଦବୀ, ବିଦ୍ୟାଳୟର ଶିକ୍ଷକ ସଂଖ୍ୟା ଓ ବିଭାଗୀୟ ଅନୁମୋଦନ ଭଳି ସର୍ତ୍ତାବଳୀ ଆଧାରରେ ଏହାକୁ ସୁସଂଗଠିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ।

ବର୍ତ୍ତମାନର ବ୍ୟବସ୍ଥାରେ ସମଗ୍ର ଚାକିରି ଜୀବନରେ କେବଳ ଥରେ ଆନ୍ତଃଜିଲ୍ଲା ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ସୁଯୋଗ ରହିଥିବାରୁ ଅନେକ ଶିକ୍ଷକ ପରବର୍ତ୍ତୀ ସମୟରେ ସୃଷ୍ଟି ହେଉଥିବା ପାରିବାରିକ ଓ ସାମାଜିକ ପରିସ୍ଥିତିରେ ନିଜ ଜିଲ୍ଲାକୁ ଫେରିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ତେଣୁ ଶିକ୍ଷକମାନଙ୍କ ଦୃଢ଼ ଦାବି ହେଉଛି ଯେ, ଆଗାମୀ ନୂତନ ବଦଳି ନିୟମାବଳୀରେ ସମଗ୍ର ଚାକିରି ଜୀବନରେ କେବଳ ଥରେ ଆନ୍ତଃଜିଲ୍ଲା ମ୍ୟୁଚୁଆଲ୍ ଟ୍ରାନ୍ସଫର୍ କରିବାର ସର୍ତ୍ତକୁ ହଟାଇ ଯୋଗ୍ୟତା ଓ ବିଭାଗୀୟ ନିୟମାବଳୀ ଆଧାରରେ ଏକାଧିକ ଥର ପାରସ୍ପରିକ ବଦଳିର ସୁଯୋଗ ପ୍ରଦାନ କରାଯାଉ। ନୂତନ ନିୟମରେ ଶିକ୍ଷକମାନଙ୍କ ଦୀର୍ଘଦିନର ଦାବିକୁ ସରକାର ସକାରାତ୍ମକ ଭାବେ ବିଚାର କରି ଏକାଧିକ ଥର ଆନ୍ତଃଜିଲ୍ଲା ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ସୁବିଧା ପ୍ରଦାନ କରିବେ ବୋଲି ଶିକ୍ଷକ ମହଲରେ ଆଶା ପ୍ରକାଶ ପାଇଛି।

ନୟାଗଡ଼ରେ କଟକର ଐତିହାସିକ ବାଲିଯାତ୍ରା ରଥ



ନୟାଗଡ଼, ୨୦।୧୧ (ନି.ପ୍ର): କଟକର ଐତିହାସିକ ବାଲିଯାତ୍ରା ରଥ ନୟାଗଡ଼ରେ ପହଞ୍ଚିଛି। ଚଳିତ ନଭେମ୍ବର ମାସ ୨୪ ତାରିଖରୁ କଟକ ବାଲିଯାତ୍ରା ପଡ଼ିଆରେ ୧୦ ଦିନ ବ୍ୟାପୀ ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବ । ବାଲିଯାତ୍ରାର ପ୍ରଚାର ପ୍ରସାର ପାଇଁ କଟକ ଠାରୁ ବାହାରି ଥିବା ଏକ ଆକର୍ଷଣୀୟ ରଥ ବିଭିନ୍ନ ଜିଲ୍ଲା ପରିକ୍ରମା କରୁଅଛି । ଏହି ଅବସରରେ ବାଲିଯାତ୍ରା ରଥ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ସେଠାରେ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୂୟାଁ ରଥକୁ ସ୍ୱାଗତ କରିଥିଲେ ଏଥିସହିତ ନୟାଗଡ଼ର ଜନସାଧାରଣ ବାଲିଯାତ୍ରା ରଥକୁ ଦେଖି ଖୁସି ପ୍ରକଟ କରିଥିଲେ।

ମେଡିକାଲଛକ ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ

ଚାରିଛକ, ୨୦।୧୧ (ନି.ପ୍ର): ଚାରିଛକ ମେଡିକାଲଛକସ୍ଥିତ ଶ୍ରୀ ଶ୍ରୀ ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ ଗୁରୁବାରଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବଜାର କମିଟି ସଭାପତି ଦେବୀ ପ୍ରସାଦ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବାର୍ଷିକ ଉତ୍ସବରେ ସମସ୍ତ ବ୍ୟବସାୟୀମାନେ ଯୋଗଦେଇ ସହଯୋଗ କରିଥିଲେ । ଠାକୁରଙ୍କ ପୂଜକ ମନୋରଂଜନ ବାନାର୍ଜୀ(ଟୁକୁଲା ଭାଇନା)ଓ ପ୍ରଦୀପ୍ତ ପାଣି ଠାକୁରଙ୍କ ମାର୍ଜନା ,ହୋମଯଜ୍ଞ ଓ ପୂର୍ଣ୍ଣାହୁତୀ ପରେ ମେଳା ବନ୍ଦା ହୋଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସଂନ୍ଧ୍ୟା,ପ୍ରବଚନ ଆଦି ପରିବେଷଣ କରାଯାଇଥିଲା । ସଂନ୍ଧ୍ୟାରେ ନିକଟସ୍ଥ ବ୍ରହ୍ମେଶ୍ୱରଙ୍କ ମନ୍ଦିରରେ ସ୍ଥାନୀୟ ଅଂଚଳର ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



ପିଏମଶ୍ରୀ କୁଞ୍ଜବିହାରୀ ନୋଡାଲ ହାଇସ୍କୁଲ ପରିସରରେ ଶ୍ରମଦାନ ଦିବସ ପାଳିତ

କଣ୍ଟିଲୋ, ୨୦।୧୧ (ନି.ପ୍ର): କଣ୍ଟିଲୋ ସ୍ଥିତ ପିଏମଶ୍ରୀ କୁଞ୍ଜବିହାରୀ ନୋଡାଲ ହାଇସ୍କୁଲ ପରିସରରେ ଗତ ମଙ୍ଗଳବାର ଦିନ ଶ୍ରମଦାନ ଦିବସ ଏବଂ ସ୍ୱଚ୍ଛତା ପକ୍ଷ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଶ୍ମିତା ସାହୁ, ସଭ୍ୟ ସଭ୍ୟା, ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସାମୂହିକ ଭାବେ ଶ୍ରମଦାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଦ୍ୟାଳୟ ପରିସର ସଫାସୁତୁରା କରିବା ସହ ଶ୍ରେଣୀଗୃହ, ଖେଳପଡ଼ିଆ ଓ ଚାରିପାଖର ପରିବେଶକୁ ପରିଷ୍କାର କରାଯାଇଥିଲା।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶ୍ରମର ମହତ୍ତ୍ୱ, ସ୍ୱଚ୍ଛତା ଓ ସାମୂହିକ ସହଯୋଗର ଶିକ୍ଷା ଦିଆଯାଇଥିଲା। ନିଜ ପରିବେଶକୁ ସଫା ରଖିବା ପ୍ରତ୍ୟେକଙ୍କର ଦାୟିତ୍ୱ ବୋଲି ଶିକ୍ଷକମାନେ ମତବ୍ୟକ୍ତ କରିଥିଲେ। ଶ୍ରମଦାନ ଦ୍ୱାରା ସମାଜରେ ଏକତା, ସହଯୋଗ ଓ ସେବା ମନୋଭାବ ବୃଦ୍ଧି ପାଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରମ ପ୍ରତି ସମ୍ମାନ ଓ ସାମାଜିକ ଦାୟିତ୍ୱବୋଧ ସୃଷ୍ଟି କରିଥିଲା।



୩୬ ଗୋରୁ ଉଦ୍ଧାର, ଛଅ ଗିରଫ



ଦଶପଲ୍ଲା, ୨୦।୧୧ (ନି.ପ୍ର): ବାଣିଗୋଛା ଥାନା ଅନ୍ତର୍ଗତ ଦଲକ ଗ୍ରାମ ନିକଟରୁ ଚାରି ଗୋଟି ଗୋରୁ ବୋଝେଇ ପିକ ଅପ ଗାଡି ବାଣିଗୋଛା ପୋଲିସ ଦ୍ୱାରା ଧରାଯାଇଛି। ସୂଚନା ଅନୁସାରେ ବାଣିଗୋଛା ଥାନା ଏ ଏସ ଆଇ ବୀରେନ୍ଦ୍ର କୁମାର ଦେହୁରୀ ପେଟ୍ରୋଲିଙ୍ଗ କରିବା ସମୟରେ ଚକାପାଦ ଦଶପଲ୍ଲା ରାସ୍ତାରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ବେଳେ ଧରା ପଡ଼ିଥିବା ଜଣାପଡିଛି। ଚାରି ପିକ ଅପରୁ ପ୍ରାୟ ୩୬ ଟି ଗୋରୁ ଚାଲାଣ ହେଉଥିବା କଥା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି। ତେବେ ରାୟଗଡା ଜିଲ୍ଲାର ବିଭିନ୍ନ ଗ୍ରାମର ବାସିନ୍ଦା ଖଗେଶ୍ୱର ବାଗ (୩୯), କପିଳାସ ହିଆଲ (୨୩), ନୀଳାମ୍ବର ପାତ୍ର (୨୫), ମାଟି ଦାବିକା (୨୦), ରବି ଢ଼ଙ୍ଗରି (୨୦) ଏବଂ ଦଶପଲ୍ଲା ଥାନା ଅନ୍ତର୍ଗତ କଇଁଆଡିହ ଗ୍ରାମର ନିରଞ୍ଜନ ନାଏକ (୨୮)ଙ୍କୁ ଗିରଫ କରି ବାଣିଗୋଛା ଥାନା କେସ ନଂ ୧୫୩/୨୦୨୬ ରେ ମାମଲା ରୁଜୁ କରି ଗିରଫ କରାଯାଇଛି।

ନୀଳମାଧବ ମନ୍ଦିରରେ ଭକ୍ତଙ୍କ ଭିଡ଼



କଣ୍ଟିଲୋ, ୨୦।୧୧(ନି.ପ୍ର): ପବିତ୍ର କାର୍ତ୍ତିକ ମାସ ଅଁଳା ନବମୀ ଅବସରରେ ରାଧାପାଦ ଦର୍ଶନ ପାଇଁ କଣ୍ଟିଲୋସ୍ଥିତ ପ୍ରସିଦ୍ଧ ଶ୍ରୀ ନୀଳମାଧବ ମନ୍ଦିର ଏବଂ ନିକଟସ୍ଥ ରାଧାମୋହନ ମଠ ପରିସରରେ ଗୁରୁବାର ଦିନ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ପବିତ୍ର ତିଥିରେ ମା ରାଧାରାଣୀଙ୍କ ପାଦ ଦର୍ଶନ କରିବା ପାଇଁ ଭୋର ସମୟରୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।ଅଁଳା ନବମୀ ଦିନ ରାଧାପାଦ ଦର୍ଶନର ଏକ ବିଶେଷ ଧାର୍ମିକ ମହତ୍ତ୍ୱ ରହିଛି। ଏହି ଦିନ ମା ରାଧାରାଣୀଙ୍କ ପାଦ ଦର୍ଶନ କଲେ ପୁଣ୍ୟ ଲାଭ ହୁଏ ବୋଲି ଭକ୍ତମାନଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି। ଏଥିପାଇଁ କଣ୍ଟିଲୋ ସମେତ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଓ ଦୂରଦୂରାନ୍ତରୁ ବହୁ ଭକ୍ତ ମନ୍ଦିରକୁ ଆସିଥିଲେ।ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ମାଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ପବିତ୍ର ଉତ୍ସବକୁ ନେଇ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଉତ୍ସାହ ଓ ଭକ୍ତିର ମାହୋଲ ଦେଖିବାକୁ ମିଳିଥିଲା।

ରାଧାପାଦ ଦର୍ଶନ ପାଇଁ ନୀଳମାଧବ ମନ୍ଦିରରେ ଭକ୍ତଙ୍କ ଭିଡ଼

କଣ୍ଟିଲୋ, ୨୦।୧୧(ନି.ପ୍ର): ପବିତ୍ର କାର୍ତ୍ତିକ ମାସ ଅଁଳା ନବମୀ ଅବସରରେ ରାଧାପାଦ ଦର୍ଶନ ପାଇଁ କଣ୍ଟିଲୋସ୍ଥିତ ପ୍ରସିଦ୍ଧ ଶ୍ରୀ ନୀଳମାଧବ ମନ୍ଦିର ଏବଂ ନିକଟସ୍ଥ ରାଧାମୋହନ ମଠ ପରିସରରେ ଗୁରୁବାର ଦିନ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ପବିତ୍ର ତିଥିରେ ମା ରାଧାରାଣୀଙ୍କ ପାଦ ଦର୍ଶନ କରିବା ପାଇଁ ଭୋର ସମୟରୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।ଅଁଳା ନବମୀ ଦିନ ରାଧାପାଦ ଦର୍ଶନର ଏକ ବିଶେଷ ଧାର୍ମିକ ମହତ୍ତ୍ୱ ରହିଛି। ଏହି ଦିନ ମା ରାଧାରାଣୀଙ୍କ ପାଦ ଦର୍ଶନ କଲେ ପୁଣ୍ୟ ଲାଭ ହୁଏ ବୋଲି ଭକ୍ତମାନଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି। ଏଥିପାଇଁ କଣ୍ଟିଲୋ ସମେତ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଓ ଦୂରଦୂରାନ୍ତରୁ ବହୁ ଭକ୍ତ ମନ୍ଦିରକୁ ଆସିଥିଲେ।ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ମାଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ପବିତ୍ର ଉତ୍ସବକୁ ନେଇ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଉତ୍ସାହ ଓ ଭକ୍ତିର ମାହୋଲ ଦେଖିବାକୁ ମିଳିଥିଲା।

ବାତ୍ୟା 'ଅକ୍ୱାନ୍' ପ୍ରଭାବ

ଅସ୍ତରଙ୍ଗରେ ଉଡେଇଲା କମ୍, ବୁଡେଇଲା ବେଶୀ

ବାତ୍ୟା ଆଶ୍ରୟସ୍ଥଳୀରେ ନ ରହି ଭୋଜି ଖାଇଲେ ଲୋକେ



ଅସ୍ତରଙ୍ଗ,୨୦।୧୧(ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ବାତ୍ୟା ''ଅକୱାନ'' ଲ୍ୟାଣ୍ଡଫଲ୍ କଲା ପରେ ଭୟ ଯେତିକି ଥିଲା, କ୍ଷତି ସେତିକି ହୋଇନାହିଁ। ଗୁରୁବାର ବର୍ଷା ହୋଇଥିବା ବେଳେ ଶୁକ୍ରବାର ବାତ୍ୟା ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହେଲା। ଦିନ ସାରା ତୁହାକୁ ତୁହା ବର୍ଷାରେ ବର୍ଷକର ଆହାର ଉଜୁଡ଼ିବାର ଆଶଙ୍କା ବଢ଼ିଛି। ପ୍ରଶାସନ ଆଗୁଆ ପ୍ରସ୍ତୁତ ଥିଲା, ଅଗ୍ନିଶମ ଓ ଓଡ୍ରାଫ୍ ଟିମ୍ ପ୍ରସ୍ତୁତ ରହିଥିଲେ।ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପଟିଙ୍କ ସୂଚନା ଅନୁଯାୟୀ ୧୯ ତାରିଖରେ ୧୫୦୦, ୨୦ ତାରିଖ ସକାଳ ସୁଦ୍ଧା ୨୦୦୦ ଓ ଅପରାହ୍ନ ସୁଦ୍ଧା ମୋଟ ୩୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୧୯ ଟି ବାତ୍ୟା ଆଶ୍ରୟସ୍ଥଳୀ ସହ ୩୦ ଟି ସ୍କୁଲକୁ ଆଶ୍ରୟସ୍ଥଳୀ କରାଯାଇଥିଲା। ତେବେ ଆଶ୍ରୟସ୍ଥଳୀ ଖୋଲିବାରେ ବିଳମ୍ବ ଅଭିଯୋଗ ଆସିଛି। ୧୯ ତାରିଖ ସନ୍ଧ୍ୟାରେ ଗଣମାଧ୍ୟମରେ ଖବର ପରେ ତାଲା ଖୋଲିଥିଲା। ଡଙ୍ଗାହାରରେ ପ୍ରାୟ ୪୦୦ ବିପନ୍ନ ରହିଥିଲେ। ସନ୍ଧ୍ୟା ସୁଦ୍ଧା ବରିଷ୍ଠ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ସ୍ଥିତି ଅନୁଧ୍ୟାନ କରିଥିଲେ।

୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ନମ୍ବର ୮୨୪୯୩୦୯୯୫୦, ୯୪୩୮୧୭୩୬୩୮ ଜାରି ହୋଇଥିଲେ ମଧ୍ୟ ବାରମ୍ବାର କଲ୍ ସତ୍ତ୍ୱେ ଫୋନ୍ ରିସିଭ୍ ହୋଇନଥିବା ଅଭିଯୋଗ ହୋଇଛି। ବିଡିଓଙ୍କ ଖାମଖିଆଲି ଓ ଫୋନ୍ ନ ଉଠାଇବା ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ''ଅର୍ଣ୍ଣବ'' ବାତ୍ୟା ବେଳେ କାନ୍ଥ ପଡ଼ି ମହିଳା ମୃତ୍ୟୁ ଘଟଣାରେ କାନ୍ଥ ଓ ମହିଳାଙ୍କୁ ଦୋଷ ଦେଇ ଏଡ଼ାଇ ଦିଆଯାଇଥିଲା ବୋଲି ଲୋକେ କହିଛନ୍ତି।ନଗର ରେଡକ୍ରସ ଆଶ୍ରୟସ୍ଥଳୀରେ ଲୋକଙ୍କୁ ଡାକି କେବଳ ୫ ଟଙ୍କିଆ ବିସ୍କୁଟ ଦିଆଯାଇଥିବା ବେଳେ ଅନେକେ ପାଇ ନଥିବା ଅଭିଯୋଗ କରିଛନ୍ତି। ପ୍ରମିଳା ମଲ୍ଲିକଙ୍କ ସହ ଅନ୍ୟ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।ଚାଷ ପାଇଁ ବାତ୍ୟା ବଡ଼ ଝଟକା ଦେଇଛି। କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି ୧୯୫୦ ହେକ୍ଟର ଧାନ କ୍ଷେତ ପାଣିରେ ବୁଡ଼ି ରହିଛି। ଧାନ କାଟି ୩ ଦିନ ମଧ୍ୟରେ ଆଣି ନ ପାରିଥିବା ଚାଷୀଙ୍କୁ ଫସଲ ବୀମା ମିଳିବ। କୌଣସି ଘର ଭାଙ୍ଗିନାହିଁ, ପଶୁ ମରିନାହାନ୍ତି। ପାଣି, ବିଦ୍ୟୁତ୍, ରାସ୍ତା ସ୍ୱାଭାବିକ ରହିଥିଲା। ଅଠିରା ନିକଟରେ ଗଛ ପଡ଼ିବାରୁ ଅଗ୍ନିଶମ ଟିମ୍ ସଫା କରିଥିଲେ।ସ୍ୱାସ୍ଥ୍ୟ ବିଭାଗରେ ୭ ଗର୍ଭବତୀଙ୍କୁ ରଖାଯାଇଥିଲା, ୨ ଜଣଙ୍କ ଡେଲିଭରି ହୋଇଛି। ସିଡିପିଓ ଲୋଚନା ସେଠାଙ୍କ ସୂଚନା ଅନୁଯାୟୀ ୯ ଗର୍ଭବତୀ ଚିହ୍ନଟ ହୋଇଥିଲେ। ଥାନା ଅଧିକାରିଣୀ ରୀତା ବେହେରା କହିଛନ୍ତି କୌଣସି ଅପ୍ରୀତିକର ଘଟଣା ଘଟିନାହିଁ। ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ଶିଆଳ କହିଛନ୍ତି ଗୋଶାଳା ନାହିଁ, ଆଶ୍ରୟସ୍ଥଳୀକୁ ପଶୁ ଆସିନାହାନ୍ତି। ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇନାହାନ୍ତି।ବିଭିନ୍ନ ଗ୍ରାମରୁ ସୂଚନା ମିଳିଛି ଅନେକ ଲୋକ ଆଶ୍ରୟସ୍ଥଳୀରେ ନ ରହି ଘରେ ରହି ଭୋଜି ଭାତ କରିଥିଲେ। । ଏହା ବିପନ୍ନଙ୍କ ସେବା ଗୁହେଁ, ନେତା ଡାକିଲେ ଭୋଜି ଖାଇବାକୁ ବୋଲି ଲୋକେ କହୁଛନ୍ତି। ବାତ୍ୟା ନାଁରେ ସରକାରୀ ଅର୍ଥ ଆତ୍ମସାତ୍ ପାଇଁ ପ୍ରୟାସ ହୋଇଛି କି ନାହିଁ, ତାହା ତଦନ୍ତ ସାପେକ୍ଷ।

ଅସହାୟ ବୃଦ୍ଧ ଦମ୍ପତିଙ୍କୁ ଉଦ୍ଧାର କଲେ ପଞ୍ଚାୟତ ପ୍ରତିନିଧି

ପିପିଲି, ୨୦।୧୧ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ''ଆକଭାନ୍' ର ମୁକାବିଲା ପାଇଁ ଚାରିଆଡ଼େ ପ୍ରଶାସନିକ ପ୍ରସ୍ତୁତି ଜୋରଦାର ହୋଇଥିବା ବେଳେ ବିପଦରେ ପଡ଼ିଥିବା ଅସହାୟ ଲୋକଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି ପଞ୍ଚାୟତ ପ୍ରତିନିଧି ନିରଞ୍ଜନ ଜେନା। ପିପିଲି ବ୍ଲକ ସରସ୍ୱତୀପୁର ପଞ୍ଚାୟତରେ ଜଣେ ୬୫ ବର୍ଷୀୟ ବୃଦ୍ଧା ଓ ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରିଛନ୍ତି ସେ।

ସୂଚନା ଅନୁଯାୟୀ, ସରସ୍ୱତୀପୁର ପଞ୍ଚାୟତର ଦକ୍ଷିଣସାହି ଅଞ୍ଚଳରେ ଭାର୍ଗବୀ ନଦୀବନ୍ଧ କଡ଼ରେ ରହୁଥିବା ୬୫ ବର୍ଷୀୟ ବୃଦ୍ଧା ଭାବି ପାତ୍ର ଓ ତାଙ୍କ ବୃଦ୍ଧ ସ୍ୱାମୀ ସହ ରହୁଥିଲେ । ବାତ୍ୟା ଆଶଙ୍କାରେ ତାଙ୍କ ଘର ଉପରେ ବିପଦ ଆଶଙ୍କା ଥିବାରୁ ଉଭୟଙ୍କୁ ଉଦ୍ଧାର କରିଥିଲେ ସରପଞ୍ଚ ପ୍ରତିନିଧି ନିରଞ୍ଜନ ଜେନା । ଖବର ପାଇବା ମାତ୍ରଙ୍କ। ଥାନା ଅଧିକାରିଣୀ ସସ୍ମିତା ସାହୁ ମଧ୍ୟ ସରପଞ୍ଚ ପ୍ରତିନିଧି ସହ ସହଯୋଗ କରି ଉଭୟ ଙ୍କୁ ସେଠାରୁ ଉଦ୍ଧାର କରି ବନମାଳିପୁର ପ୍ରାଥମିକ ବିଦ୍ୟାଳୟରେ ଖୋଲା ଯାଇଥିବା ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଦୁଇଟି ପରିବାରର ୫ ଜଣ ସଦସ୍ୟଙ୍କୁ ସେଠାରୁ ଉଦ୍ଧାର କରି ବନମାଳିପୁର ପ୍ରାଥମିକ ବିଦ୍ୟାଳୟରେ ଶହେରୁ ଊର୍ଦ୍ଧ୍ୱ ଲୋକ ଆଶ୍ରୟ ନେଇଛନ୍ତି। କେବଳ ଆଶ୍ରୟ ନୁହେଁ, ସେଠାରେ ରହୁଥିବା ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ ସମେତ ଆବଶ୍ୟକୀୟ ସମସ୍ତ ବ୍ୟବସ୍ଥା କରାଯାଇଛି।



ଖୋର୍ଦ୍ଧା ଜିଲ୍ଲାରେ ୪୬୦ ହେକ୍ଟର ଚାଷଜମିର ଫସଲ କ୍ଷତିଗ୍ରସ୍ତ

ଖୋର୍ଦ୍ଧା, ୨୦।୧୧ (ନିପ୍ର): ଘୂର୍ଣ୍ଣିଝଡ଼ 'ଅକ୍ୱାନ୍' ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଖୋର୍ଦ୍ଧା ଜିଲ୍ଲାରେ କୃଷି ଫସଲ ବ୍ୟାପକ ଭାବେ ପ

ପାଦଚିହ୍ନ

ପ୍ରକୃତି ଅପରିମିତ ଜ୍ଞାନର ଭଣ୍ଡାର କିନ୍ତୁ ଏଥିରୁ ଲାଭ ଉଠାଇବାକୁ ହେଲେ ଅନୁଭବ ଆବଶ୍ୟକ ।

ସମ୍ପାଦକୀୟ

ପ୍ରଶଂସନୀୟ ପ୍ରୟାସ

ଯେଉଁ ପ୍ରକୃତି ମଣିଷ ଜୀବନ ପାଇଁ ଆଶ୍ରୟର ଆଧାର, ସେହି ପ୍ରକୃତିର ସଂରକ୍ଷଣ ଓ ସୁରକ୍ଷା ମଧ୍ୟ ମଣିଷର କର୍ତ୍ତବ୍ୟ । ପଶ୍ଚିମ ବଙ୍ଗର ସୁନ୍ଦରବନ ଅଞ୍ଚଳର କେତେକ ମହିଳା ଏହାର ପ୍ରେରଣାଦାୟୀ ଉଦାହରଣ ସାଜିଛନ୍ତି। ଝାରଖାଲୀର ଏହି ମହିଳାମାନେ ସୃଷ୍ଟି କରୁଛନ୍ତି ହେନ୍ତାଳ ବଣ । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସ୍ୱାମୀମାନେ ବାଘ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ସ୍ୱାମୀଙ୍କୁ ହରାଇବା ପରେ ଏହି ମହିଳାଙ୍କୁ ସୁନ୍ଦରବନରୁ ହିଁ ଜୀବନଧାରଣର ଉପାୟ ମିଳିଛି । ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ହେନ୍ତାଳବନ ଆଜି ଗାଁମାନଙ୍କ ପାଇଁ ସାଜିଛି ପ୍ରାକୃତିକ ସୁରକ୍ଷାକବଚ । ମହିଳାଙ୍କର ରୋଜଗାରର ମାଧ୍ୟମ ମଧ୍ୟ ହୋଇଛି । ପରିବେଶକୁ ରକ୍ଷା କରିବା, ପ୍ରକୃତିର ସନ୍ତୁଳନକୁ ସମ୍ମାନ ଦେବା, ତା'ର ବିବିଧତାକୁ ସୁରକ୍ଷିତ ରଖିବା ପ୍ରୟାସ ଏହିଭଳି ଜାରି ରହୁ । ଭବିଷ୍ୟତ ପିଢ଼ି ପାଇଁ ଏହା ସମସ୍ତଙ୍କର ଦାୟିତ୍ୱ । ଅନେକ ମଧ୍ୟ ଏହା ଭୁଲିନଥିବେ ଯେ, ଭିତରକନିକା ରହେନ୍ତାଳବନ ଅତୀତରେ ଓଡ଼ିଶାରେ ଏକ ବାତ୍ୟାର ପ୍ରକୋପକୁ ଅଟକାଇ ଦେଇଥିଲା। ଦେଶର ଭିନ୍ନ ଭିନ୍ନ ଭାଗରେ ପରିବେଶ ସୁରକ୍ଷା ପାଇଁ ପ୍ରୟାସ ଜାରି ରହିଛି । ଫଳରେ ଗଛଲତା ଓ ଜୀବଜନ୍ତୁ କେବଳ ବଞ୍ଚି ରହୁନାହାନ୍ତି, ସମ୍ପୂର୍ଣ୍ଣ ଜୀବନ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେଉଛି ।

> **ଦେଶର ଭିନ୍ନ ଭିନ୍ନ ଭାଗରେ ପରିବେଶ ସୁରକ୍ଷା ପାଇଁ ପ୍ରୟାସ ଜାରି ରହିଛି । ଫଳରେ ଗଛଲତା ଓ ଜୀବଜନ୍ତୁ କେବଳ ବଞ୍ଚି ରହୁନାହାନ୍ତି, ସମ୍ପୂର୍ଣ୍ଣ ଜୀବନ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେଉଛି ।**



ପ୍ରୟାସ କେବେ ବୃଥା ଯାଏନାହିଁ । ଗୁଜରାଟର ଗିର୍ ଜଙ୍ଗଲରେ ଇଣ୍ଡିଆନ ଗ୍ରେ ହର୍ଣ୍ଣବିଲ୍ ପୁଣି ବସା ବାନ୍ଧିବା ଆରମ୍ଭ କରିଛି । ଦୀର୍ଘ ୬୦ ବର୍ଷ ପରେ ଏହା ସମ୍ଭବ ହୋଇଛି । ହର୍ଣ୍ଣବିଲ୍‌କୁ କୁହାଯାଏ ଜଙ୍ଗଲର କୃଷକ । ସେ ଗଛର ଫଳ ଖାଏ ଓ ମଞ୍ଜିଗୁଡ଼ିକୁ ଦୂରଦୂରାନ୍ତରେ ପହଞ୍ଚାଇଦିଏ । ସେହି ମଞ୍ଜିରୁ ଜଙ୍ଗଲରେ ନୂଆ ଗଛ ସୃଷ୍ଟି ହୁଏ । ଆସାମରେ ରହିଛି ସୋନାଲ ରୂପାଇ ବନ୍ୟପ୍ରାଣୀ ଅଭୟାରଣ୍ୟ । ଦିନେ ଏହି ଅଭୟାରଣ୍ୟ ଥିଲା ହାତୀମାନଙ୍କର ଘର। କିନ୍ତୁ ଧୀରେ ଧୀରେ ଜଙ୍ଗଲ ଜମି ଉପରେ ମଣିଷମାନଙ୍କର ଦଖଲ ବଢ଼ିବାକୁ ଲାଗିଲା, ହାତୀମାନେ ଏହି ଜଙ୍ଗଲ ଛାଡ଼ି ଚାଲିଗଲେ। ତେବେ ତିନି ବର୍ଷ ପୂର୍ବେ ଅଭୟାରଣ୍ୟର ଏହି ଜମିକୁ ଅତିକ୍ରମଣ ମୁକ୍ତ କରାଗଲା । ଏବେ ଏହାର ସୁଫଳ ଦେଖିବାକୁ ମିଳୁଛି । ହାତୀମାନେ ପୁଣି ଫେରିଲେଣି ଏହି ଅଭୟାରଣ୍ୟକୁ । ବର୍ଷ ବର୍ଷ ଧରି ଜମି ଜବରଦଖଲ ଯୋଗୁ ସେଠାରେ ହାତୀମାନଙ୍କର ଗହଳି ନଥିଲା, କିନ୍ତୁ ଆଜି ସେଠାରେ ଦଳ ଦଳ ହାତୀ । ଆସାମରେ ମଧ୍ୟ ଆଉ ଏକ ପ୍ରଶଂସନୀୟ ପ୍ରୟାସ ହୋଇଛି ଅତି କ୍ଷୁଦ୍ର ଜୀବ ପିଗ୍‌ମି ହଗ୍‌କୁ ବଞ୍ଚାଇବା ପାଇଁ । ଏଭଳି ଏକ ସମୟ ଥିଲା ଯେତେବେଳେ ଏହି କ୍ଷୁଦ୍ର ଜୀବର ଅସ୍ତିତ୍ୱ ଉପରେ ଦେଖାଯାଇଥିଲା ସଙ୍କଟର କଳା ବାଦଲ। ମାତ୍ର ୬ଟି ପିଗ୍‌ମି ହଗ୍ ରହିଯାଇଥିଲେ । ସେମାନଙ୍କୁ ନେଇ ଆରମ୍ଭ ହୋଇଥିଲା ସଂରକ୍ଷଣ କାର୍ଯ୍ୟକ୍ରମ । ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା ସେମାନଙ୍କୁ । ସେମାନଙ୍କ ବାସସ୍ଥାନ ପାଇଁ ଘାସ ଭୂମିଗୁଡ଼ିକର ଯତ୍ନ ନିଆଯାଇଥିଲା । ଏହି ପ୍ରୟାସ ଫଳରେ ଆଜି ପିଗ୍‌ମି ହଗ୍‌ଙ୍କ ସଂଖ୍ୟା ୬ରୁ ୧୯୦କୁ ବୃଦ୍ଧି ପାଇଛି । ଆସାମର ଆଉ ଏକ କଥା । ସେଠାରେ ଏକ ଦର୍ଲ୍ଲଭ ପକ୍ଷୀ ଦେଖିବାକୁ ମିଳେ ଯାହାକୁ କୁହାଯାଏ ହାଡ଼ଗିଳା ପକ୍ଷୀ । ପରିବେଶକୁ ସଫା ସୁତୁରା ରଖିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏହି ପକ୍ଷୀ। କିନ୍ତୁ ବର୍ଷ ବର୍ଷ ଧରି ଏହି ପକ୍ଷୀ ଅଶୁଭ ବୋଲି ବିବେଚିତ ହେଉଥିଲା। ଲୋକେ ଏହାକୁ ନିଜ ଆଖପାଖରେ ଦେଖିବାକୁ ପସନ୍ଦ କରୁନଥିଲେ। ଯେଉଁ ଗଛରେ ହାଡ଼ଗିଳା ପକ୍ଷୀ ବସା ବାନ୍ଧୁଥିଲା ସେହି ଗଛକୁ କାଟି ଦିଆଯାଉଥିଲା । ଏହି ପକ୍ଷୀ ଭୟର ଶିକାର ହେଉଥିବାବେଳେ ଜୀବବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ ଲୋକଙ୍କ ମନରୁ ଏହି ଭ୍ରାନ୍ତ ଧାରଣା ବଦଳାଇବାକୁ ପ୍ରୟାସ ଆରମ୍ଭ କଲେ । ମହିଳାମାନଙ୍କ ସହ ଆଲୋଚନା କଲେ, ବିଜ୍ଞାନ ଆଧାରରେ ସେମାନଙ୍କୁ ବୁଝାଇଲେ। ଧୀରେ ଧୀରେ ତାଙ୍କର ଏହି ଅଭିଯାନରେ ମହିଳାମାନେ ସାମିଲ ହେଲେ ଏବଂ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଲା । ଯେଉଁ ପକ୍ଷୀକୁ ଦିନେ ଅଶୁଭ ଭାବି ଗାଁମାନଙ୍କରୁ ଘଉଡ଼ାଇ ଦିଆଯାଉଥିଲା, ସେହି ପକ୍ଷୀ ସେହି ଗାଁଗୁଡ଼ିକର ପରିଚୟ ସାଜିଲା । ଏବେ ହଜାର ହଜାର ଗ୍ରାମୀଣମହିଳା 'ହାଡ଼ଗିଳା ଆର୍ମି' ଭାବେ ଏହି ପକ୍ଷୀକୁ ବଞ୍ଚାଇବା ପାଇଁ ଆଗକୁ ବାହାରିଛନ୍ତି । ଦୂର ହୋଇଯାଇଛି ଅନ୍ଧ ବିଶ୍ୱାସ । ଏହା ସ୍ୱୀକାର କରିବାକୁ ହେବ ଯେ, ଅନ୍ଧବିଶ୍ୱାସରୁ ବିଶ୍ୱାସ ପର୍ଯ୍ୟନ୍ତ ଏହି ଯାତ୍ରା ସେତେ ସହଜସାଧ୍ୟ ନଥିଲା । କିନ୍ତୁ ପ୍ରୟାସ ଫଳରେ ଏହା ସମ୍ଭବ ହୋଇପାରିଲା । ଅନେକଥର ଦେଖାଯାଏ ଯେ, ଅନ୍ଧବିଶ୍ୱାସ କେବଳ ଏକ ଭ୍ରାନ୍ତ ଧାରଣା ନୁହେଁ, ଏହା ଡର ସୃଷ୍ଟି କରେ । ଏହି ଡର ମନ ଉପରେ ପ୍ରଭୁତ୍ୱ ବିସ୍ତାର କଲେ ମଣିଷ ସତ୍ୟକୁ ଦେଖିବା ବନ୍ଦ କରିଦିଏ ।

ମନ ଲାଗୁନାହିଁ

ଗୋଟିଏ ମଠରେ ଜଣେ ଶିଷ୍ୟ ସକାଳୁ ଉଠି ଆଶ୍ରମ ପରିସର ଝାଡୁ କରନ୍ତି। ଥରେ ଗୁରୁଦେବଙ୍କୁ ସେ ଏକାନ୍ତରେ ଭେଟିଲା । କହିଲା ଗୁରୁଦେବ ମୋତେ କୌଣସି କାମରେ ମନ ଲାଗୁନାହିଁ। ଯଦି ଝାଡୁ କରୁଛି ମନ ଅନ୍ୟ ଆଡ଼େ ରହୁଛି, ପଢୁଛି ଯଦି ମନ ଅନ୍ୟ ଆଡ଼େ ପଳାଉଛି । ଗୁରୁଦେବ ସହଜ ହସଟିଏ ହସିଲେ । କହିଲେ ଆସ ମୋ ସହିତ ଚା ପିଇବ । ଗୁରୁଦେବ କପ୍‌ଟି ଧରାଇ ସେଥିରେ ଚା' ଢ଼ାଳିଲେ। ଚା' କପ୍‌ଟି ପୂରଣ ହୋଇ ଶିଷ୍ୟଟି ହାତରେ ଢ଼ାଳିଗଲା। ଶିଷ୍ୟଟି କଷ୍ଟରେ କପ୍‌ଟିକୁ ତଳେ ଥୋଇଦେଲା । ଗୁରୁ କହିଲେ ମନ କାମରୁ ଇଆଡ଼େ ସିଆଡ଼େ ପଳାଇଯାଉନି । ମନ ତୁମଠାରୁ ଦୂରକୁ ପଳାଇଯାଉଛି । ଆଜି କେବଳ ଗୋଟିଏ କାମ କର । ଆଶ୍ରମ ପରିସରର ଝଡ଼ିଥିବା ନାଲି ପତ୍ରକୁ ଦେଖାଇ କହିଲେ ଏହି ପତ୍ରଟି ଦେଖ । ଶିଷ୍ୟଟି ପୁରା ମନରେ ପତ୍ରଟିକୁ ଉଠାଇ ଦେଖିଲା ପତ୍ରଟିର ଅଦ୍ଭୁତ ରଙ୍ଗ, ଆକାରର ଥିଲା । ତାକୁ ବହୁତ ହାଲ୍‌କା ଲାଗିଲା। ଗୁରୁ କହିଲେ ଗୋଟିଏ ସମୟରେ ଆମେ ଗୋଟିଏ କାମ କଲେ ଆମ ମନ ପୂର୍ଣ୍ଣମାତ୍ରାରେ ଶାନ୍ତ ଭାବେ ସେହି କାମ ପୂର୍ଣ୍ଣତାର ସହ କରିପାରିବା ମନ ଲାଗିନଥାଏ, ମନକୁ ଲଗେଇବାକୁ ପଡ଼ିଥାଏ ।



ଆଧୁନିକ ଓଡ଼ିଶାର ବିଶ୍ୱକର୍ମା ଡ. ହରେକୃଷ୍ଣ ମହତାବ

ନାରାୟଣ ପଧାନ

ଓଡ଼ିଶାର ଇତିହାସ କେବଳ ରାଜା ମହାରାଜାଙ୍କ ଶାସନ, ଯୁଦ୍ଧବିଗ୍ରହ ଓ ରାଜନୈତିକ ପରିବର୍ତ୍ତନର ଗାଥା ନୁହେଁ। ଏହା ମହାପୁରୁଷଙ୍କ ତ୍ୟାଗ, ତପସ୍ୟା, ଦୂରଦୃଷ୍ଟି ଓ ଜାତି ନିର୍ମାଣର ଏକ ଗୌରବୋଜ୍ଜ୍ୱଳ ମହାକାବ୍ୟ। ଏହି ଇତିହାସର ଉଜ୍ଜ୍ୱଳ ଦିଗନ୍ତରେ ଡ. ହରେକୃଷ୍ଣ ମହତାବ ଏକ ଯୁଗାନ୍ତକାରୀ ବ୍ୟକ୍ତିତ୍ୱ। ଅଦମ୍ୟ ଇଚ୍ଛାଶକ୍ତି, ପ୍ରଖର ଦୂରଦୃଷ୍ଟି ଓ ଅକୁଣ୍ଠ ଦେଶପ୍ରେମ ବଳରେ ସେ ଆଧୁନିକ ଓଡ଼ିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ରୂପାନ୍ତରଣରେ ଅସାଧାରଣ ଅବଦାନ ରଖିଥିଲେ। ରାଷ୍ଟ୍ରନୀତିଜ୍ଞ, ଐତିହାସିକ, ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ସେ କେବଳ ଜଣେ ବହୁମୁଖୀ ପ୍ରତିଭା ନୁହନ୍ତି, ବରଂ ଆଧୁନିକ ଓଡ଼ିଶାର ଅନ୍ୟତମ ପ୍ରମୁଖ ସ୍ଥପତି ଏବଂ ଓଡ଼ିଆ ଅସ୍ମିତାର ଅଦମ୍ୟ ପ୍ରହରୀ।

୨୧ ନଭେମ୍ବର ୧୮୯୯ରେ ବର୍ତ୍ତମାନର ଭଦ୍ରକ ଜିଲ୍ଲା ଅଗରପଡ଼ାଠାରେ ଜନ୍ମଗ୍ରହଣ କରିଥିବା ମହତାବ ଛାତ୍ର ଜୀବନରୁ ଜାତୀୟତାବାଦୀ ଚେତନାରେ ଉଦ୍‌ବୁଦ୍ଧ ହୋଇଥିଲେ। ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇ ସେ ଔପନିବେଶିକ ଶାସନ ବିରୋଧରେ ସଂଗ୍ରାମ କରିଥିଲେ। ତାଙ୍କ ପାଇଁ ରାଜନୀତି କ୍ଷମତା ଆହରଣର ମାଧ୍ୟମ ନ ଥିଲା, ଥିଲା ଜନସେବା, ଜାତୀୟ ସ୍ୱାଭିମାନ ଓ ଓ ସାମାଜିକ ପରିବର୍ତ୍ତନର ଏକ ମହତ୍ତର ମାଧ୍ୟମ।

ସ୍ୱାଧୀନତା ସଂଗ୍ରାମରେ ଡ. ମହତାବଙ୍କ ଭୂମିକା ଥିଲା ଅତ୍ୟନ୍ତ ତେଜସ୍ୱୀ ଏବଂ ନିର୍ଣ୍ଣାୟକ। ଅସହଯୋଗ, ଲବଣ ସତ୍ୟାଗ୍ରହ ଓ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ନେତୃତ୍ୱ ଦେଇ କାରାବରଣ ଏବଂ ବ୍ରିଟିଶ ନିର୍ଯାତନା ସହିଥିଲେ। ଇଞ୍ଜୁଡ଼ି ଲବଣ ସତ୍ୟାଗ୍ରହର ସଂଗଠନରେ ତାଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ଅନ୍ୟପକ୍ଷରେ ଗଡ଼ଜାତ ରାଜ୍ୟର ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ସଂଗଠିତ କରି ସେ ଶୋଷିତ ପ୍ରଜାଙ୍କ ଅଧିକାର ଓ ମୁକ୍ତିର ସଂଗ୍ରାମକୁ ଶାଣିତ କରିଥିଲେ। ୧୯୪୨ରେ କଂଗ୍ରେସ ୱାର୍କିଂ କମିଟି ସଦସ୍ୟ ଭାବେ ଅହମଦନଗର ଦୁର୍ଗରେ ଜାତୀୟ ନେତାଙ୍କ ସହ ବନ୍ଦୀ ରହିବା ତାଙ୍କ ସଂଗ୍ରାମୀ ଜୀବନର ଅନ୍ୟତମ ଉଲ୍ଲେଖନୀୟ ଅଧ୍ୟାୟ।

୧୯୪୬ ମସିହାରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ଡ. ହରେକୃଷ୍ଣ ମହତାବ ରାଜ୍ୟର ଇତିହାସରେ ଏକ ନୂତନ ଅଧ୍ୟାୟର ଅୟମାରମ୍ଭ କରିଥିଲେ। ସେତେବେଳେ ଓଡ଼ିଶା କେବଳ ୬ଟି ଜିଲ୍ଲାରେ ସୀମିତ ଥିଲା ଏବଂ ୨୬ଟି ଗଡ଼ଜାତ ରାଜ୍ୟ ପୃଥକ ଭାବେ ରହିଥିଲେ। ବିଖଣ୍ଡିତ ଓଡ଼ିଶାକୁ ଏକତ୍ରିତ ନ କଲେ ଏହାର ସର୍ବାଙ୍ଗୀନ ବିକାଶ ଅସମ୍ଭବ ବୋଲି ସେ ହୃଦୟଙ୍ଗମ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଭିପି ମେନନଙ୍କ ସହଯୋଗରେ ମହତାବ ୨୬ଟି ଗଡ଼ଜାତ ରାଜ୍ୟର ମିଶ୍ରଣ ପ୍ରକ୍ରିୟାରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ଏହା କେବଳ ଭୌଗୋଳିକ ସଂହତି ନୁହେଁ, ବିଚ୍ଛିନ୍ନ ଓଡ଼ିଆ ଜାତିସତ୍ତାର ପୁନଃସଂହତି ଓ ଆଧୁନିକ ଓଡ଼ିଶା ଗଠନର ଦୃଢ଼ ଭିତ୍ତି ଥିଲା।

ଡ. ମହତାବଙ୍କ ରାଜ୍ୟ ନିର୍ମାଣର ସ୍ୱପ୍ନ କେବଳ ଗଡ଼ଜାତ ଏକୀକରଣରେ ସୀମାବଦ୍ଧ ନ ଥିଲା। ଏହା ଥିଲା ଏକ ଆଧୁନିକ, ସ୍ୱାବଲମ୍ବୀ ଓ ସମୃଦ୍ଧ ଓଡ଼ିଶାର ସୁଦୂରପ୍ରସାରୀ ରୂପରେଖ। ତାଙ୍କ ଦୂରଦୃଷ୍ଟି ଓ



ଜୟନ୍ତୀ ଉପଲକ୍ଷେ

ଉଦ୍ୟମରେ ୧୯୪୮ ଏପ୍ରିଲ ୧୩ରେ ପଣ୍ଡିତ ନେହରୁଙ୍କ ଦ୍ୱାରା ଭୁବନେଶ୍ୱରର ନୂତନ ରାଜଧାନୀର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। ହୀରାକୁଦ ବହୁମୁଖୀ ପ୍ରକଳ୍ପର ରୂପାୟନକୁ ତ୍ୱରାନ୍ୱିତ କରି ସେ ବନ୍ୟା ନିୟନ୍ତ୍ରଣ, କୃଷି ସମ୍ପ୍ରସାରଣ, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଓ ଶିଳ୍ପାୟନର ନୂତନ ସମ୍ଭାବନା ଉନ୍ମୁକ୍ତ କରିଥିଲେ। ଓଡ଼ିଶା ହାଇକୋର୍ଟ, ଆକାଶବାଣୀ କଟକ ଓ ରାଜ୍ୟ ସଂଗ୍ରହାଳୟର ବିକାଶରେ ମଧ୍ୟ ତାଙ୍କର ଉଦ୍ୟମ ଉଲ୍ଲେଖନୀୟ। ସେ ଓଡ଼ିଶାର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସ୍ୱାଧୀନ ଭାରତର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଏବଂ ବମ୍ବେ ରାଜ୍ୟର ରାଜ୍ୟପାଳ ଭାବେ ନିଜର ପ୍ରଶାସନିକ ପ୍ରଜ୍ଞା, ଦକ୍ଷତା ଓ ରାଷ୍ଟ୍ରୀୟ ଦୂରଦୃଷ୍ଟିର ପରିଚୟ ଦେଇଥିଲେ।

ଓଡ଼ିଆ ଭାଷା-ସାହିତ୍ୟର ସମୃଦ୍ଧି ପାଇଁ ଡ. ମହତାବ 'ପ୍ରଜାତନ୍ତ୍ର', 'ଝଙ୍କାର' ଓ 'ବିଷୁବ ମିଳନ' ମାଧ୍ୟମରେ ଏକ ସଶକ୍ତ ସାରସ୍ୱତ ମଞ୍ଚ ସୃଷ୍ଟି କରିଥିଲେ। 'ପ୍ରତିଭା', 'ତୃତୀୟ ପର୍ବ', 'ଅବ୍ୟାପାର' ଓ ଆତ୍ମଜୀବନୀ 'ସାଧନାର ପଥେ' ତାଙ୍କ ସୃଜନ ପ୍ରତିଭାର ଉଜ୍ଜ୍ୱଳ ନିଦର୍ଶନ। ଜନଜୀବନର ସମସ୍ୟାକୁ ମାର୍ମିକ ଭାବେ ଉପସ୍ଥାପନ କରିଥିବା 'ଗାଁ ମଜଲିସ' ପାଇଁ ସେ ୧୯୮୩ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ।

୨ ଜାନୁଆରୀ ୧୯୮୭ରେ ତାଙ୍କର ମହାପ୍ରୟାଣ ଘଟିଥିଲେ ମଧ୍ୟ ତାଙ୍କର କର୍ମକୀର୍ତ୍ତି ଆଜି ମଧ୍ୟ ଅମ୍ଳାନ। ଜଣେ ଦକ୍ଷ ପ୍ରଶାସକ, ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀ, ବିଚକ୍ଷଣ ରାଜନୀତିଜ୍ଞ ଏବଂ ପ୍ରଜ୍ଞାଦୀପ୍ତ ସାରସ୍ୱତ ସାଧକ ଭାବେ ସେ ଯେଉଁ ଅମର ସ୍ୱାକ୍ଷର ଛାଡ଼ିଯାଇଛନ୍ତି, ତାହା ଯୁଗ ଯୁଗ ଧରି ଓଡ଼ିଆ ଜାତିକୁ ପ୍ରେରଣା ଯୋଗାଉଥିବ। ଆଧୁନିକ ଓଡ଼ିଶାର ମାନଚିତ୍ରକୁ ସୁଦୃଢ଼ କରିବାଠାରୁ ଆରମ୍ଭ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ପର୍ଯ୍ୟନ୍ତ ଡ. ହରେକୃଷ୍ଣ ମହତାବଙ୍କ ଅବଦାନ ଅତୁଳନୀୟ । ପ୍ରକୃତ ଅର୍ଥରେ ସେ ଥିଲେ ଉତ୍କଳ ମାତାର ଜଣେ ସୁଯୋଗ୍ୟ ସନ୍ତାନ ଏବଂ ଆଧୁନିକ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ବିଦ୍ୟାଣି।

ମୋ: ୯୯୩୭୮୫୪୪୧୪

କାର୍ତ୍ତିକବ୍ରତ ପାଳନକାରୀ ମନୁଷ୍ୟରୂପୀ ବିଷ୍ଣୁମୂର୍ତ୍ତି

ଡ. ବିଜୟଲକ୍ଷ୍ମୀ ଭୂୟାଁ

ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ। ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି। କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି।

ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ। କୁମାର ପୂର୍ଣ୍ଣିମା ପରଦିନଠାରୁ କାର୍ତ୍ତିକ ମାସର ଆରମ୍ଭ ହୋଇଥାଏ। ବାର ମାସ ମଧ୍ୟରୁ ଭଗବାନ ମହାଦେବଙ୍କ ପ୍ରିୟର ମାସ ହେଉଛି କାର୍ତ୍ତିକ। କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ କରିଥାନ୍ତି। ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ଆରମ୍ଭ ହୁଏ। ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ବିଶ୍ୱାସ ଆସେ ଯେ ଭଗବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି। ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ଶ୍ରଦ୍ଧାଳୁ ବେଶ୍ ଭକ୍ତିର ସହ ଜପ କରିଥାନ୍ତି।

କାର୍ତ୍ତିକ ମାସରେ ପ୍ରାତଃସ୍ନାନ କଲେ ସମସ୍ତ ବିଘ୍ନ ନାଶ ଏବଂ ମନୋବାଞ୍ଛା ପୂରଣ ହୋଇଯାଏ ବୋଲି ପଦ୍ମପୁରାଣରେ ଉଲ୍ଲେଖ ଅଛି। ବାସ୍ତବରେ କାର୍ତ୍ତିକ ମାସରେ ପ୍ରତ୍ୟୁଷରୁ ଯେଉଁ ବ୍ରତଧାରୀ ପୁଷ୍କରିଣୀରେ ସ୍ନାନ କରେ ସେ ପାଞ୍ଚଗୁଣ ଧର୍ମଫଳ ପ୍ରାପ୍ତ ହୁଏ। ଏହି ସ୍ନାନ ପରେ ପରିଧାନ କରୁଥିବା ବସ୍ତ୍ରର ବର୍ଣ୍ଣ ବିଶେଷକରି ଶୁକ୍ଳ ଏବଂ ହଳଦିଆ ହୋଇଥିବା ବିଧେୟ। ଅନ୍ୟବର୍ଣ୍ଣର ବସ୍ତ୍ର ପରିଧାନ କରି ଦେବ ମନ୍ଦିରକୁ ଗଲେ ସିଦ୍ଧିଲାଭ ହୋଇ ନ ଥାଏ। ଏହି ମାସରେ ପଳାଶ ପତ୍ରର ଗୁରୁତ୍ୱ ସର୍ବାଧିକ ଅନୁଭବ କରାଯାଇଥାଏ ବୋଲି ବିଶ୍ୱାସ ଅଛି। ଏହା ବ୍ରହ୍ମାଙ୍କ ସ୍ୱରୂପ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି।

'ସ୍ନାନଂ ଜାଗରଣଂ ଦୀପଂ ତୁଳସୀବନ ସେବନମ୍। କାର୍ତ୍ତିକେ ଯେ ପ୍ରକୁର୍ବନ୍ତି ତେ ନାରୀ ବିଷ୍ଣୁ ମୂର୍ତ୍ତୟଃ।।' (ପଦ୍ମପୁରାଣ, ଉତ୍ତରଖଣ୍ଡ, ୮୯/୧୩) 'ପଦ୍ମପୁରାଣ' ଅଷ୍ଟାଦଶ ପୁରାଣ ଅନ୍ତର୍ଗତ ଏକ ପ୍ରମୁଖ ପୁରାଣ। ଏହାର ଉତ୍ତରଖଣ୍ଡରେ ବର୍ଣ୍ଣିତ ହୋଇଛି କାର୍ତ୍ତିକବ୍ରତ ମାହାତ୍ମ୍ୟ। ପତ୍ନୀ ସତ୍ୟଭାମାଙ୍କ ପ୍ରଶ୍ନରେ ଶ୍ରୀକୃଷ୍ଣ ତାଙ୍କୁ ଏ ସଂପର୍କରେ କହିଛନ୍ତି। ଏହା ସୂତମୁନି ଅନ୍ୟ ମୁନିମାନଙ୍କ ଆଗରେ ବର୍ଣ୍ଣନା କରିଛନ୍ତି।

ଏ ସଂପର୍କିତ ଉପାଖ୍ୟାନ ଅନୁସାରେ ଏକଦା କଳ୍ପବୃକ୍ଷର ଦିବ୍ୟପୁଷ୍ପ ସାଙ୍ଗରେ ନେଇ ଦେବର୍ଷି ନାରଦ ଦ୍ୱାରକା ଆସିଥିଲେ। ସେହି ପୁଷ୍ପକୁ ଶ୍ରୀକୃଷ୍ଣ ନିଜର ଖୋଳ ସହସ୍ର ପତ୍ନୀଙ୍କୁ ବାଣ୍ଟି ଦେଲେ। ସେତେବେଳେ ଭୁଲରେ ସେ ସତ୍ୟଭାମାଙ୍କୁ ତାହା ଦେବାକୁ ଭୁଲିଯାଇଥିଲେ। ସେଥିରେ ସତ୍ୟଭାମା କ୍ଷୁବ୍ଧ ହେବାରୁ ଶ୍ରୀକୃଷ୍ଣ ତାଙ୍କୁ କହିଥିଲେ – ପ୍ରିୟେ, କ୍ରୋଧ ପରିହା

ଗଞ୍ଜାମ ଜିଲ୍ଲାରେ କୌଣସି ସ୍ଥାନରେ ଭୂସ୍ଖଳନ ଘଟିନାହିଁ



ଛତ୍ରପୁର, ୨୦ / ୧୧ (ନିପ୍ର): ବାତ୍ୟା ଅର୍ଣ୍ଣବ ର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ କେତେକ ନିର୍ଦ୍ଦିଷ୍ଟ ସ୍ଥାନ ତଥା ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଘଟିଥିଲା । କିନ୍ତୁ ବାତ୍ୟା ଆକଓ୍ୱାନ ର ପ୍ରଭାବରେ ସାମୁଦ୍ରିକ ଝଡ଼,ବତାସ ନେଇ ବିଶେଷ କ୍ଷତି ଘଟି ନାହିଁ । ଭୂସ୍ଖଳନ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିଲା, କିନ୍ତୁ ଜିଲ୍ଲାର କୌଣସି କୌଣସି ବି ସ୍ଥାନରେ ବାତ୍ୟା ଆକଓ୍ୱାନ ର ପ୍ରଭାବରେ ଭୂସ୍ଖଳନ ଘଟିନାହିଁ । କିମ୍ବା ବହୁ ମାତ୍ରାରେ ଗଛ ଭାଙ୍ଗିବା, ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବା ଭଳି ବିଶେଷ କ୍ଷତି ଘଟି ନାହିଁ ।ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମା ତାରାତାରିଣୀ ପୀଠ ପରିସର ଏବଂ ତାହାର ଆଖପାଖ ଅଞ୍ଚଳ,ପାହାଡ଼ ପାଦଦେଶରେ ଭୂସ୍ଖଳନ ଭଳି କୌଣସି ଅଘଟଣ ଘଟି ନାହିଁ ବୋଲି ଗଞ୍ଜାମ ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ।ତାରାତାରିଣୀ ପର୍ବତ ପୀଠ ନିକଟସ୍ଥ ଜଙ୍ଗଲ ରାସ୍ତାରେ ବଡ଼ ଧରଣର ପଥର ଧସିବା କିମ୍ବା ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହେବା ଭଳି ମଧ୍ୟ କୌଣସି ଘଟଣା ଘଟିନାହିଁ। କେବଳ ରାସ୍ତାରେ କେତେକ ଗଛର ଡାଳ ଭାଙ୍ଗି ପଡ଼ିଥିବା ଖବର ମିଳିଛି । ଖବର ପାଇବା ମାତ୍ରେ ଓଡ୍ରାଫ୍ ଟିମ୍ ଏବଂ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏହାକୁ ରାସ୍ତା ଅବରୋଧ ରୁ ହଟାଇ ରାସ୍ତା ସ୍ୱାଭାବିକ କରିଥିଲେ ।ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ତହସିଲଦାର ବିନୋଦ ବିହାରୀ ବେହେରା ଏବଂ ଅନ୍ୟ ସ୍ଥାନୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପୀଠ ନିକଟସ୍ଥ ପରିସର ପ୍ରତି ସଜାଗ ଥିଲେ ।ଜନସାଧାରଣଙ୍କୁ ଅତିରଞ୍ଜିତ ଓ ଭ୍ରମାତ୍ମକ ସୂଚନାରେ ବିଭ୍ରାନ୍ତ ନ ହେବାକୁ ଅନୁରୋଧ କରିଥିଲେ । ପ୍ରତ୍ୟେକ ପରିସ୍ଥିତିରେ, ପ୍ରତ୍ୟେକ ସ୍ଥାନରେ ଜିଲ୍ଲା ପ୍ରଶାସନ ଆପଣଙ୍କ ସହିତ ରହିଛି ବୋଲି କୁହାଯାଇଛି ।।









ବାତ୍ୟା ଅକ୍ୱାନ୍ ପ୍ରଭାବରେ ବ୍ରହ୍ମପୁର ସହର ଜଳବନ୍ଦୀ

ବାତ୍ୟା ପ୍ରଭାବିତ ଅଞ୍ଚଳ ଓ କ୍ଷତିଗ୍ରସ୍ତ ଜଳଭଣ୍ଡାର ପରିଦର୍ଶନ କଲେ ଗଞ୍ଜାମ ଜିଲ୍ଲାପାଳ



ଭଞ୍ଜନଗର, ୨୦/୧୧(ନିପ୍ର): ଗଞ୍ଜାମ ଜିଲ୍ଲାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ଓ କ୍ଷୟକ୍ଷତିର ଅନୁଧ୍ୟାନ କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ଭି. କୀର୍ତ୍ତି ଭାସନ ଆଜି ବୁଢ଼ୁରୁଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମହୁଲଖମଣ ଜଳଭଣ୍ଡାରର କ୍ଷତିଗ୍ରସ୍ତ ସ୍ଥାନଁି ପରିଦର୍ଶନ କରିଥିଲେ। ଏହାପରେ ସେ ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ନାତୁଣୀ ନାଳ ଅଞ୍ଚଳର ବାତ୍ୟା ପ୍ରଭାବିତ ସ୍ଥାନଗୁଡ଼ିକ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରା, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଟୁଲିଆମା, ସମ୍ପୃକ୍ତ ତହସିଲଦାର ଓ ବିଡିଓ ଉପସ୍ଥିତ ଥିଲେ।ସେହିପରି ଭଞ୍ଜନଗର ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରା ଆଜି ଖଣ୍ଡଦେଉଳି ଗ୍ରାମ ପଞ୍ଚାୟତରେ ଥିବା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାରେ ଆଶ୍ରୟ ନେଇଥିବା ଲୋକଙ୍କ ସ୍ଥିତି ଓ ଆବଶ୍ୟକ ସୁବିଧା ସୁଯୋଗ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହାପରେ ସେ ମୁନିଗାଡ଼ି ଗ୍ରାମ ପଞ୍ଚାୟତ ସମେତ ଆସିକା ଅଞ୍ଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବାତ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଓ ରିଲିଫ୍ ତଥା ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।ଜନସାଧାରଣଙ୍କ ସୁରକ୍ଷା, ଆବଶ୍ୟକୀୟ ରିଲିଫ୍ ସେବା ଯୋଗାଣ ଓ କ୍ଷତିଗ୍ରସ୍ତ ଅଞ୍ଚଳରେ ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

ମିଶନ ଶକ୍ତି କମିଶନରଙ୍କ ଗଜପତି ଜିଲ୍ଲାର ବାତ୍ୟା ଆଶ୍ରୟସ୍ଥଳୀ ଅନୁଧ୍ୟାନ



ପାରଳାଖେମୁଣ୍ଡି, ୨୦/୧୧(ନିପ୍ର): ମିଶନ ଶକ୍ତି କମିଶନରତଥାଶାସନ ସଚିବ ଶ୍ରୀମତୀ ମାନସୀ ନିସ୍ପାଲ ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ, ନିଃଶୁଳ୍କ ଖାଦ୍ୟ ବଣ୍ଟନ କେନ୍ଦ୍ର ସମେତ ଗୋଷ୍ଠାଣୀ ଓ କାଶୀନଗର ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଉଦ୍ୟୋଗର କାର୍ଯ୍ୟକଳାପ ଅନୁଧ୍ୟାନ କରିଥିଲେ ।ଗସ୍ତ ସମୟରେ କମିଶନରତଥାଶାସନ ସଚିବ କେ.ସୀତାପୁର ଗ୍ରାମ ପଞ୍ଚାୟତରେ ବିନ୍ଧ୍ୟଗିରିବାସିନୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସାନିଟାରୀ ନାପକିନ୍ ଉତ୍ପାଦନ ୟୁନିଟ୍ ପରିଦର୍ଶନ କରିଥିଲେ। ଏଠାରେ ଗୋଷ୍ଠୀର ମହିଳା ସଦସ୍ୟମାନେ ନିଜେ ସାନିଟାରୀ ନାପକିନ୍ ପ୍ରସ୍ତୁତ କରୁଛନ୍ତି। ସେହିପରି ଭୂମି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସୁଭଦ୍ରା ଶକ୍ତି ଷ୍ଟିଚିଂ ୟୁନିଟ୍ ପରିଦର୍ଶନ କରି ସେଠାରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ପ୍ରକାରର ଟିସାର୍ଟ ଓ ପୋଷାକ ସାମଗ୍ରୀ ସମ୍ପର୍କରେ ଅବଗତ ହୋଇଥିଲେ।ଏଥିସହିତ ମହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କାନ୍ଥୁ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ବାରାହୀ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପରିଚାଳିତ ମୂର୍ତ୍ତି ନିର୍ମାଣ ୟୁନିଟ୍ ପରିଦର୍ଶନ କରିଥିଲେ। ଏହି ୟୁନିଟ୍ରେ ବିଭିନ୍ନ ପ୍ରକାରର ମୂର୍ତ୍ତି ଓ ମାଟିରେ ନିର୍ମିତ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏହାବ୍ୟତୀତ ବାଘଶାଳୀସ୍ଥିତ ଟେରାକୋଟା ପ୍ରତ୍ୟୁସର ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଟେରାକୋଟା ସାମଗ୍ରୀ ମଧ୍ୟ ଦେଖିଥିଲେ ଏବଂ ଏହି ପାରମ୍ପରିକ କଳା ଓ ଉତ୍ପାଦନ କାର୍ଯ୍ୟ ସମ୍ପର୍କରେ ଜାଣିଥିଲେ।ପରିଦର୍ଶନ ସମୟରେ ସଚିବ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ଉଦ୍ୟୋଗର ଉନ୍ନତି ଓ ବ୍ୟବସାୟର ସମ୍ପ୍ରସାରଣ ଦିଗରେ ଆବଶ୍ୟକ ପରାମର୍ଶ ଦେଇଥିଲେ । ମହିଳାମାନେ କିପରି ଅଧିକ ଆତ୍ମନିର୍ଭରଶୀଳ ହେବା ସହ 'ଲକ୍ଷପତି ଦିଦି'ରୁ 'ମହାଲକ୍ଷପତି ଦିଦି' ହୋଇପାରିବେ, ସେଥିପାଇଁ ବ୍ୟାଙ୍କ ଋଣ, ଋଣ ଏବଂ / ମାଧ୍ୟମରେ ଉପଲବ୍ଧ ଋଣ ସୁବିଧାର ସଦୁପଯୋଗ କରି ନିଜର ବ୍ୟବସାୟକୁ ଆହୁରି ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଥିଲେ। ଏହା ସହିତ ସେ ସମୁଦାୟ ସହାୟିକା ମାନଙ୍କ ସହ ଆଲୋଚନା କରି ତୃଣମୂଳ ସ୍ତରରେ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ବୁଝିଥିଲେ।

ଭାବୁକ କଲା ଉଚ୍ଛେଦ ପରିବାରର କାହାଣୀ



ଗଞ୍ଜାମ ବ୍ଲକ , ୨୦/୧୧(ନିପ୍ର) ଗଞ୍ଜାମ ବଡ଼ ବଜାରରେ ମଦନ ମୋହନ ସ୍ୱାମୀଙ୍କ ମନ୍ଦିର ଜମିରୁ ଉଚ୍ଛେଦ ହୋଇଥିବା ପରିବାରର କାହାଣୀ ଏବେ ସମସ୍ତଙ୍କୁ ଭାବୁକ କରି ଦେଇଛି।ସହରବାସୀ ପକ୍ଷରୁ ଏମାନଙ୍କୁ ଜବରଦଖଲକାରୀ କହି କୁହାଯାଇଥିଲା, କିନ୍ତୁ ଏହି ପରିବାର ପଛରେ ରହିଛି ୬୦ ବର୍ଷର ଦୁଃଖ ଭରା ଇତିହାସ। ଏହା କେବଳ ଉଚ୍ଛେଦର ଖବର ନୁହେଁ, ଏହା ଏକ ଗରିବ ପରିବାରର ବଞ୍ଚିବାର ଲଢ଼େଇର କାହାଣୀ।୬୦ ବର୍ଷ ପୂର୍ବରୁ ଗୋପାଳକୃଷ୍ଣ ମହାରଣାଙ୍କ ବାପା ଭାସ୍କର ମହାରଣା ଭୂମିହୀନ ଥିଲେ। ସେତେବେଳେ ଗରିବ ପରିବାର ହୋଇଥିବାରୁ ଜମି ଖଣ୍ଡିଏ କିଣିବାକୁ ଅକ୍ଷମ ହୋଇଥିଲେ। ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ନ ଥିଲା, ଟଙ୍କା ନ ଥିଲା। ପେଟ ପାଟଣା ପାଇଁ ସଂଘର୍ଷ କରୁଥିଲେ। ଗୋଟିଏ ଖଣ୍ଡ ଜମି କିଣି ଘର କରିବା ତାଙ୍କ ପାଇଁ ସ୍ୱପ୍ନ ଭଳି ଥିଲା।କିନ୍ତୁ ଗଞ୍ଜାମ ସହରର ମଦନ ମୋହନ ସ୍ୱାମୀଙ୍କ ଆଶୀର୍ବାଦ ଯୋଗୁଁ ସେତେବେଳେ ତାଙ୍କ ଜମିକୁ ସରକାରୀ ଜମିରେ ଆଶ୍ରୟ ନେଇ ନିଜ ପରିବାରକୁ ଥଇଥାନ କରିଥିଲେ। ସେ ଜବରଦଖଲ କରିବା ପାଇଁ ଆସି ନ ଥିଲେ, ବଞ୍ଚିବା ପାଇଁ ଆଶ୍ରୟ ନେଇଥିଲେ। ଭଗବାନଙ୍କ ଉପରେ ଭରସା ରଖି ସେଠାରେ ନିଜ ଜୀବନ ଆରମ୍ଭ କରିଥିଲେ।ଧୀରେ ଧୀରେ କାଠ ମିଲ୍ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। କାଠ ମୋଣ୍ଟ କରି, ଝାଳ ବୁହାଇ ସେ ପିଲାମାନଙ୍କୁ ବଡ଼ କରିଥିଲେ। କାହାକୁ ଠକି ନ ଥିଲେ, କାହା ଜମି ଲୁଟି କରି ନ ଥିଲେ। ନିଜ ପରିଶ୍ରମରେ ପରିବାର ଚଳାଇଥିଲେ। ସେହି କାଠ ମିଲ୍ ହିଁ ତାଙ୍କ ପରିବାରର ରୋଜଗାରର ଏକମାତ୍ର ମାଧ୍ୟମ ଥିଲା।ବାପା ଭାସ୍କରଙ୍କ ମୃତ୍ୟୁ ହେବା ପରେ ପରେ ତାଙ୍କ ତିନି ପୁଅ, ତିନି ବୋହୂ, ଛୋଟ ଛୋଟ କୁନି ଛୁଆ ଆଉ ୮୦ ବର୍ଷୀୟ ବୁଢ଼ୀ ମାଙ୍କୁ ନେଇ ସେହି ଘରେ ବସବାସ କରିଥିଲେ। ତିନି ପିଢ଼ିର ପରିବାର ଗୋଟିଏ ଛାତ ତଳେ ରହୁଥିଲା। ବାପାଙ୍କ ମୃତ୍ୟୁ ପରେ ବୁଢ଼ୀ ମା ହିଁ ପରିବାରର ମୁରବୀ ଥିଲେ। ତାଙ୍କ ଆଶୀର୍ବାଦରେ ଘର ଚାଲୁଥିଲା। କୁନି ଛୁଆମାନେ ସେହି ଘରେ ଜନ୍ମ ହୋଇ, ସେହି ଘରେ ବଡ଼ ହେଉଥିଲେ।କିନ୍ତୁ ସୁଖ ବେଶୀ ଦିନ ରହିଲା ନାହିଁ। ମନ୍ଦିର ଟ୍ରଷ୍ଟ ସହିତ ଜମିକୁ ନେଇ ବିବାଦ ଆରମ୍ଭ ହେଲା। ୩୦ ବର୍ଷରୁଅଧିକ ସମୟ ଧରି କୋର୍ଟରେ କେଶ୍ ଲଢ଼ିଲା। କେଶ୍ ଲଢ଼ିବା ପାଇଁ ଗରିବ ପରିବାରର କେତେ ଟଙ୍କା, କେତେ ସମୟ ଖର୍ଚ୍ଚ ହୋଇଥିବ, ତାହା କେବଳ ସେମାନେ ହିଁ ଜାଣନ୍ତି। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ ଆସିଲା।ଆଜ୍ଞାନ ବାତ୍ୟା ଯୋଗୁଁ ଲୋକଙ୍କୁ ଥଇଥାନ ପାଇଁ ସରକାର ବ୍ୟବସ୍ଥା କରୁଥିବା ବେଳେ, ଏପଟେ ପ୍ରଶାସନ କୋର୍ଟଙ୍କ ନିର୍ଦ୍ଦେଶର ଆଶ୍ରୟ ନେଇ ତାଙ୍କୁ ସେଠାରୁ ସମସ୍ତ ପରିବାରଙ୍କୁ ଘରୁ ବିତାଡ଼ିତ କରିଥିଲେ। ଗଞ୍ଜାମ ଥାନା ପୋଲିସ୍, ଆଡ଼ିସନାଲ ତହସିଲଦାର ଏବଂ କୋର୍ଟ କର୍ମଚାରୀଙ୍କ ଉପସ୍ଥିତିରେ ଉଚ୍ଛେଦ ହୋଇଥିଲା।

ବାତ୍ୟାନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

୧.୫୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର * ଏଯାବତ୍ ଶୂନ୍ୟ ମୃତ୍ୟୁ, ସତର୍କ ରହିବାକୁ ପରାମର୍ଶ



ବ୍ରହ୍ମପୁର,୨୦।୧୧(ନିପ୍ର): ବାତ୍ୟା ପୂର୍ବରୁ ବ୍ୟାପକ ପ୍ରସ୍ତୁତି, ନିରନ୍ତର ତଦାରଖ ଏବଂ ପ୍ରତିଟି ସମସ୍ୟାର ତ୍ୱରିତ୍ ସମାଧାନ ମାଧ୍ୟମରେ ଅକ୍ୱାନ୍ର ସଫଳ ମୁକାବିଲା କରିଛି ଗଞ୍ଜାମ ଜିଲ୍ଲା ପ୍ରଶାସନ । ପ୍ରାୟ ୧ ଲକ୍ଷ ୫୪ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ରାତିସାରା ଜରୁରକାଳୀନ ନିୟନ୍ତ୍ରଣ କକ୍ଷରୁ ସ୍ଥିତି ଉପରେ ନଜର, ସମ୍ବେଦନଶୀଳ ଅଞ୍ଚଳରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତି ଓ ବିଭିନ୍ନ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ଜିଲ୍ଲାରେ ଏଯାବତ୍ ଶୂନ୍ୟ ମୃତ୍ୟୁ ସମ୍ଭବ ହୋଇଛି ବୋଲି ଜିଲ୍ଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି ।

ଗୋପାଳପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଗୋପାଳପୁର ନିକଟରେ ଆଜି ପ୍ରାୟ ସାଢ଼େ ୧୧ଟାରେ ବାତ୍ୟା ଅକଓ୍ୱାନ ସ୍ଥଳଭାଗ ଛୁଇଁଥିଲା । ଏହାପରେ ଉତ୍ତର-ପୂର୍ବ ଦିଗକୁ ଗତି କରିଥିଲା । ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି ରହିଥିବାରୁ ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ହୋଇଥିଲା । ଶୁକ୍ରବାର ମଧ୍ୟାହ୍ନରୁ ବର୍ଷା କମିଛି । ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ପ୍ରଶାସନର ସତର୍କତା ଓ ତଦାରଖ ଜାରି ରହିବ। ଜିଲ୍ଲାପାଳ କହିଛନ୍ତି, ବାତ୍ୟାର ଗତିପଥ ଓ ସମ୍ଭାବ୍ୟ ପ୍ରଭାବକୁ ଆକଳନ କରି ୪ରୁ ୫ ଦିନ ପୂର୍ବରୁ ପ୍ରସ୍ତୁତି ଜୋରଦାର କରାଯାଇଥିଲା । ପ୍ରଶାସନ, ପୋଲିସ, ସ୍ୱାସ୍ଥ୍ୟ, ଅଗ୍ନିଶମ, ଓଡ୍ରାଫ୍, ଏନ୍ଡ଼ିଆର୍ଏଫ୍, ଜଳସମ୍ପଦ, ବିଦ୍ୟୁତ୍, ରାଜସ୍ୱ, ଗ୍ରାମ୍ୟ ଉନ୍ନୟନ, ପୌର ପ୍ରଶାସନ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି । ପ୍ରତି ଘଣ୍ଟାଏ ଦୁଇ ଘଣ୍ଟାରେ ଭର୍ଚୁଆଲ୍ ମାଧ୍ୟମରେ ସମୀକ୍ଷା, ଅଭିଯୋଗର ତ୍ୱରିତ୍ ସମାଧାନ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ ରାତିସାରା ଜାରି ରହିଥିଲା । ମୁଖ୍ୟମନ୍ତ୍ରୀ ମଧ୍ୟ ଫୋନ୍ ମାଧ୍ୟମରେ ଜିଲ୍ଲାର ସ୍ଥିତି ସମ୍ପର୍କରେ ନିୟମିତ ଖବର ନେଉଥିଲେ । ଉପକୂଳବର୍ତ୍ତୀ ଗ୍ରାମ, କଚ୍ଚା ଘରେ ରହୁଥିବା ପରିବାର, ବନ୍ୟାପ୍ରବଣ ଅଞ୍ଚଳ ଓ ୫୯ଟି ଭୂସ୍ଖଳନ ପ୍ରବଣ ସ୍ଥାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବରିଷ୍ଠ ଅଧିକାରୀମାନେ ସମ୍ବେଦନଶୀଳ ଅଞ୍ଚଳରେ ରହି ସ୍ଥିତି ତଦାରଖ କରିବା ସହ ସମସ୍ୟା ଦେଖାଦେଲେ ତୁରନ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଉଥିଲେ । ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ, ପାନୀୟ ଜଳ, ଆଲୋକ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇବା ସହ ଲୋକଙ୍କୁ ଏକ ସୁସ୍ଥ ଓ ଆତ୍ମୀୟ ପରିବେଶ ଯୋଗାଇଦେବା ପାଇଁ ପୂର୍ବରୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ବାତ୍ୟା ପ୍ରଭାବରେ ପାତ୍ରପୁରର ଦୁର୍ଗମ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସମସ୍ୟା ଦେଖାଦେଇଥିଲା । ତେବେ ତୁରନ୍ତ ପଦକ୍ଷେପ ନେଇ ଏହାର ସମାଧାନ କରାଯାଇଥିଲା । ତାରାତାରିଣୀ ପୀଠର ପାହାଡ଼ିଆ ରାସ୍ତାରେ ପଡ଼ିଥିବା ଗଛକୁ ତୁରନ୍ତ ହଟାଯାଇଥିଲା । ବିପଦ ଆଶଙ୍କା ଥିବାରୁ ପୂର୍ବରୁ ତାରାତାରିଣୀ ପୀଠ ନିକଟସ୍ଥ ରାସ୍ତାରେ ଯାତାୟାତ ବନ୍ଦ କରାଯାଇଥିଲା । ତପ୍ତପାଣି ଓ କଳିଙ୍ଗ ଘାଟି ସମେତ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ମଧ୍ୟ ଯାତାୟାତ ସତର୍କତା ଅବଲମ୍ବନ କରାଯାଇଥିଲା । ପାତ୍ରପୁର, ବ୍ରହ୍ମପୁର ସହରର କେତେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିଲା। ବ୍ରହ୍ମପୁର ମହାନଗର ନିଗମ, ଅଗ୍ନିଶମ ବିଭାଗ, ଡ୍ରେନେଜ୍ ଟିମ୍ ଓ ଅନ୍ୟ ସମ୍ପୃକ୍ତ ଦଳର ମିଳିତ ପ୍ରୟାସରେ ଅଧିକାଂଶ ସ୍ଥାନରୁ ଜଳ ନିଷ୍କାସନ କରାଯାଇଥିଲା । ୧୦ ଟି ସ୍ଥାନରେ ପମ୍ପ ସାହାଯ୍ୟରେ ଜଳ ନିଷ୍କାସନ ତ୍ୱରାନ୍ୱିତ ହୋଇଥିଲା। ସହରର ସ୍ଥିତି ସ୍ୱାଭାବିକ କରିବା ପାଇଁ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ସମସ୍ତ ନିୟନ୍ତ୍ରଣ କକ୍ଷରୁ ନିରୀକ୍ଷଣ ସହ କ୍ଷେତ୍ରସ୍ତରରେ ଅଧିକାରୀ ଓ କର୍ମଚାରୀମାନେ ନିରନ୍ତର କାର୍ଯ୍ୟ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଗଣମାଧ୍ୟମର ଭୂମିକାକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ । ବାତ୍ୟା ସମୟରେ ସାମ୍ବାଦିକମାନେ ରାତିଦିନ ଏକ କରି ସତର୍କ ସୂଚନା, ପ୍ରଶାସନର ପରାମର୍ଶ ଓ ଆବଶ୍ୟକ ଖବର ଜନସାଧାରଣଙ୍କ ପାଖରେ ପହଞ୍ଚାଇଥିଲେ । ଏଥି ସହ ଗଞ୍ଜାମବାସୀଙ୍କ ସହଯୋଗ, ଧୈର୍ଯ୍ୟ ଓ ସଚେତନତା ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଜନପ୍ରତିନିଧି, ଅଧିକାରୀ ଓ କର୍ମଚାରୀଙ୍କ ନିରନ୍ତର ପରିଶ୍ରମକୁ ମଧ୍ୟ ସେ ସଫଳ ମୁକାବିଲାର ମୁଖ୍ୟ ଆଧାର ବୋଲି ଅଭିହିତ କରିଥିଲେ । ବିପଦସଙ୍କୁଳ ସ୍ଥାନରୁ ଲୋକଙ୍କୁ ସ୍ଥାନାନ୍ତର ଓ ସଚେତନ କରିବାରେ ଉଭୟ ଏସ୍ପିଙ୍କ ସମେତ ପୁରା ପୋଲିସ ଟିମ୍ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଗଭୀର ସମୁଦ୍ରରୁ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରି ଆଣିବାରେ ମତ୍ସ୍ୟ ବିଭାଗ, ତଟରକ୍ଷୀ ବାହିନୀର ଉଦ୍ୟମ ପ୍ରଶଂସନୀୟ। ପରିସ୍ଥିତି ସ୍ୱାଭାବିକ ହେବା ପରେ ଲୋକଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରାଇ ନେବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଆଇଏଏସ୍ ପ୍ରଶିକ୍ଷଣାର୍ଥୀ ଏସ୍ ସାରାଣ୍ୟା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ବାତ୍ୟା ପ୍ରଭାବ ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ିଲା

ବୁଗୁଡା ,୨୦/୧୧/୨୬ : ବାତ୍ୟା ଅକଭାନ୍ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମ ତେଲୁଗୁ ସାହି ନିବାସୀ କୁନା ଗୌଡଙ୍କ ଘରକାନ୍ଥ ଭୁଷୁଡି ପଡିଥିବା ଜଣାଯାଇଛି। ଗତ ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ତାଙ୍କର ପୁରୁଣାକାଳିଆ ବାସଘର କାନ୍

ବାତ୍ୟା 'ଅକଓ୍ୱାନ' ପରବର୍ତ୍ତୀ ସ୍ଥିତି ଉପରେ ଜିଲ୍ଲା ପ୍ରଶାସନର ତୀକ୍ଷ୍ଣ ନଜର

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ହାଇବ୍ରିଡ୍ ମୋଡ୍‌ରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା, ୨୦।୧୧: ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ' ସ୍ଥଳଭାଗ ଅତିକ୍ରମ କରିବା ପରେ ଏହାର ପ୍ରଭାବରେ ସୃଷ୍ଟ ଅବପାତ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ବର୍ଷା ଜାରି ରହିବାର ଆଶଙ୍କା ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ପରବର୍ତ୍ତୀ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି। ଜନସାଧାରଣଙ୍କ ସୁରକ୍ଷା, ଜରୁରୀକାଳୀନ ସେବା, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ସୁନିଶ୍ଚିତ କରିବା ସହ ଯେକୌଣସି ଆକସ୍ମିକ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗକୁ ସଜାଗ ରହିବାକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ନିର୍ଦ୍ଦେଶ ଦେଇଛନ୍ତି।ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ହାଇବ୍ରିଡ୍ ମୋଡ୍‌ରେ (ଅନଲାଇନ୍ ଓ ଅଫଲାଇନ୍) ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବାତ୍ୟା ପରିଚାଳନା ଓ ତଦାରଖ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ନିୟୋଜିତ ବରିଷ୍ଠ ଆଇଏଏସ୍ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ବୈଠକରେ ଯୋଗଦେଇ ଜିଲ୍ଲାରେ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର ସମ୍ବନ୍ଧୀୟ ପଦକ୍ଷେପ ଗୁଡ଼ିକର ସମୀକ୍ଷା କରିଥିଲେ। ବୈଠକରେ ବିଭିନ୍ନ ବିଭାଗର କାର୍ଯ୍ୟ ଓ ପ୍ରସ୍ତୁତିର ସ୍ଥିତି ଅନୁଧ୍ୟାନ କରାଯାଇ ଯେକୌଣସି ଆକସ୍ମିକ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ସମସ୍ତ ବିଭାଗକୁ ପୂର୍ଣ୍ଣ ପ୍ରସ୍ତୁତି ସହ ସଜାଗ ରହିବାକୁ କୁହାଯାଇଥିଲା। ଜନସାଧାରଣଙ୍କ ଜୀବନ ଓ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଜିଲ୍ଲାରେ ବ୍ୟାପକ ସ୍ଥାନାନ୍ତରଣ ଓ ରିଲିଫ୍ ବ୍ୟବସ୍ଥା କରାଯାଇଛି। ଉପଲବ୍ଧ ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ମୋଟ ୫୧,୯୫୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ରହିବା ଓ ଆବଶ୍ୟକୀୟ ସହାୟତା ପାଇଁ ମୋଟ ୩୨୩ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ଏହାଦ୍ୱାରା ୫୧,୯୫୬ ଜଣ ହିତାଧିକାରୀଙ୍କୁ ରିଲିଫ୍ ସହାୟତା ପରିସରଭୁକ୍ତ କରାଯାଇଛି। ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ବିଦ୍ୟାଳୟ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରାଯାଉଛି। ଜରୁରୀକାଳୀନ ବଣ୍ଟନ ପାଇଁ ଚୁଡ଼ା, ଗୁଡ଼ ଆଦି ରିଲିଫ୍ ସାମଗ୍ରୀ ମହଜୁଦ ରଖାଯାଇଥିବା ବେଳେ ଆବଶ୍ୟକତା ଅନୁଯାୟୀ ବ୍ୟବହାର ପାଇଁ ପଲିଥିନ୍ ସିଟ୍ ଉପଲବ୍ଧ ରହିଛି। ଜିଲ୍ଲାରେ ୨୫୭.୭ ମେଟ୍ରିକ୍ ଟନ୍ ପଶୁଖାଦ୍ୟ ଉପଲବ୍ଧ ରହିଥିବା ବେଳେ ୨୪ଟି ପଲିଥିନ୍ ସିଟ୍ ବଣ୍ଟନ କରାଯାଇଛି।ବିପର୍ଯ୍ୟୟ ପରିଚାଳନା ଓ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ଜିଲ୍ଲାରେ ୨ଟି ଓଡ୍ରାଫ୍ ଟିମ୍, ୧ଟି ଏନ୍‌ଡିଆଏଫ୍ ଟିମ୍ ଏବଂ ୧୧ଟି ଅଗ୍ନିଶମ ବାହିନୀ ଟିମ୍ ନିୟୋଜିତ ରହିଛନ୍ତି। ଯେକୌଣସି ଜରୁରୀ ପରିସ୍ଥିତିରେ ତୁରନ୍ତ ଉଦ୍ଧାର ଓ ସହାୟତା କାର୍ଯ୍ୟ ଆରମ୍ଭ କରିବା ପାଇଁ ଏହି ଟିମ୍ ଗୁଡ଼ିକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।ବାତ୍ୟା ସମୟରେ ଗର୍ଭବତୀ ମହିଳାଙ୍କ ସୁରକ୍ଷା ଏବଂ ନିରାପଦ ପ୍ରସବକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ଜିଲ୍ଲାରେ ୨୩୯ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଏବଂ ଏପର୍ଯ୍ୟନ୍ତ ୧୦୦ଟି ନିରାପଦ ପ୍ରସବ ସମ୍ପନ୍ନ ହୋଇଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଜ୍ୟୋତିକାନ୍ତ ଭୁଜବଳ, ଡେପୁଟି କଲେକ୍ଟର (ଜରୁରୀକାଳୀନ) ନିତ୍ୟରଞ୍ଜନ ସାମଲଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବାତ୍ୟା ପରବର୍ତ୍ତୀ ମୁକାବିଲା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

ଭଦ୍ରକରେ ସ୍ଥିତି ସମୀକ୍ଷା କଲେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ



ଭଦ୍ର କ,୨୦।୧୧(ନି.ପ୍ର):ବାତ୍ୟା ଆକଭାନ ଓ ପରବର୍ତ୍ତୀ ସ୍ଥିତି ର ମୁକାବିଲା ପାଇଁ ଭଦ୍ରକ ରେ ସ୍ଥିତି ସମୀକ୍ଷା କରିଛନ୍ତି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଛଜଲ୍ଲିପାଳଙ୍କ କାର୍ଯ୍ୟଳୟ ଠାରେ ସମସ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସମୀକ୍ଷା କରିଛୁ। ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ସୁରକ୍ଷା ଦୃଷ୍ଟି ରୁ ୨୬ ହଜାର ୧୭୩ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଜିଲ୍ଲା ରେ ୧୪୫ ରିଲିଫ କ୍ୟାମ୍ପ ଚାଲିଛି । ସମସ୍ତଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଦିଆଯାଉଛି ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟରେ ଲାଗିଛି । ବିଭାଗ ତରଫରୁ ୧୨୭ ଗର୍ଭବତୀଙ୍କୁ ସ୍ଥାନାନ୍ତର କରିଥିଲେ ଓ ୩୭ ଜଣ ପ୍ରସବ କରିଛନ୍ତି । ବୈତରଣୀ ନଦୀ ବିପଦ ସଂକେତର ବହୁ ତଳେ ପ୍ରବାହିତ ହେଉଛି ସାଳନ୍ଦୀ ନଦୀ ମଧ୍ୟ ବହୁ ତଳେ ପ୍ରବାହିତ ହେଉଛି । ଭଦ୍ରକ ବ୍ଲକ୍‌ରେ ୪୯ ମିଲିମିଟର, ଭଣ୍ଡାରିପୋଖରୀ ବ୍ଲକରେ ୩୨ ମିଲିମିଟର, ଧାମନଗର ବ୍ଲକରେ ୧୭ ମିଲିମିଟର, ଚିହ୍ନିଡି ବ୍ଲକ୍‌ରେ ୧୦୦ ମିଲିମିଟର, ଚାନ୍ଦବାଲି ବ୍ଲକ ରେ ୧୦୨ ମିଲିମିଟର, ବାସୁଦେବପୁର ବ୍ଲକ୍‌ରେ ୩୮ ମିଲିମିଟର ଓ ବନ୍ଦ ବ୍ଲକରେ ୧୮ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଜିଲ୍ଲା । ରେ ହାରାହାରି ୫୦.୮୬ ମିଲିମିଟର ବର୍ଷା ରେକର୍ଡ ହୋଇଛି ଯାହାକି ଗତକାଲି ଠାରୁ କମ୍ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ଜିଲ୍ଲାରେ ସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି କହିଛନ୍ତି ମନ୍ତ୍ରୀ।

ବାତ୍ୟା ଅକଓ୍ୱାନ ପ୍ରଭାବ, ଧାନ ଅମଳ ନେଇ ଚିନ୍ତାରେ ଚାଷୀ



ଧାମନଗର,୨୦।୧୧(ନି.ପ୍ର):ଭୀଷଣ ବାତ୍ୟା 'ଅକଓ୍ୱାନ' ନଭେମ୍ବର ୨୦, ୨୦୨୬ ମଧ୍ୟାହ୍ନ ସୁଦ୍ଧା ଓଡ଼ିଶା ଉପକୂଳର ଗୋପାଳପୁର ନିକଟରେ (ନରସାପୁରରୁ ପୁରୀ ମଧ୍ୟରେ) ସ୍ଥଳଭାଗ ଅତିକ୍ରମ (ଲ୍ୟାଣ୍ଡଫଲ୍) କରିଛି। ବାତ୍ୟା 'ଅକଓ୍ୱାନ' ପ୍ରଭାବରେ ଓଡ଼ିଶାର ଉପକୂଳ ଓ ଦକ୍ଷିଣ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ପବନ ଲାଗି ରହିଛି। ପ୍ରାକ୍ ପ୍ରସ୍ତୁତି ପୂର୍ବକ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ନିଆଯାଇଛି। ସମ୍ଭାବ୍ୟ ବାତ୍ୟା ଅକଓ୍ୱାନର ଆକ୍ସନକୁ ନେଇ ସବୁଠୁ ବେଶି ଚିନ୍ତିତ ଓ କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀ। ଧାମନଗର ବ୍ଲକ ଅଞ୍ଚଳରେ ବିଗତ ମାସ ମାନଙ୍କରେ ୮ ଥର ବନ୍ୟା ଆସି କୃଷି ବିଭାଗ କରିଥିବା ଆକଳନ ଅନୁଯାୟୀ ୧୪ ହଜାର ୫୬୬ ହେକ୍ଟରରୁ ପ୍ରାୟ ୬ ହଜାର ୫୩୯ ହେକ୍ଟର ଜମିରେ ଖରିଫ ଧାନର ବ୍ୟାପକ କ୍ଷତି ସହ ତଳି ମଧ୍ୟ ନଷ୍ଟ ହୋଇଥିଲା। ପରେ ବାତ୍ୟା ଅର୍ଣ୍ଣବ ପଖାପାଖି ୧୦ ହଜାର ହେକ୍ଟର ଖରିଫ ଧାନ ଜମିକୁ କ୍ଷତି ପହଞ୍ଚାଇ ଥିଲା। ଚାଷୀମାନେ ବିଳମ୍ବ ହେଲେ ମଧ୍ୟ ପୁନଶ୍ଚ ତଳି ପକାଇ ଧାନ ରୋଇଥିଲେ । ଖୁବ୍ ଅଳ୍ପ ଦିନର ବ୍ୟବଧାନରେ ଭଲ ଚାଷ ମଧ୍ୟ ହୋଇଥିଲା। ତେବେ ବାତ୍ୟା ଆକଓ୍ୱାନ ପ୍ରଭାବରେ ହେଉଥିବା ପ୍ରବଳ ବର୍ଷା ଓ ପବନ ଖରିଫ ଧାନ ଚାଷର ପ୍ରଭୂତ କ୍ଷତି ଘଟାଇବା ସହ ଅମଳ ନେଇ ଆଶଙ୍କା ଦେଖା ଦେଇଛି। ଭଲ ଧାନ ହୋଇଥିବାରୁ ଧାନ ଗଛର କେଣ୍ଡା ପାଇଁ ଅଗ ଭାରି ଅଛି। ବାତ୍ୟା ଜନିତ ବର୍ଷା ଓ ପବନରେ ତାହା ଶୋଇଯିବା ସହ ପାଣିରେ ବୁଡ଼ି ଯାଇଥିବା ଧାନ ପଚିଯିବା ଆଶଙ୍କା ଦେଖାଦେଇଛି। ବନ୍ୟା ପରେ ଅଳ୍ପ ସଳଖି ଥିବା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି ବାତ୍ୟା ଆକଓ୍ୱାନ। ରାଜସ୍ୱ ଓ କୃଷି ବିଭାଗ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

ଭୀମକୁଣ୍ଡ ସ୍ନାତୀ ଘାଟ ଦାମୋଦର ମେଳାକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ



ଠାକୁରମୁଣ୍ଡା,୨୦।୧୧(ନି.ପ୍ର):ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ଥିବା ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ସ୍ନାତୀ ଘାଟରେ ୨୦୨୬ ମସିହା ଜାନୁଆରୀ ୨୦ ତାରିଖରେ ହେବାକୁ ଥିବା ଐତିହାସିକ ଦାମୋଦର ମେଳାକୁ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ ଜଣାଇଛନ୍ତି ଭୀମକୁଣ୍ଡ ସ୍ନାତୀ ଘାଟ ଦାମୋଦର ମେଳା ଆୟୋଜନ କମିଟି। କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇଚୁରୁ ଏବଂ ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଡେଇଙ୍କ ଉପସ୍ଥିତିରେ ମେଳା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଠାକୁରମୁଣ୍ଡା, କରଞ୍ଜିଆ, ଯଶିପୁର, ଉଦଳା, ବାଲେଶ୍ୱର, ନୀଳଗିରି, କପ୍ତିପଦା, କେନ୍ଦୁଝର, ଆନନ୍ଦପୁର, ପାଟଣା ଆଦି ଅଞ୍ଚଳରୁ ପ୍ରତିନିଧିମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ମେଳାକୁ ଆସିବା ପାଇଁ ନିମନ୍ତ୍ରଣ ଜଣାଇଥିଲେ। ସେମାନଙ୍କ ଶ୍ରଦ୍ଧା, ଆତ୍ମୀୟତା ତାଙ୍କୁ ବେଶ୍ ଅଭିଭୂତ କରିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଟ୍ୱିଟରେ ଜଣାଇଛନ୍ତି।

ମିଳିତ ଜନଶୁଣାଣିରେ ଆଗତ କରାଯିବ ଭଗବାନପୁର ପଞ୍ଚାୟତର ସମସ୍ୟା

ଧାମନଗର,୨୦।୧୧(ନି.ପ୍ର):ଆସନ୍ତା ୨୩ ତାରିଖ ସୋମବାର ଭଗବାନପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହେବ। ଧାମନଗର ବିଡ଼ିଓ ବନ ବିହାରୀ ଦିଣ୍ଡା ଗତ ୧୬ ତାରିଖରେ ତାଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୧୩୭ ମୂଳେ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ, ଭଗବାନପୁର ହେଉଛି ବ୍ଲକର ପ୍ରବେଶ ଦ୍ୱାର ପଞ୍ଚାୟତ। ବିଗତ ୧୫ ବର୍ଷ ଧରି ଏହି ପଞ୍ଚାୟତ ନିକଟରେ ଦୁଇଟି ଓ ପଳିକିରୀ ଏବଂ ଇଚ୍ଛଦାରେ ଗୋଟିଏ ଲେଖାଏଁ ପାଣି ଟାଙ୍କି ବିନା କାର୍ଯ୍ୟକ୍ଷମରେ ଅଚଳ। ବସୁଧା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଅଧାପନ୍ତରିଆ। ସେହିପରି ପଞ୍ଚାୟତ ସଞ୍ଚୁଖରେ ଜନସାଧାରଣଙ୍କ ବିଶ୍ରାମ ଗୃହ, ଇଚ୍ଛଦା ଠାରେ କଲ୍ୟାଣ ମଣ୍ଡପ ଅର୍ଦ୍ଧ ନିର୍ମିତ। ଭଗବାନପୁର ଠାରେ ପଶୁଧନ ନିରୀକ୍ଷକ ଗୃହ କାର୍ଯ୍ୟକ୍ଷମ ହେଉନଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ରାସ୍ତା ନଥିବାରୁ ଘାସ ଲଟା ମାଡ଼ି ପଞ୍ଚାୟତର ସ୍ୱାସ୍ଥ୍ୟ ସେବାକୁ ଉପହାସ କରୁଛି। ସେହିପରି ପଞ୍ଚାୟତ ମଧ୍ୟସ୍ଥଳ ଦେଇ ଯାଇଥିବା ଗୁହାଳିଆ– ପଣ୍ଡୁ ବଜାର ଭାୟା ଅନହରପୁର ୪ ନଂ କେନାଲ ପୂର୍ତ୍ତରାସ୍ତାଟି ପାଦଚଲା ବାଟକୁ ଅଯୋଗ୍ୟ। ପି.ବି. ହାଇସ୍କୁଲ ଠାରୁ ଚିଲପଦୀ ଭାୟା ପଦ୍ମପୋଖାରୀ (ଡିଗି) ରାସ୍ତା ଠିକାଦାରଙ୍କ ମଚ୍ଛର କାର୍ଯ୍ୟ ପାଇଁ ଅର୍ଦ୍ଧ



ନିର୍ମିତ ଅବସ୍ଥାରେ ଅଛି। ପଞ୍ଚାୟତ ଅଧିନସ୍ଥ ସାହୁ ସାହି, କପିଳ ମୁନି, ଜେନାସାହି, ମାହାପାତ୍ର ସାହି ଆଦି ଠାରେ ଭିନ୍ନ ଭିନ୍ନ ଯୋଜନାରୁ ମିଳିଥିବା ଗୃହ ଅର୍ଦ୍ଧ ନିର୍ମିତ ଓ କେଉଁଠି କାର୍ଯ୍ୟାରମ୍ଭ ନହୋଇ ଅନୁଦାନ ପଡ଼ି ରହିଛି। ବିଭିନ୍ନ କିସମ ଭତ୍ତା ହିତାଧିକାରୀ ବକେୟା ଭତ୍ତା ନପାଇ ଅସୁବିଧାରେ ଅଛନ୍ତି। ଇଚ୍ଛଦା, ବ୍ରହ୍ମପୁର, ଅନହରପୁର, ଡିଗି ଓ ଚନ୍ଦେଶ୍ୱର ଗ୍ରାମବାସୀଙ୍କ ସୁବିଧା ନିମନ୍ତେ ଭଗବାନପୁର ପଞ୍ଚାୟତ ମଧ୍ୟଦେଇ ମୋ ବସ ଚଳାଚଳ ପ୍ରସ୍ତାବ ଥିଲେ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇନି। ଜିଲ୍ଲାର ସର୍ବୋଚ୍ଚ ପ୍ରଶାସକ ଦୃଷ୍ଟେ ଏସବୁ ଅସୁବିଧା ଦୂର କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

ହୋମିଓପ୍ୟାଥି ଚିକିତ୍ସକଙ୍କ ଆତ୍ମହତ୍ୟା

କୁଜଙ୍ଗ,୨୦।୧୧(ନି.ପ୍ର): ଯୁବ ହୋମିଓପ୍ୟାଥି ଚିକିତ୍ସକ ଜଗନ୍ ମୋହନ ନାୟକ ନିଜ କ୍ଲିନିକ ମଧ୍ୟରେ ରସି ଲଗାଇ ଆତ୍ମ ହତ୍ୟା କରିବା ଘଟଣା ଅଞ୍ଚଳ ରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ପ୍ରକାଶ ଯେ ଜଗନ ସବୁଦିନ ଭଳି ଆଜି ସକାଳ ବେଳା କୁଜଙ୍ଗ ବି ବି ହାଇ ସ୍କୁଲ ନିକଟରେ ଥିବା ନିଜ କ୍ଲିନିକ କୁ ଆସିଥିଲେ। ମାତ୍ର ମଧ୍ୟାହ୍ନ ଭୋଜନ କରିବାକୁ ଘରକୁ ଯାଇନଥିଲେ। ପରିବାର ଲୋକ ସନ୍ଧ୍ୟା ୫ ଟା ସମୟରେ ଜଗନ ମୋବାଇଲକୁ ଫୋନ କରିଥିଲେ। ମାତ୍ର ଫୋନ ନଉଠାଇବାରୁ ସନ୍ଦେହ କରି ତାର ପତ୍ନୀ, ପୁଅ ଓ ଝିଅ କ୍ଲିନିକ ନିକଟକୁ ଆସି ଦେଖିଲେ ସଟର ଟଣା ହୋଇଛି ଛ ସଟର ଟେକି ଜଗନ ରସି ଲଗାଇ ଝୁଲୁଥିବାର ଦେଖିଥିଲେ । ଉକ୍ତ ଘଟଣା ଜଣାପଡିବା ପରେ ଶତାଧିକ ଲୋକ ଘୁଣ୍ଡ ହୋଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିବା ସହ ଆତ୍ମହତ୍ୟାର କାରଣ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ଜଗାନ ବିଭିନ୍ନ ଋଣ ପ୍ରଦାନକାରୀ ସଂସ୍ଥାରୁ ପ୍ରାୟ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଋଣ କରିଥିଲେ। ମାତ୍ର ଋଣ ଭାର ଯୋଗୁ ସେ ମାନସିକ ବିଷାଦରେ ଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ରିପୋର୍ଟ ଲେଖା ହେବା ବେଳକୁ ଥାନା ରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ଶିବାସିଷ ଦାସ ପ୍ରକାଶ କରିଛନ୍ତି।

ନିଆଳିରେ ବାତ୍ୟାର ପ୍ରଭାବ:ପ୍ରବଳ ବର୍ଷା ଯୋଗୁଁ ପାଚିଲା ଧାନ ନଷ ଅତିରିକ୍ତ ଜିଲ୍ଲାପାଳଙ୍କ ନିଆଳି ବ୍ଲକ ପରିଦର୍ଶନ, ୩ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର



ନିଆଳି,୨୦।୧୧(ନି.ପ୍ର):ବାତ୍ୟା ଅକ୍ସାନ ଲ୍ୟାଣ୍ଡଫଲ କରି ସାରିଥିଲେ ହିଁ ଏହାର ପ୍ରଭାବ ଶୁକ୍ରବାର ଦିନ ଅଞ୍ଚଳରେ ବର୍ଷା ଲାଗି ରହିଛି।

ଗୁରୁବାର ନିଆଳି ପ୍ରସାଶନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳରେ ବହୁ ପରିବାର ଆଶ୍ରୟ ନେଇଥିଲେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଶୁକ୍ରବାର ଦିନ ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ନିଆଳି ନୀଳମଣୀ ହାଇ ସ୍କୁଲ, ପୋଖରୀ ଗାଁ ପଂଚାୟତ ରାଣୀପଡା ବିଦ୍ୟାଳୟ ରେ ୮୦ ରୁ ଅଧିକ ବ୍ୟକ୍ତି ଆଶ୍ରୟ ନେଇଥିବା ବେଳେ ସ୍କୁଲରେ ସେମାନଙ୍କ ସହ ନିଆଳି ବ୍ଲକ ବିଡ଼ିଓ ଶ୍ରୀ ଅକ୍ଷୟ କୁମାର ପରିଡା ଆଇଲୋଚନା କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ।

ଏପରିକି ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ।

ପରେ ଶ୍ରୀ ପରିଡା, ନିଆଳି ତହସିଲଦାର ତାରିଣୀ ରଞ୍ଜନ ରାୟ ନିଆଳିର ବିଭିନ୍ନ ଜାଗାରେ ପରିଦର୍ଶନ କରିଥିଲେ। ନିଆଳି ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିତ୍ରା ପହଁଚି ବିଡିଓ ଅକ୍ଷୟ କୁମାର ପରିଡ଼ା, ତହସିଲଦାର ତାରେଣୀ ରଞ୍ଜନ ରାୟ, ନିଆଳି ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର ସିଡିପିଓ ସଂଯୁକ୍ତା ଘଡେଇ, ବ୍ଲକ କୃଷି ବିଭାଗ ଅଧିକାରୀ ନିହାର ରଞ୍ଜନ ମହରଥା, ନିଆଳି ପ୍ରାଣୀ ଚିକିତ୍ସା ଅଧିକାରୀ ସୌମ୍ୟ ରଞ୍ଜନ ଖଟୁଆ ଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଆଲୋଚନା କରିଥିଲେ। ଆଶ୍ରୟ ସ୍ଥଳୀରେ ଥିବା ଲୋକମାନେ କିଭଳି ଘରକୁ ଫେରିବେ ଏ ନେଇ ଆଲୋଚନା କରାଯାଇଥିଲା। ବାତ୍ୟାକୁ ନେଇ ବୈଠକରେ ବିଭିନ୍ନ ବିଭାଗରେ କ୍ଷୟ କ୍ଷତି କୁ ନେଇ ଆଲୋଚନା କରାଯାଇଥିଲା। ବାତ୍ୟାର ପ୍ରଭାବରେ କ୍ଷେତରେ ହେକ୍ଟର ହେକ୍ଟର ପାଚିଲା ଧାନ ପାଣିରେ ପଡ଼ିରହିଛି। ଏଥି ନିମନ୍

ଅଦିନିଆ ବାତ୍ୟା ବର୍ଷାରେ ଉଜୁଡ଼ିଗଲା ଚାଷୀଙ୍କ ସ୍ୱପ୍ନ

ପଞ୍ଚାୟତରେ ଧାନ ଓ ପନିପରିବା ଫସଲ ନଷ୍ଟ, ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି



ଫୁଲନଖରା,୨୦।୧୧(ନି.ପ୍ର):ବାରଙ୍ଗ ପଞ୍ଚାୟତ ସମିତି ଅନ୍ତର୍ଗତ ୩୩ ନମ୍ବର ଜୋନ୍ର ୮ଟି ଗ୍ରାମ ପଞ୍ଚାୟତରେ ଅଦିନିଆ ବର୍ଷା ଓ ବାତ୍ୟା ପ୍ରଭାବରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ନଗରୀ, ଉଷୁମା, ସାଇଁସୋ, କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ, ଖଲର୍ଦା, କୋରକରା ଓ ହରିଅନ୍ତା ପଞ୍ଚାୟତର ଚାଷୀମାନେ ଅତ୍ୟଧିକ ବର୍ଷା ଯୋଗୁଁ ବ୍ୟାପକ ଫସଲ କ୍ଷତିର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ଚାଷକୁ ଆଧାର କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀଙ୍କ ପାଇଁ ଏହି ପରିସ୍ଥିତି ଆର୍ଥିକ ସଙ୍କଟ ସୃଷ୍ଟି କରିଛି।ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଗତ ଦୁଇ ମାସ ମଧ୍ୟରେ ବାତ୍ୟାଜନିତ ପାଣିପାଗ ଓ ଲଗାଣ ବର୍ଷା ଯୋଗୁଁ ଚାଷଜମିରେ ଦୀର୍ଘ ସମୟ ଧରି ପାଣି ଜମି ରହିଥିଲା। ଫଳରେ ପାଚିବାକୁ ଥିବା ଧାନ ଫସଲ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ବର୍ଷା ସହ ପ୍ରବଳ ପବନ ଯୋଗୁଁ ଧାନ ଗଛଗୁଡ଼ିକ ଜମିରେ ଶୋଇପଡ଼ି ପାଣିରେ ବୁଡ଼ି ରହିବାରୁ ଧାନ କେଣ୍ଡା ପଚିଶଢ଼ି ନଷ୍ଟ ହେବା ସହ ଅମଳ ହ୍ରାସ ପାଇବାର ଆଶଙ୍କା ଦେଖାଦେଇଛି। ବର୍ଷଯାକର ପରିଶ୍ରମ ଓ ଖର୍ଚ୍ଚ ସତ୍ତ୍ୱେ ଫସଲ ହାତକୁ ନଆସିବାରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। କେବଳ ଧାନ ଚାଷ ନୁହେଁ, ପନିପରିବା ଓ ଋତୁକାଳୀନ ପରିବା ଚାଷ ମଧ୍ୟ ଅତ୍ୟଧିକ ବର୍ଷାରେ ପ୍ରଭାବିତ ହୋଇଛି। ଜମିରେ ପାଣି ଜମି ରହିବା ଯୋଗୁଁ ପରିବା ଗଛର ଚେର ପଚିବା, ଗଛ ନଷ୍ଟ ହେବା ଏବଂ ଫସଲର ଗୁଣବତ୍ତା ହ୍ରାସ ପାଇବା ଭଳି ସମସ୍ୟା ଦେଖାଦେଇଛି। ଫଳରେ ଧାନ ସହ ପନିପରିବା ଚାଷ ଉପରେ ନିର୍ଭରଶୀଳ ଅନେକ ଚାଷୀ ଦୁଇଗୁଣ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଚାଷ ପାଇଁ ଋଣ, ବିହନ, ସାର, କୀଟନାଶକ ଓ ଶ୍ରମିକ ଖର୍ଚ୍ଚ କରିଥିବା ଚାଷୀମାନେ ଏବେ ଆର୍ଥିକ ଚାପରେ ରହିଛନ୍ତି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କ ଦୁଃଖ ଓ ସମସ୍ୟାକୁ ଗୁରୁତ୍ୱ ଦେଇ କ୍ଷେତ୍ରସ୍ତରରେ ତୁରନ୍ତ କ୍ଷୟକ୍ଷତି ଆକଳନ କରିବାକୁ ଦାବି ଉଠିଛି। ବିଭାଗୀୟ କୃଷି ଅଧିକାରୀ ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ପ୍ରଭାବିତ ଚାଷଜମିକୁ ଯାଇ ସରଜମିନ ତଦନ୍ତ କରିବା ସହ ପ୍ରକୃତ କ୍ଷୟକ୍ଷତିର ଆକଳନ କରନ୍ତୁ। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଥାଶୀଘ୍ର ସରକାରୀ ଆର୍ଥିକ ସହାୟତା, ଫସଲ କ୍ଷତିପୂରଣ ଓ ଆବଶ୍ୟକୀୟ କୃଷି ସହାୟତା ଯୋଗାଇଦେବାକୁ ଦାବି କରାଯାଇଛି। ଏହି ଦାବି ଉଠାଇଛନ୍ତି ୩୩ ନମ୍ବର ଜୋନ୍ର ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଭୋଇ, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ବରିଷ୍ଠ ନାଗରିକ ସଂଘର ସଭାପତି ବିଜୟ କୁମାର ମହାପାତ୍ର, ଯୁବ ସଂଗଠକ କଳ୍ପତରୁ ଖୁଣ୍ଟିଆ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥଛୋଟ ରାୟ, ବରିଷ୍ଠ ନେତା ଅଶୋକ କୁମାର ରଥ, ନଗରୀ ଗ୍ରାମ ପଞ୍ଚାୟତ ବିଜେଡ଼ି ସଭାପତି ନଳିନୀକାନ୍ତ ପଟ୍ଟନାୟକ ଓ ପୂର୍ବତନ ସରପଞ୍ଚ ନରେନ୍ଦ୍ର ପାତ୍ର, ଅଜୟ କୁମାର ବେଉରା, ଶୈଳଜାନନ୍ଦ ସାହୁ ପ୍ରମୁଖ। ଚାଷୀଙ୍କ ଜୀବିକା ଓ ପରିବାରର ଆର୍ଥିକ ସ୍ଥିତି ଚାଷ ଉପରେ ନିର୍ଭରଶୀଳ ଥିବାରୁ ଏହି କ୍ଷତିକୁ ଅଣଦେଖା ନକରି ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ। କେବଳ କ୍ଷୟକ୍ଷତି ଆକଳନରେ ସୀମିତ ନରହି ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସମୟୋଚିତ ସହାୟତା ପ୍ରଦାନ କରାଗଲେ ସେମାନେ ଏହି ଆର୍ଥିକ ସଙ୍କଟରୁ ମୁକୁଳି ପୁଣିଥରେ ଚାଷକାର୍ଯ୍ୟ ଆରମ୍ଭ କରିପାରିବେ ବୋଲି ଦାବି ହୋଇଛି।

ଆକ୍ସନ ମୋଡରେ ଉପଜିଲ୍ଲାପାଳ

ବିଳମ୍ବିତ ରାତିରେ ଅଚାନକ ଚଢ଼ାଉ, ୧୨ ବାଲି ବୋଝେଇ ହାଇୱା ଜବତ



ାଙ୍ଗୀ,୨୦।୧୧(ନି.ପ୍ର):ବେଆଇନ ବାଲି ଚାଲାଣ ଉପରେ ଅଙ୍କୁଶ ଲଗାଇବାକୁ ଆକ୍ସନ ମୋଡରେ ବାଙ୍ଗୀ ଉପଜିଲ୍ଲାପାଳ ଶ୍ରୀମତୀ ମୋନୋସ୍ୱିନୀ ଦାସ। ଗୁରୁବାର ବିଳମ୍ବିତ ରାତିରେ କଇଁମୁଣ୍ଡି ଓ ବୈଦେଶ୍ୱର ଅଞ୍ଚଳରେ ଅଚାନକ ଚଢ଼ାଉ କରି ବେଆଇନ ଭାବେ ବାଲି ଚାଲାଣ କରୁଥିବା ୧୨ଟି ହାଇୱାକୁ ଜବତ କରିଛନ୍ତି। ଜବତ ହୋଇଥିବା ହାଇୱା ଗୁଡ଼ିକୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ଏଥିସହିତ ବେଆଇନ ବାଲି ଚାଲାଣରେ ସମ୍ପୃକ୍ତ ଗାଡ଼ିଗୁଡ଼ିକ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ବିରୋଧରେ ପ୍ରଶାସନର ଏହି ଦୃଢ଼ ପଦକ୍ଷେପ ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କ ପାଇଁ ଏକ କଡ଼ା ଚେତାବନୀ ସାଜିଛି। ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଓ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଉପଜିଲ୍ଲାପାଳ ଶ୍ରୀମତୀ ଦାସ ପ୍ରକାଶ କରିଛନ୍ତି।

ଜାତୀୟ ପ୍ରେସ ଦିବସରେ ସମାଜସେବୀ କ୍ଷିରୋଦ ସାହୁଙ୍କୁ ସମ୍ବର୍ଦ୍ଧନା



ତାଳଚେର,୨୦।୧୧(ନି.ପ୍ର):ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ତାଳଚେରର ବିଶିଷ୍ଟ ସମାଜସେବୀ କ୍ଷିରୋଦ ସାହୁଙ୍କୁ ତାଳଚେର ମିଡିଆ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦୀର୍ଘ ୩୧ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସମାଜସେବାରେ ନିଜକୁ ଉତ୍ସର୍ଗ କରି ଆସୁଥିବା ଶ୍ରୀ ସାହୁଙ୍କ ନିଷ୍ଠାପର ସେବା ଓ ସମାଜ ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ତାଳଚେର ବସଷ୍ଟାଣ୍ଡସ୍ଥିତ କନଫରେନ୍ସ ହଲରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସଂଘର ସଭାପତି ବଜରଙ୍ଗ ଅଗ୍ରୱାଲ, ପ୍ରଦୀପ ମହାରଣା ଓ ଜଲି ଦଳବେହେରା ପ୍ରମୁଖ ଉପସ୍ଥିତ ରହି କ୍ଷିରୋଦ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।ଜିତେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ସାମ୍ବାଦିକ ଓ ବୁଦ୍ଧିଜୀବୀ ଏହି ସଭାରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, କ୍ଷିରୋଦ ସାହୁଙ୍କର ସେବା ମନୋଭାବ, ମାନବିକତା, ନିଷ୍ଠା ଓ ସମାଜ ପ୍ରତି ନିରନ୍ତର ଅବଦାନ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ତାଙ୍କର ଏହି ନିରବ ସମାଜସେବା ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।

ବିଧାୟକଙ୍କ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ



ଟାଙ୍ଗୀ–ଚୌଦ୍ୱାର,୨୦।୧୧(ନି.ପ୍ର):ଅକଓ୍ୱାନ ବାତ୍ୟା ପ୍ରଭାବରେ ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ପ୍ରବଳ ବର୍ଷା ହେବା ଫଳରେ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ଶୁକ୍ରବାର ଦିନ ତମାମ ପ୍ରବଳ ବର୍ଷା ହେବା ଫଳରେ ଚୌଦ୍ୱାର ପୌରପାଳିକାର ବସ୍ତି ଅଞ୍ଚଳରେ ପାଣି ଜମିବା ସହିତ ରାସ୍ତା ଘାଟରେ ପାଣିର ସୁଅ ଛୁଟିଥିବା ଦେଖିବାକୁ ମିଳିଥିଲା । କିଛି ଘରେ ପାଣି ପଶିବା ସହିତ କିଛି ସ୍ଥାନରେ ପାଚେରୀ ଭାଙ୍ଗିଥିବା ଦେଖିବାକୁ ମିଳିଛି । ଆକ୍ୱାନ ମୁକାବିଲା ପାଇଁ ପୌରପାଳିକା ତରଫରୁ ବିଭିନ୍ନ ପ୍ରାକ୍ ପ୍ରସ୍ତୁତି କରାଯିବା ସହିତ ଗାନ୍ଧୀଛକ ସ୍ଥିତ ମଧୁସୂଦନ ଆଇଟିଆଇ, ଚୌଦ୍ୱାର କଲୋଜ ଓ ଓଟିଏମ୍ ହାଇସ୍କୁଲରେ ୩ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଖୋଲାଯିବା ସହିତ ତଳିଆ ବସ୍ତି ଗୁଡ଼ିକରୁ ୨୮୨ ଜଣଙ୍କୁ ସ୍ଥାନାନ୍ତର କରି ମଧୁସୂଦନ ଆଇଟିଆଇ ଆଶ୍ରୟସ୍ଥଳୀରେ ଅବସ୍ଥାପିତ କରାଯାଇଛି । ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ ଶୁକ୍ରବାର ଦିନ ଏହି ଆଶ୍ରୟସ୍ଥଳୀ ଗୁଡ଼ିକୁ ପରିଦର୍ଶନ କରି ସେଠାରେ ରହୁଥିବା ଲୋକ, ମହିଳା ଓ ପିଲାମାନଙ୍କ ସୁବିଧା ଅସୁବିଧା ଅନୁଧ୍ୟାନ କରିଥିଲେ । ଅବସ୍ଥାପିତ ମାନଙ୍କୁ ସକାଳ ଜଳଖିଆ, ମଧ୍ୟାହ୍ନ ରନ୍ଧାଖାଦ୍ୟ, ବିଛଣା ଓ ଶୌଚ ବ୍ୟବସ୍ଥା ସୁଚାରୁରୂପେ ଯୋଗାଇ ଦିଆ ଯାଉଛିକି ନାହିଁ ସେ ସମ୍ପର୍କରେ ଆଶ୍ରୟସ୍ଥଳିରେ ରହୁଥିବା ଲୋକ ମାନଙ୍କୁ ପଚାରି ବୁଝିବା ସହିତ ଆୟୋଜନ ଉପରେ ସନ୍ତୁଷ୍ଟି ପ୍ରକାଶ କରିଥିଲେ । ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଏମ୍ଇ ଶିଲା ସତ୍ୟ ନାରାୟଣ, ଜେଇ ଦୀପକ ସାମଲ, ପ୍ରତୀକ କୁମାର ମହାପାତ୍ର, ପିୟୁଷ କୁମାର ସାହୁ, ପୌର କର୍ମଚାରୀ ବୃନ୍ଦ ଓ ବିଧାୟକ ପ୍ରତିନିଧି ଭରତ କୁମାର ସାହୁ, ବିମଳ ପରିଡ଼ା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ବାବା ସାହେବଙ୍କ ନୂତନ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ବିଧାୟକଙ୍କ ପ୍ରତିଶୃତି



ଜଗତସିଂହପୁର,୨୦।୧୧(ନି.ପ୍ର): ନାଉଗାଁ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଶୁଦ୍ଧକଣ୍ଡି ଠାରେ ବାବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ମୁଣ୍ଡକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛି । ଏହି ଖବର ପାଇ ଜଗତସିଂହପୁର ବିଧାୟକ ଘଟଣା ସ୍ଥଳରେ ପଂହଁଚି ଏହାକୁ ଦୃଢ଼ ନିନ୍ଦା କରିଥିଲେ। ଯିଏ ବି ଏହାକୁ କରିଛି ତାର ଏହା ହୀନ ପ୍ରୟାସ ଏହା ନିଶ୍ଚିନ୍ତ ଅକ୍ଷମଣୀୟ ଅପରାଧ । ପୁଲିସ ଏ ପ୍ରସଙ୍ଗରେ ଅନୁସନ୍ଧାନ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଖୁବଶୀଘ୍ର ନୂତନ ବାବା ସାହେବ ଆମ୍ବେଦକରଙ୍କ ନୂତନ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ।

କଂଗ୍ରେସର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା

ଟାଙ୍ଗୀ–ଚୌଦ୍ୱାର,୨୦।୧୧(ନି.ପ୍ର): ଚୌଦ୍ୱାରର ସରୋଜିନୀ ନାୟକଙ୍କୁ କଟକ ଜିଲ୍ଲା ମହିଳା ଉପ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ଜୟନ୍ତୀ ନାଥଙ୍କୁ ଜିଲ୍ଲା ମାହିଳା ସାଧାରଣ ସମ୍ପାଦକ ଓ ଚୌଦ୍ୱାର ନଗର ଉପସଭାପତି ମୋନାଲିସା ଦାସଙ୍କୁ ଜିଲ୍ଲା ମହିଳା କଂଗ୍ରେସ କମିଟିର ସଦସ୍ୟା ଭାବେ ନିଯୁକ୍ତି ଦିଆ ଯାଇଛି । ଚୌଦ୍ୱାର କଂଗ୍ରେସ ତରଫରୁ ନବ ନିଯୁକ୍ତ ସଦସ୍ୟା ମାନଙ୍କୁ ଶୁଭେଚ୍ଛା ପ୍ରଦାନ ସହିତ ପିସିସି ସଭାପତି ଭକ୍ତ ଦାସ, ମହିଳା ସଭାପତି ମିନାକ୍ଷୀ ବାହିନିପତି, ପୂର୍ବତନ ଜିଲ୍ଲା ସଭାପତି ମାନସ ଚୌଧୁର, ଜିଲ୍ଲା ମହିଳା ସଭାପତି ପ୍ରୀତିଛନ୍ଦା ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

କାଉନସିଲର ଅଭିମନ୍ୟୁ ପଣ୍ଡା ନିଖୋଜ

ଅପହରଣ ଅଭିଯୋଗ ଆଣିଲେ ପରିବାର ସଦସ୍ୟ



ଢେଙ୍କାନାଳ,୨୦।୧୧(ନି.ପ୍ର):ଢେଙ୍କାନାଳ ମୁନିସିପାଲିଟି ୩ ନଂ ୱାର୍ଡ କାଉନସିଲର ଅଭିମନ୍ୟୁ ପଣ୍ଡା ଗତକାଲି ଠାରୁ ନିଖୋଜ ଥିବା ବେଳେ ପରିବାର ସଦସ୍ୟଙ୍କ ତରଫରୁ ତାଙ୍କୁ ଅପହରଣ କରାଯାଇଥିବା ଲିଖିତ ଭାବରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ ୧୯ ତାରିଖ ଦିନ ସକାଳ ୧୧ ଘଟିକା ସମୟରେ କାଉନସିଲର ପଣ୍ଡା ବ୍ୟାଙ୍କ ଯାଉଥିବା କହି ଘରୁ ବାହାରି ଥିଲେ, କିନ୍ତୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ତାଙ୍କୁ ମୋବାଇଲ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରିବା ବେଳେ ମୋବାଇଲ ବନ୍ଦ ଥିବା ଜାଣିବାକୁ ପାଇଥିଲେ। ତେବେ ବହୁ ଖୋଜା ଖୋଜି ପରେ ତାଙ୍କର କୌଣସି ସନ୍ଧାନ ନମିଳିବାରୁ ଶୁକ୍ରବାର ଅଭିମନ୍ୟୁ ପଣ୍ଡାଙ୍କ ଝିଅ ଟାଉନ ଥାନାରେ ବାପାଙ୍କ ନିଖୋଜ ହୋଇଥିବା ଖବର ଲିଖିତ ଭାବରେ ଜଣାଇଛନ୍ତି । ଟାଉନ ଥାନା ପୋଲିସ ବିଭିନ୍ନ ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଥିବା ବେଳେ ଗୁରୁବାର ସକାଳ ୧୨ ଟା ପରେ ତାଙ୍କ ମୋବାଇଲ ବନ୍ଦ ଥିବା ଟାଉନ ଥାନା ଅଧିକାରୀ ଧିରେନ ବେହେରା ସୂଚନା ଦେଇଛନ୍ତି । କାଉନସିଲର ପଣ୍ଡା ଘରୁ ଯିବା ବେଳେ ତାଙ୍କ ସାଥିରେ ଏକ ମେରୁନ ରଙ୍ଗର ସ୍କୁଟି ନେଇଥିବା ବେଳେ ଡେନିମ ବ୍ଲୁ ରଙ୍ଗର ଫୁଲ ସାର୍ଟ ଓ ବ୍ଲୁ ରଙ୍ଗର ଜିନ୍ସ ପ୍ୟାଣ୍ଟ ପିନ୍ଧି ଥିବାର ଘର ଲୋକ ସୂଚନା ଦେଇଛନ୍ତି। ଟାଉନ ଥାନା ପକ୍ଷରୁ ଏକ ମିସିଙ୍ଗ କେସ ନଂ ୮୩ କରାଯାଇଥିବା ଜଣା ପଡିଛି । ସୂଚନା ଥାଉ କି ଅଭିମନ୍ୟୁ ପଣ୍ଡା ବିଜେଡି ଟିକେଟରୁ ଗତ ପୌର ନିର୍ବାଚନରେ ବିଜୟୀ ହୋଇ ୩ ନଂ ୱାର୍ଡ କାଉନସିଲର ଜିତିଥିଲେ କିନ୍ତୁ ସାଧାରଣ ନିର୍ବାଚନ ପରେ ବିଜେଡି ଦଳରୁ ସେ ଦୁରେଇ ରହିଥିଲେ ଏବଂ ଗତ ୧୬ତାରିଖ ଦିନ ସେ ବିଜେଡ଼ି ଦଳ ଛାଡି ବିଜେପି ଦଳରେ ସାମିଲ ହୋଇଥିଲେ ।

୧୧ କେ ଭି ତାର ସଂସ୍ପର୍ଶରେ ଆସି ଯୁବକ ଗୁରୁତର, କଟକ ସ୍ଥାନାନ୍ତର

କଣ୍ଟାପଡା,୨୦।୧୧(ନି.ପ୍ର): ଓଲଟପୁର ଥାନା ଅଧିନସ୍ତ ମଡଜ ପୁର ଗ୍ରାମର ବିପିନ ସ୍ୱାଇଁ ପୁଅ ଦିବ୍ୟଜ୍ୟୋତି ସ୍ୱାଇଁ ଅଡସପୁର ଗ୍ରାମରେ ଏକ ନୂଆ ଘର ନିର୍ମାଣ ଚାଲିଥିବା ବେଳେ ଛାତ ଉପରେ ରଙ୍ଗ ଦେବା ନିମନ୍ତେ ଶୁକ୍ରବାର ଦିନ ୧୨ ଟା ସମୟରେ ଯାଇଥିଲେ। ଏହି ସମୟରେ ଲାଗି ରହିଥିବା ୧୧ କେ. ଭି ତାର ସଂସ୍ପର୍ଶ ରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କ୍ରି ଅଡସପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେଛ ଡାକ୍ତର ଆଶିଷ କୁମାର ପୁଷ୍ଟି ପ୍ରାଥମିକ ଚିକିତ୍ସା କରି କଟକ ସ୍ଥାନାନ୍ତ୍ରିତ କରିଥିଲେ। ବିଦ୍ୟୁତ ବିଭାଗର ଦାୟିତ୍ୱହୀନତା, ଛାତ ଉପରେ ୧୧ କେଁ ଭି ତାର ନେବା ଫଳରେ ଏଭଳି ଘଟଣା ଉପୁଜିଛି ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଉକ୍ତ ଜାଗାରୁ ୧୧ କେ ଭି ତାର ତୁରନ୍ତ ହଟାଇବାକୁ ଦାବି ହେଉ।

ଜଗତସିଂହପୁର ଜିଲ୍ଲାରେ ବାତ୍ୟା ଅକଓ୍ୱାନର ମୁକାବିଲା:ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି



ଜଗତସିଂହପୁର,୨୦।୧୧(ନି.ପ୍ର):ସାମୁଦ୍ରିକ ବାତ୍ୟା 'ଅକଓ୍ୱାନ' ଆଜି ପୂର୍ବାହ୍ନ ରେ ସ୍ଥଳଭାଗ ଛୁଇଁବା ପରେ ଧୀରେ ଧୀରେ ତାର ପ୍ରଭାବ କମିବା ସହ ଅପରାହ୍ନରେ ଏହା ଅବପାତର ରୂପ ନେଇଛି। ଯାହା ଫଳରେ ଜିଲ୍ଲାରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଆଶ୍ରୟ ସ୍ଥଳୀରେ ପ୍ରଭାବିତ ଲୋକଙ୍କ ସୁରକ୍ଷା କାର୍ଯ୍ୟ ଜିଲ୍ଲା ପ୍ରଶାସନ ଦ୍ୱାରା ଜାରି ରହିଛି। ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ସମେତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ, ବାଲିକୁଦାର ବାତ୍ୟା ଆଶ୍ରୟ ସ୍ଥଳୀ ପରିଦର୍ଶନ କରିବା ସହ ଅତ୍ୟାବଶ୍ୟକ ସୁବିଧା ସୁନିଶ୍ଚିତ କରିଥିଲେ। ପ୍ରଭାବିତ ମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ ପରୀକ୍ଷା ବିଷୟରେ ତଦାରଖ କରିଛନ୍ତି।

ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ସକାଳ ୮ ଘଟିକା ସୁଦ୍ଧା ଜିଲ୍ଲାରେ ମୋଟ ୧୭୫୯୯ ଜଣଙ୍କୁ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇ, ବିଭିନ୍ନ ବ୍ଲକ୍ର ୨୦୩ ଟି ନିରାପଦ ଆଶ୍ରୟସ୍ଥଳୀ ରେ ରଖାଯାଇଛି। ୧୮୪ ଟି ଫ୍ରୀ କିଚେନ ସେଣ୍ଟର୍ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି ଏବଂ ସେହି ଆଶ୍ରୟ ସ୍ଥଳୀ ଗୁଡିକରେ ପ୍ରଭାବିତମାନଙ୍କୁ ଚୁଡା, ଗୁଡ଼, ପାଣି ବୋତଲ, ପଲିଥିନ୍ ରୋଲ୍ ଯୋଗାଇ ଦିଆଯାଇଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବ୍ଲକ୍ର ସି ଏଚ୍ ସି ରେ ୨୪*୭ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ସ୍ୱାସ୍ଥ୍ୟ ସୁରକ୍ଷାକୁ କେନ୍ଦ୍ର କରି ମହିଳା ଓ କିଶୋରୀ ମାନଙ୍କୁ ସାନିଟାରୀ ନାପକିନ ବଣ୍ଟନ କରାଯାଇଛି ଆରଆରଟି ଟିମ୍ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଛି। ନିକଟସ୍ଥ ସିଏଚସିକୁ ସ୍ଥାନାନ୍ତରିତ ହୋଇଥିବା ଗର୍ଭବତୀଙ୍କ ମଧ୍ୟରୁ ୬୨ ଜଣ ନିରାପଦ ମାତୃତ୍ୱ ଲାଭ କରିଛନ୍ତି। ଅପରାହ୍ନରେ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଦୁର୍ବଳ ହୋଇଯିବାରୁ କିଛି ଲୋକ ନିଜ ବାସସ୍ଥାନକୁ ଫେରି ଯାଉଛନ୍ତି ।ସେହିପରି ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ତିର୍ତ୍ତୋଲ

ଚାଷୀଙ୍କ ମୁହଁରୁ ହସ ଛଡ଼ାଇ ନେଲା ବାତ୍ୟା 'ଅକୱାନ୍' : ପାଣିରେ ବୁଡ଼ିଲା ପାଚିଲା ଧାନ



ହାଟଡିହି,୨୦।୧୧(ନି.ପ୍ର): ଚାଷୀଙ୍କ ପାଇଁ ଏବେ ବାତ୍ୟା 'ଅକଭାନ୍' ଦୁଃଖର କାରଣ ପାଲଟିଛି। ଗତ ଅକ୍ଟୋବର ମାସରେ ଆସିଥିବା ବାତ୍ୟା 'ଅର୍ଣ୍ଣବ' ଚାଷୀଙ୍କ ମନରେ ନୂଆ ଆଶା ଓ ଆଶ୍ୱସ୍ତି ଭରିଦେଇଥିବା ବେଳେ ବାତ୍ୟା 'ଅକୱାନ୍' ସେହି ଆଶାକୁ ଧୂଳିସାତ୍ କରିଦେଇଛି। ବର୍ଷକ ପରିଶ୍ରମର ଫଳ ଅମଳ କରିବା ସମୟରେ ଚାଷୀଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ଚଳିତ ବର୍ଷ ଧାନ ତଳି ପକାଇବାଠାରୁ ଆରମ୍ଭ କରି ରୁଆ ଓ ବେଉଷଣ ପର୍ଯ୍ୟନ୍ତ ଚାଷୀମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବର୍ଷାର ଅନିୟମିତତା ଯୋଗୁଁ ଧାନ ଗଛର ବୃଦ୍ଧି ଓ ଫସଲର ସ୍ୱାଭାବିକ ବିକାଶ ମଧ୍ୟ ପ୍ରଭାବିତ ହୋଇଥିଲା। ଅନ୍ୟପକ୍ଷରେ ଅକ୍ଟୋବର ମାସରେ ବର୍ଷାର ଅଭାବ ଦେଖାଦେବାରୁ ହାଟଡିହି ବ୍ଲକର ବିଭିନ୍ନ ଅଂଚଳରେ ଚାଷ ଜମି ଶୁଖି ଯାଇଥିଲା। ଧାନ ଗଛ ପାଣି ଅଭାବରେ ଶୁଖିବାକୁ ବସିଥିବାରୁ ଚାଷୀମାନେ ଫସଲକୁ ନେଇ ଚିନ୍ତାରେ ପଡ଼ିଥିଲେ। ଏଭଳି ସମୟରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାତାର ଦୁଇରୁ ତିନି ଦିନ ବର୍ଷା ହେବାରୁ ଚାଷ ଜମିରେ ଆବଶ୍ୟକ ପରିମାଣର ପାଣି ରହିଥିଲା। ଏଥିରେ ଚାଷୀମାନେ କିଛିଟା ଆଶ୍ୱସ୍ତି ଅନୁଭବ କରିବା ସହ ଭଲ ଅମଳର ଆଶା ବାନ୍ଧିଥିଲେ। କିନ୍ତୁ ସେହି ଆଶା ଏବେ ନିରାଶାରେ ପରିଣତ ହୋଇଛି। ବାତ୍ୟା 'ଅକଭାନ୍'ର ପ୍ରଭାବରେ ଦିନ ତମାମ ହାଲୁକେ ହାଲୁକେ ପବନ ସହିତ ବର୍ଷା ଲାଗି ରହିଛି। ହାଟଡିହି ବ୍ଲକରେ ସର୍ବାଧିକ ୪୯ ମିଲିମିଟର ବର୍ଷା ପରିମାଣ ରେକର୍ଡ ହୋଇଥିବା ବେଳେ ବିଭିନ୍ନ ଅଂଚଳର ଚାଷ ଜମି ଏବେ ଜଳମଗ୍ନ ହୋଇପଡ଼ିଛି। ଯୁଆଡେ ଦେଖିଲେ କେବଳ ପାଣି ଆଉ ପାଣି। ଧାନ କିଆରୀରେ ବର୍ଷା ଜଳ ଜମି ରହିବା ସହ ପ୍ରବଳ ପବନ ଯୋଗୁଁ ଅଧିକାଂଶ ଜମିରେ ଧାନ ଗଛ ଭୂମିଶାୟୀ ହୋଇପଡ଼ିଛି। ବର୍ତ୍ତମାନ ଅଧିକାଂଶ ଜମିରେ ଧାନ ଗଛରେ ଫୁଲ ଧରିବା ସହ ଧାନ କ୍ଷୀର ଓ ଦାନା ଧରିବା ପ୍ରକ୍ରିୟା ଚାଲିଥିବା ବେଳେ ବାତ୍ୟାର ପ୍ରଭାବ ଫସଲକୁ ଗୁରୁତର ଭାବେ ପ୍ରଭାବିତ କରିଛି। ବର୍ଷା ଓ ପବନରେ ଧାନ ଗଛଗୁଡ଼ିକ ଶୋଇ ପଡ଼ିବା ସହ ଅନେକ ସ୍ଥାନରେ ଧାନ ଫୁଲ ଝଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଯେଉଁ ଜମିରେ ଧାନ ପାଚିବା ଆରମ୍ଭ କରିଥିଲା, ସେହି ଜମିରେ ଗଛଗୁଡ଼ିକ ପଡ଼ିଯିବା ଯୋଗୁଁ ପାଚିଲା ଧାନ ଏବେ ବର୍ଷା ପାଣିରେ ବୁଡ଼ି ରହିଛି। ଫଳରେ ଧାନର ଗୁଣବତ୍ତା ହ୍ରାସ ପାଇବା ସହ ଅମଳ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଚାଷୀଙ୍କ ମୁହଁରୁ ହସ ଛଡ଼ାଇ ନେଇଥିବା ଏହି ବାତ୍ୟା ପରେ ସେମାନେ କିପରି କ୍ଷତିରୁ ମୁକୁଳିବେ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ। ତେଣୁ କ୍ଷତିଗ୍ରସ୍ତ ଚାଷ ଜମିର ସଠିକ୍ ଆକଳନ କରିବା ସହ କୃଷି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବାକୁ ଚାଷୀ ମହଲରେ ଦାବି ହେଉଛି।

ଭୋଟର ତାଲିକା ସଂଶୋଧନ ପାଇଁ ୧୨ କିମି ଯାତ୍ରା

ସାଇଁକୁଳ ଓ ଅଳତି ପଞ୍ଚାୟତବାସୀ ଅସନ୍ତୁଷ୍ଟ

ରାମଚନ୍ଦ୍ରପୁର,୨୦।୧୧(ନି.ପ୍ର): ଦେଶବ୍ୟାପୀ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ନୂଆ ଭୋଟରଙ୍କ ନାମ ପୀକରଣ, ତାଲିକାରୁ ନାମ ବାଦ୍ ଦେବା ଏବଂ ଆପତ୍ତି ଅଭିଯୋଗର ସମାଧାନ ନିମନ୍ତେ ଘସିପୁରା ବିଡିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା–୩୫୮ରେ ଗତ ୧୮ ତାରିଖ ଦିନ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, ଘସିପୁରା ବ୍ଲକର ମୋଟ ୨୫ଟି ପଂଚାୟତକୁ ୧୦ଟି ଜୋନରେ ବିଭକ୍ତ କରାଯାଇ ଅଭିଯୋଗ ଶୁଣାଣି ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ଏଥିରେ ରାମଚନ୍ଦ୍ରପୁର ଓ ସାଇଁକୁଳ ପଂଚାୟତ ପାଇଁ ରାମଚନ୍ଦ୍ରପୁର ପଂଚାୟତ କାର୍ଯ୍ୟାଳୟରେ ଆସନ୍ତା ୨୩ ତାରିଖ ଏବଂ ମଦନପୁର ଓ ଅଳତି ପଂଚାୟତ ପାଇଁ ମଦନପୁର ପଂଚାୟତ କାର୍ଯ୍ୟାଳୟରେ ୨୫ ତାରିଖ ଦିନ ଅଭିଯୋଗ ଶୁଣାଣି ପାଇଁ ସ୍ଥିର କରାଯାଇଛି। ଏଭଳି ବ୍ୟବସ୍ଥାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୟସ୍କ, ମହିଳା ଓ ଦିନ ମଜୁରିଆ ଶ୍ରେଣୀର ଲୋକଙ୍କ ପାଇଁ ଏତେ ଦୂର ଯାତ୍ରା କରିବା ଏକ ପ୍ରକାର ବୋଝ ସଦୃଶ ହୋଇପଡ଼ିଛି। ଜନସାଧାରଣଙ୍କ ଦାବୀକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ପଂଚାୟତ ମୁଖ୍ୟାଳୟରେ ସ୍ୱତନ୍ତ୍ର ଆପତ୍ତି ଅଭିଯୋଗ ଓ ସଂଶୋଧନ ପ୍ରକୋଷ୍ଠ ଖୋଲିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଘସିପୁରା ବିଡିଓ ତୁରନ୍ତ ଏହାର ପୁନର୍ବିଚାର କରିବା ସହ ପ୍ରତ୍ୟେକ ପଂଚାୟତରେ ଶୁଣାଣି ବ୍ୟବସ୍ଥା କରିବାକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

ବାତ୍ୟା 'ଅକୱାନ' ପ୍ରଭାବରେ ଧାନ ଗଦା ନଷ୍ଟ

ପାଟଣା,୨୦।୧୧(ନି.ପ୍ର): ବାତ୍ୟା 'ଅକୱାନ' ପ୍ରଭାବରେ ଲଗାତାର ବର୍ଷା ଯୋଗୁଁ ଚାଷୀଙ୍କ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି। ଅମଳ ପୂର୍ବରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବର୍ଷା ଯୋଗୁଁ ବିଲରେ କଟା ହୋଇ ପଡ଼ିଥିବା ଧାନ ଏବଂ ଧାନଗଦା ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲା। ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ପଂଚାୟତର ଖୁଣ୍ଟାପଡ଼ା ଗ୍ରାମର ଚାଷୀ ହୀରାଲାଲ ମହାନ୍ତଙ୍କ ବିଲରେ କଟା ହୋଇ ପଡ଼ିଥିବା ଧାନ ଲଗାଣ ବର୍ଷାରେ ନଷ୍ଟ ହୋଇଛି। ସେହିପରି ଗ୍ରାମର ଅନ୍ୟ ଜଣେ ଚାଷୀ ଡାଲିମ୍ବ ମହାନ୍ତଙ୍କ ଧାନଗଦା ମଧ୍ୟ ବର୍ଷାରେ ନଷ୍ଟ ହୋଇଥିବା ଜଣାପଡ଼ିଛି। ବର୍ଷସାରା କଷ୍ଟ କରି ଧାନ ଚାଷ କରିଥିବା ଚାଷୀମାନେ ଅମଳ ସମୟରେ ପ୍ରକୃତିର ଦାଉରେ ହତାଶ ହୋଇପଡ଼ିଛନ୍ତି। ଧାନ ନଷ୍ଟ ହେବା ଯୋଗୁଁ ଚାଷୀଙ୍କ ଆର୍ଥିକ କ୍ଷତି ହେବା ସହ ଆଗାମୀ ଦିନରେ ପରିବାର ଚଳାଇବା ନେଇ ଚିନ୍ତା ବଢ଼ିଛି। ଏଣୁ କ୍ଷତିଗ୍ରସ୍ତ ଚାଷୀଙ୍କ ଧାନ ଫସଲର କ୍ଷୟକ୍ଷତି ପ୍ରଶାସନ ପକ୍ଷରୁ ତୁରନ୍ତ ଆକଳନ କରାଯାଇ ଉଚିତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।



କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ଗ୍ରାମବାସୀ ଓ ସରପଞ୍ଚ ମୁଁହାମୁଁହି



ଆନନ୍ଦପୁର,୨୦।୧୧(ନି.ପ୍ର): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣୀ ପଂଚାୟତ ଅଫିସ ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ଗ୍ରାମବାସୀ ଓ ସରପଂଚଙ୍କ ମଧ୍ୟରେ ମୁହାଁମୁଁହି ହେବା ଦେଖିବାକୁ ମିଳିଛି । ଆନନ୍ଦପୁର ବ୍ଲକ ପକ୍ଷରୁ ଶାଳବଣୀ ପଂଚାୟତ ନିକଟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କାର ଏକ ୱାର୍କ ଅଡର ଦିଆଯାଇଥିଲା । ଗ୍ରାମର କିଛି ଯୁବକ ଅସଂପୂର୍ଣ୍ଣ ହୋଇଥିବା କଲ୍ୟାଣ ମଣ୍ଡପ ସ୍ଥାନକୁ ସଫା କରି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ କରୁଥିବା ସମୟରେ ଖବର ପାଇ ସରପଞ୍ଚ ନିର୍ମାଣ ସ୍ଥଳରେ ପହଁଚି ଉକ୍ତ କାମକୁ ବିରୋଧ କରିବା ସହ ଗ୍ରାମର ଯୁବକ ମାନଙ୍କ ସହ ଯୁକ୍ତିତର୍କ ଆରମ୍ଭ କରିଥିଲେ। ଯାହାକୁ ନେଇ ସରକାରଙ୍କ ପକ୍ଷରୁ ଗ୍ରାମର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥରାଶି ଯୋଗା ଯାଉଥିବା ବେଳେ ସରପଂଚ ଉନ୍ନତି ମୂଳକ କାର୍ଯ୍ୟକୁ ବିରୋଧ କରୁଥିବା ନେଇ ଗ୍ରାମରେ ଅସନ୍ତୋଷ ଦେଖା ଦେଇଛି ।

ନୟାଗଡ଼ ଗୋଷ୍ଠୀ ସଂଘର୍ଷ ମାମଲା

୯ ଜଣଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ, ପାଲଟା କେସରେ ୧୨ ଜଣଙ୍କୁ ଜରିମାନା

ରାମଚନ୍ଦ୍ରପୁର,୨୦।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ନୟାଗଡ଼ ଗ୍ରାମରେ ୨୦୧୭ ମସିହା ସେପ୍ଟେମ୍ବର ୭ ତାରିଖରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଓ ଜାତିଆଣ ଆକ୍ଷେପ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଦେବଦତ୍ତ ଦାସ ମହାପାତ୍ର ୯ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୯ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ–ନୟାଗଡ ଗ୍ରାମର ଗେଣ୍ଡୁ ରାଉତ, ଅଜୟ ରାଉତ, ବିକ୍ରୁ ରାଉତ, ଶେଷଦେବ ରାଉତ, ସନ୍ଦୀପ ମଲ୍ଲିକ, ପ୍ରଦୀପ ମଲ୍ଲିକ, ବିପିନ ମଲ୍ଲିକ, ପ୍ରଫୁଲ୍ଲ ରାଉତ ଓ ଭାଗୀରଥି ରାଉତ। ସୂଚନା ଅନୁଯାୟୀ, ସରକାରୀ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ ସହ ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ବିମଳ କୁମାର ରାଉତ ଥାନାରେ ଅଭିଯୋଗ କରିଥିଲେ। କୋର୍ଟ ଆଇପିସିର ବିଭିନ୍ନ ଧାରା ସହ ଏସ୍.ସି/ଏସ୍.ଟି ଆଇନରେ ଏହି ଦଣ୍ଡାଦେଶ ଶୁଣାଇଥିବା ବେଳେ ସମସ୍ତ ଦଣ୍ଡ ଏକକାଳୀନ ଲାଗୁ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, ଏହି ଘଟଣାର ପାଲଟା ମାମଲାରେ କୋର୍ଟ ୧୨ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏଁ ଜରିମାନା। (ଅନାଦାୟରେ ୧ ମାସ ସାଧାରଣ ଜେଲ୍) ଦଣ୍ଡରେ ଦଣ୍ଡିତ କରିଛନ୍ତି।

ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ପୁହାଣଙ୍କ ପରଲୋକ

ରାମଚନ୍ଦ୍ରପୁର,୨୦।୧୧(ନି.ପ୍ର): ଘସିପୁରା ବ୍ଲକ ବାତୋ ପଞ୍ଚାୟତ କରଡାପାଳ ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ପୁହାଣ (୭୬)ଙ୍କ ଶୁକ୍ରବାର ସଂଧ୍ୟା ୬.୩୦ ମିନିଟ୍ ସମୟରେ ହୃଦଘାତରେ ପରଲୋକ ଘଟିଛି।ଛ ଦୀର୍ଘ ଦୀନ ଧରି ମଧୁମେୟ ରୋଗରେ ପିଡିତଥାଇ କଟକ ବଡ ମେଡିକାଲରେ ଚିକିତ୍ସାଧିନ ଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପି ଛାତ୍ରବତ୍ସଳ ତଥା ଧର୍ମପରାୟଣ ବ୍ୟକ୍ତି ଥିଲେ । ଶିକ୍ଷକତାରୁ ଅବସର ଗ୍ରହଣ ପରେ ବିଭିନ୍ନ ସାସ୍କୃତିକ ଏବଂ ଆଧ୍ୟାତ୍ମିକ ସଂଗଠନ ସହ ଜଡିତ ରହିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ବାତୋ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ (ବାତୋ) କରଡାପାଳ ସ୍ଥିତ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ମୃତ୍ୟୁ ଶଜ୍ୟା ନିକଟରେ ଦୁଇ ପୁଅବୋହୁ ନାତି ନାତୁଣି ସହ ପରିବାର ବର୍ଗ ଉପସ୍ଥିତ ଥିଲେଛ ବୈତରଣୀ କୂଳ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରା ଯାଇଥିଲା। ବଡପୁଅ ବିଜୟ ପୁହାଣ ମୁଖାଗ୍ନି ଦେଇଥିଲେ।



ବିଦ୍ୟୁତ ସେକ୍ସନରୁ ଲକ୍ଷାଧିକ ଟଙ୍କାର କେବୁଲ ଚୋରି ଅଭିଯୋଗ

ରାମଚନ୍ଦ୍ରପୁର,୨୦।୧୧(ନି.ପ୍ର): ରାମଚନ୍ଦ୍ରପୁର ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ପରିସରରୁ ଲକ୍ଷାଧିକ ଟଙ୍କାର କେବୁଲ ତାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।ଗତ ୧୫ ତାରିଖ ବିଲମ୍ବିତ ରାତ୍ରୀରେ ଏହି ଘଟଣା ହୋଇଥିବା ବେଳେ ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ୬୭ ହଜାର ୫୯୮ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏତଲା ଅନୁଯାୟୀ, ଚୋରି ହୋଇଥିବା ନିୟନ୍ତ୍ରଣ କେବୁଲ ମଧ୍ୟରେ ୧୬ କୋର (୨.୫ ବର୍ଗମିଟର) କେବୁଲ ୮୫୦ ମିଟର ଏବଂ ୪ କୋର (୨.୫ ବର୍ଗମିଟର) କେବୁଲ ୬୮୫ ମିଟର ରହିଛି। ଏନେଇ ରାମଚନ୍ଦ୍ରପୁର ବିଦ୍ୟୁତ ସେକ୍ସନର କନିଷ୍ଠ ଯନ୍ତ୍ରୀ ରାଜେଶ ପଇ ରାମଚନ୍ଦ୍ରପୁର ଥାନାରେ ଲିଖିତ ଏତଲା ଦାଏର କରିଛନ୍ତି। ନଭେମ୍ବର ୧୫ ରାତ୍ରୀରେ ବି.ଏ. ଲାଇନମ୍ୟାନ୍ ଏମ୍.ଆର୍. ମଙ୍ଗୁଜ ଚରଣ ନାଏକ ଏବଂ ଏମ୍.ଆର୍. ହେଲପର ପ୍ରମୋଦ କୁମାର ସାହୁ ଉକ୍ତ ସବ୍–ଷ୍ଟେସନରେ କାର୍ଯ୍ୟରତ ଥିଲେ। ଡ୍ୟୁଟିରେ ଥିବା ବେଳେ କିଛି ଅଜଣା ଦୁର୍ବୃତ୍ତ ପିଏସ୍ଏସ୍ ପରିସରରୁ କଣ୍ଟ୍ରୋଲ୍ କେବୁଲ୍ କାଟି ଚୋରି କରୁଥିବା ସେମାନଙ୍କ ନଜରକୁ ଆସିଥିଲା। ତେବେ ଦୁର୍ବୃତ୍ତଙ୍କ ଭୟରେ ସେମାନେ ପ୍ରତିବାଦ କରିପାରିନଥିବା ଜଣାପଡ଼ିଛି। କାର୍ଯ୍ୟାଳୟ ପରିସରରେ ସିସିଟିଭି କ୍ୟାମେରା ନଥିବା ଏବଂ ସୁରକ୍ଷା ବ୍ୟବସ୍ଥାରେ ଅବହେଳା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଆବାସ ଘର ସଭେକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବିବାଦ

ହାଟଡିହି,୨୦।୧୧(ନି.ପ୍ର): ସରକାରୀ ଆବାସ ଯୋଜନାରେ ଘର ପ୍ରଦାନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ଏବେ ଭାଇ ଭାଇଙ୍କ ମଧ୍ୟରେ ବିବାଦର କାରଣ ପାଲଟିଛି। ଆବାସ ଘର ସର୍ଭେ କରିବାକୁ ଯାଇଥିବା ବ୍ଲକ ଅଧିକାରୀଙ୍କ ସମ୍ମୁଖରେ ଯୋଗ୍ୟ ହିତାଧିକାରୀ ଘର ପାଉନଥିବା ବେଳେ ଅଯୋଗ୍ୟ ବ୍ୟକ୍ତିମାନେ ବାରମ୍ବାର ଆବାସ ଘର ପାଉଥିବା ନେଇ ପ୍ରଶ୍ନ ଉଠାଇବାରୁ ଜଣେ ବ୍ୟକ୍ତି ନିଜ ବଡ଼ ଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏପରିକି ଥାନାରେ ଅଭିଯୋଗ କରିବାର ଚାରିଦିନ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅଭିଯୋଗକାରୀ କହିଛନ୍ତି। ଅଭିଯୋଗ ପ୍ରତ୍ୟାହାର କରିବା ପରେ ମଧ୍ୟ ତାଙ୍କୁ ପୁଣି ଆକ୍ରମଣ କରାଯାଇଥିବାରୁ ଘଟଣାଟି ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା ହାଟଡିହି ବ୍ଲକ ଅନ୍ତର୍ଗତ ଶାଳନିଆଁ ଗ୍ରାମରେ ଘଟିଛି।ଗ୍ରାମରେ ସରକାରୀ ଆବାସ ଯୋଜନାରେ ନୂତନ ଘର ପାଇଁ ସର୍ଭେ କରିବାକୁ ବ୍ଲକ ପକ୍ଷରୁ କିଛି ଅଧିକାରୀ ଯାଇଥିଲେ। ଏହି ସମୟରେ ଗ୍ରାମର ବନମାଳୀ ବେହେରା ଆବାସ ଯୋଜନାରେ ହିତାଧିକାରୀ ଚୟନକୁ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଯୋଗ୍ୟ ଓ ଗରିବ ଲୋକମାନେ ଘର ପାଇବାରୁ ବଞ୍ଚିତ ହେଉଥିବା ବେଳେ କିଛି ଅଯୋଗ୍ୟ ବ୍ୟକ୍ତି ବାରମ୍ବାର ଆବାସ ଘର ପାଉଥିବା ନେଇ ସେ ପ୍ରଶ୍ନ ଉଠାଇଥିଲେ।ଏହି କଥାକୁ କେନ୍ଦ୍ର କରି ତାଙ୍କ ସାନ ଭାଇ ମାନସ ଉତ୍ତ୍ୟକ୍ତ ହୋଇ ବନମାଳୀଙ୍କୁ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ବନମାଳୀ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ବନମାଳୀଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ଥାନାରେ ୨ ଦୁଇଟି ମାମଲା ରୁଜୁ ହୋଇଥିବା ଜଣା ଯାଇଛି।

ଓସ୍କାର 'ତ୍ରିଶା' ପ୍ରକଳ୍ପ ପକ୍ଷରୁ ଶିଶୁ ଅଧିକାର ସପ୍ତାହ ପାଳିତ



କେନ୍ଦୁଝର,୨୦।୧୧(ନି.ପ୍ର): ଶିଶୁମାନଙ୍କ ଅଧିକାର, ସୁରକ୍ଷା, ସମ୍ମାନ ଓ ସର୍ବାଙ୍ଗୀନ ବିକାଶ ସଂପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଓସ୍କା'ର 'ତ୍ରିଶା' ପ୍ରକଳ୍ପ ପକ୍ଷରୁ ଶୁଆକାଟିସ୍ଥିତ ଏସ୍.ଜି. ଫାଉଣ୍ଡେସନ ପରିସରରେ 'ଶିଶୁ ଅଧିକାର ସପ୍ତାହ–୨୦୨୬' ଏକ ଆନନ୍ଦମୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ସମାଜସେବୀ ତଥା ସାମ୍ବାଦିକ ପୁଷ୍ପକ ପଟ୍ଟନାୟକ 'ଓସ୍କା'ର ଉପସଭାପତି ସୁନୀତା ମହାନ୍ତି, ଚୁଗୁଡ଼ି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନୀଳମଣି ଜେନା, ବାୟାକୁମୁଟିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମୁରଲୀଧର ମହାନ୍ତ ଏବଂ ଖଜୁରୀମୁଣ୍ଡି ବିଦ୍ୟାଳୟର 'ଆସ୍ଥାୟୀର' ଶିକ୍ଷୟିତ୍ରୀ ବୈଦେହୀ ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ ଅଧିକାରର ଗୁରୁତ୍ୱ, ଶିଶୁ ସୁରକ୍ଷା ଏବଂ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ମାନସିକ ବିକାଶ ଉପରେ ଆଲୋକପାତ କରିଥିଲେ। ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ, ସମାନତାଭିତ୍ତିକ ଓ ଅଧିକାର ସଂପନ୍ନ ପରିବେଶ ଗଠନରେ ପରିବାର, ବିଦ୍ୟାଳୟ ଓ ସମାଜର ସାମୂହିକ ଦାୟିତ୍ୱ ରହିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳତା, ଆତ୍ମବିଶ୍ୱାସ, ଅଭିବ୍ୟକ୍ତିର ସ୍ୱାଧୀନତା ଓ ସାମାଜିକ ସଚେତନତା ବୃଦ୍ଧି ନିମତ୍ତେ ଚିତ୍ରାଙ୍କନ, ତର୍କ ପ୍ରତିଯୋଗିତା ଓ ଶିଶୁ ସାଂସଦ ଭଳି ତିନୋଟି ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିଶୁ ସଂସଦ ମାଧ୍ୟମରେ ପିଲାମାନେ ନିଜ ନିଜର ମତ, ଚିନ୍ତାଧାରା ଓ ସମସ୍ୟାକୁ ଉପସ୍ଥାପନ କରିବା ସହ ସାମୂହିକ ନିଷ୍ପତ୍ତି ଓ ନେତୃତ୍ୱର ଅନୁଭୂତି ହାସଲ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଉପଢ଼ୌକନ ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ଏହା ସହିତ କେନ୍ଦୁଝର ବନ ବିଭାଗ ପକ୍ଷରୁ ହାତୀ–ମଣିଷ ସଂଘର୍ଷର ପ୍ରଶମନ, ଜଙ୍ଗଲୀ ହାତୀ

ବୋମାଲୋଇରେ ବିଶ୍ୱ ଶୌଚାଳୟ ଦିବସ ପାଳିତ

ରେଙ୍ଗାଲି,୨୦।୧୧(ନିପ୍ର): ଶୌଚାଳୟ କେବଳ ଏକ ସୁବିଧା ନୁହେଁ, ଏହା ପ୍ରତ୍ୟେକ ଶିଶୁର ଅଧିକାର ଏବଂ ସୁସ୍ଥ ସମାଜ ଗଠନର ମୂଳ ଆଧାର। ଏହି ସଚେତନତାର ବାର୍ତ୍ତା ନେଇ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍‌ର ବୋମାଲୋଇ ଗ୍ରାମ ପଞ୍ଚାୟତରେ ବିଶ୍ୱ ଶୌଚାଳୟ ଦିବସ୨୦୨୬ ପାଳିତ ହୋଇ ଯାଇଛି। ନିଯୁକ୍ତିସିଡି ପକ୍ଷରୁ ଲାଇଟ୍ ହାଉସ୍ କାର୍ଯ୍ୟକ୍ରମ ପ୍ରକଳ୍ପ୨ ଅଧୀନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମକୁ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗ। (ହିଣ୍ଡାଲକୋ। ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏକ ୟୁନିଟ୍) ସହଯୋଗ କରିଥିଲା। 'ସ୍ୱଚ୍ଛ ଶୌଚାଳୟ, ସୁସ୍ଥ ସମାଜ ଓ ସମସ୍ତଙ୍କ ସାମୂହିକ ଦାୟିତ୍ୱ' ବିଷୟ ବସ୍ତୁ କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପ୍ରାୟ ୧୦୦ ଜଣ ଯୋଗ ଦେଇ ଥିଲେ। ଏଥିରେ ଜନପ୍ରତିନିଧି, ଶିକ୍ଷକ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମ ସ୍ୱଚ୍ଛତା କମିଟିର ସଦସ୍ୟଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ।କାର୍ଯ୍ୟକ୍ରମ ରେ ନବୀକରଣ କରା ଯାଇଥିବା ବିଦ୍ୟାଳୟ ଶୌଚାଳୟର ଉଦ୍‌ଘାଟନ ମୁଖ୍ୟ ଆକର୍ଷଣ ପାଲଟିଥିଲା। ଜନପ୍ରତିନିଧି ଓ ଆଦିତ୍ୟ ଆଲୁମିନିୟମ୍‌?ର ସିଏସ୍‌ଆର ପ୍ରତିନିଧିଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଥିଲା। ଏହି ଅବସର ରେ ବିଆର୍ସି ହରିଶଙ୍କର କଉଡ଼ି, ପୂର୍ବତନ ସରପଞ୍ଚ ଶେଷଦେବ ପ୍ରଧାନ ଓ ଏସ୍‌ଏମ୍‌ସି ସଭାପତି ରଶ୍ମିମଞ୍ଜୁଳା ପ୍ରଧାନ ଉପସ୍ଥିତ ଥିଲେ।



ବିଦ୍ୟାଳୟ ରେ ସ୍ୱଚ୍ଛ ଓ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟ ପକ୍ଷରେ ଶିଶୁମାନଙ୍କ ମଧ୍ୟରେ ଶୌଚାଳୟର ନିୟମିତ ବ୍ୟବହାର ଓ ସ୍ୱଚ୍ଛତା ଅଭ୍ୟାସ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ନିଜ ଘରେ ଶୌଚାଳୟ ନିର୍ମାଣ ଓ ତାହାର ନିୟମିତ ବ୍ୟବହାର ପାଇଁ ପିତାମାତା ଙ୍କୁ ପ୍ରେରିତ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦିଆଯାଇଥିଲା। 'ଶୌଚାଳୟ ପ୍ରତ୍ୟେକ ଶିଶୁର ଅଧିକାର' ବାର୍ତ୍ତା ମାଧ୍ୟମରେ ପ୍ରତ୍ୟେକ ଶିଶୁଙ୍କୁ ଘର ଓ ବିଦ୍ୟାଳୟରେ ସୁରକ୍ଷିତ, ସ୍ୱଚ୍ଛ ଏବଂ କାର୍ଯ୍ୟକ୍ଷମ ଶୌଚାଳୟ ଯୋଗାଇ ଦେବାର ଆବଶ୍ୟକତା ଉପରେ ଜୋର ଦିଆଯାଇଥିଲା। ଶେଷ ରେ ଶୌଚାଳୟର ନିୟମିତ ବ୍ୟବହାର, ସ୍ୱଚ୍ଛତାର ରକ୍ଷଣାବେକ୍ଷଣ ଓ ଖୋଲା ମଳତ୍ୟାଗମୁକ୍ତ ପଞ୍ଚାୟତ ଗଠନ ପାଇଁ ଉପସ୍ଥିତ ସମସ୍ତେ ସାମୂହିକ ସଂକଳ୍ପ ନେଇଥିଲେ। କେବଳ ଗୋଟିଏ ଦିନର ସଚେତନତା ନୁହେଁ, ବରଂ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ଅଭ୍ୟାସରେ ପରିଣତ କରିବା ହିଁ ଏହି ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ବୋଲି କାର୍ଯ୍ୟକ୍ରମରୁ ବାର୍ତ୍ତା ମିଳିଥିଲା।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.eT-M-KUR-TLHR-WR-336-26

କାର୍ଯ୍ୟର ନାମ : ଏକ ବର୍ଷ (12 ମାସ) ଅବଧି ନିମନ୍ତେ ଡାଳତେର ପରିସୀମାର ଏମ୍‌ସିଏଲ୍ ସାଇଡିଂ ଏବଂ ଅନ୍ୟାନ୍ୟ ଅଞ୍ଚଳଠାରେ ପ୍ଲାଇଉଡ୍ ସହିତ ଅଭାଓଥିବା BOXN କବାଟ/ପାଖେନଲ/ଚଟାଣର ସଂଶୋଧନ ଏବଂ ଡାଳତେର କ୍ୟାବିନ୍ ଏବଂ ଖ୍ୱାଗନ (ଉଝଡ) ଡିପୋଠାରେ ଖ୍ୱାଗନ ମରାମତି କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 7,25,38,101.90, ଅମାନତ ରାଶି(ଟଙ୍କାରେ): 5,12,700.00, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) :0.00 ,ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.11.2026ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.04.12.2026ରିଖ 15:30 ସତିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅଦୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ୍

PR-576/R/26-27

ଦ. ପୂ ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ସିନିୟର ଡିଭିଜନାଲ ଇଲେକ୍‌ଟ୍ରିକାଲ ଇଂଜିନିୟର/ଟିଆର୍‌ଡି/ଖଡଗପୁର–୭୨୧୩୦୧, ନିମ୍ନଲିଖିତ କାର୍ଯ୍ୟ ପାଇଁ ବିଷୟ ପାଇଁ ଉଲ୍ଲେଖିତ ତାରିଖର ୧୫:୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ଏହା ୧୫:୩୦ ଘଣ୍ଟାରେ ଖୋଲିବ। **ଟେଣ୍ଡର ନୋଟିସ୍ ନଂ.:** TRD-KGP-W-2026-27-12RT2,**ତାରିଖ: ୧୯.୧୧.୨୦୨୬, କାର୍ଯ୍ୟର ବର୍ଣ୍ଣନା:** ମାଙ୍କଡ଼ଙ୍କ ଉପଦ୍ରବ ରୋକିବା ପାଇଁ ଓଏଚ୍‌ଇ ମାଷ୍ଟ/ପୋର୍ଟାଲ/ଟିଟିସିରେ 'ଆଣ୍ଟି-କ୍ଲାଇମିଂ ଡିଭାଇସ୍' ଲଗାଇବା, ଲାଇଭ୍ ପାର୍ଟ (ବିଦ୍ୟୁତ ପ୍ରବାହିତ ଅଂଶ) ଓ ଆର୍ଥ (ପୃଥିବୀ) ମଧ୍ୟରେ ସର୍ଟ-ସର୍କିଟ୍ ରୋକିବା ପାଇଁ ଏସ୍‌ଟି, ବିଟି ଓ ୯-ଟନ୍ ଇନସୁଲେଟରରେ 'ଆଣ୍ଟି-ବାର୍ଡ ଡିଭ୍' ବ୍ୟବସ୍ଥା କରିବା, ଆଇସୋଲେଟରରେ ୧୮ ମିମି କପର୍ ବସ୍ ବାର୍ ବ୍ୟବସ୍ଥା କରିବା ଏବଂ ଖଡ଼ଗପୁର ଡିଭିଜନ୍ ଅଧୀନରେ ପୋର୍ଟାଲ୍ ଟୁମ୍ ଭିତରେ ୟୁଜି ସୁରକ୍ଷିତ ଏଚ୍‌ଡିପିଇ ଜାଲି (ମେଶ୍) ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ:** ଟ. ୧,୦୨,୬୩,୩୩୪.୦୦, **ଅମାନତ ରାଶି ଜମା :** ଟ. ୨,୦୫,୩୦୦.୦୦, **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ଶୂନ୍ୟ, **କାର୍ଯ୍ୟ ସମାପ୍ତି ଅବଧି:** ୧୨ (ବାର) ମାସ, **ଦାଖଲ ତାରିଖ:** ତା. ୧୪.୧୧.୨୦୨୬ ଝିଖ ଅପରାହ୍ନ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ, **ଖୋଲିବା ତାରିଖ:** ୧୪.୧୧.୨୦୨୬। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ,ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in. ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ଦ୍ରଷ୍ଟବ୍ୟ:** ଆଗାୟୀ ନିଲାମକାରୀମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ www.ireps.gov.in. ନିୟମିତ ଦେଖିପାରନ୍ତି।

(PR-1031)

ବାଜାଜ୍ ଫାଇନାନ୍ସ ଲିମିଟେଡ୍

ପଞ୍ଜୀକୃତ କାର୍ଯ୍ୟାଳୟ : ମାଫେଚ୍, ବାଜାଜ ଅଟୋ ଲିମିଟେଡ୍ କମ୍ପ୍ଲେକ୍ସ, ମୁମ୍ବାଇ-ପୁନେ ରୋଡ୍, ଆକୁର୍ଦି, ପୁନେ –୪୧୧୦୩୫, ମହାରାଷ୍ଟ୍ର, ଭାରତ
ଶାଖା କାର୍ଯ୍ୟାଳୟ: ବାଜାଜ ଫାଇନାନ୍ସ ଲିମିଟେଡ୍, ମଧୁସୂଦନ ନଗର, କେଆଇ ପ୍ଲାଜା,ପ୍ଲଟ ନଂ. ୫୦୪, ୧ମ ମହଲା, ଭାରତୀୟ ପେଟ୍ରୋଲ ପମ୍ପ ସାମ୍ନା, ଭୁବନେଶ୍ୱର,ଓଡ଼ିଶା–୭୫୧୦୧୨

ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନର ଧାରା ୧୩(୨) ଅନୁଯାୟୀ ଦାବି ବିଜ୍ଞପ୍ତି

ନିମ୍ନ ସ୍ୱାକ୍ଷରକାରୀ ଏମ୍/ଏସ୍ ବାଜାଜ ଫାଇନାନ୍ସ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ ଏହି ବିଜ୍ଞପ୍ତି ମାଧ୍ୟମରେ ସେହି ଋଣଗ୍ରହୀତା (ମାନଙ୍କୁ) ଏବଂ ସହ–ଋଣଗ୍ରହୀତା (ମାନଙ୍କୁ) ନିମ୍ନଲିଖିତ ନୋଟିସ୍ ପ୍ରଦାନ କରୁଛନ୍ତି ଯେ, ସେମାନେ ନିଜର ଦେୟ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଅର୍ଥାତ୍ ବାଜାଜ ଫାଇନାନ୍ସ ଲିମିଟେଡ୍ ଦ୍ୱାରା ପ୍ରଦାନ କରାଯାଇଥିବା ଋଣ ଋଣ/ସମ୍ପତ୍ତି ବନ୍ଧକ ରଖି ନିଆଯାଇଥିବା ଋଣ ଖେତ୍ରରେ, ସେମାନେ ମୁଦଲ ଏବଂ ସୁଧ ଏବଂ ଏହା ଉପରେ ଲାଗୁ ହୋଇଥିବା ଅନ୍ୟାନ୍ୟ ଶୁଳ୍କ ପରିଶୋଧ କରିନାଳାନ୍ତି। ଫଳସ୍ୱରୂପ, ଏହି ଋଣଗୁଡ଼ିକ ନନ୍-ପରଫର୍ମିଂ ଆସେଟ୍ (N.P.A's) ରେ ପରିଣତ ହୋଇଛି। ଏହି ପରିପ୍ରେକ୍ଷୀରେ, ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ ର ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍‌ର ଧାରା ୧୩(୨) ଏବଂ ଏହା ସମୟୀୟ ନିୟମାବଳୀ ଅନୁଯାୟୀ, ସେମାନଙ୍କର ଶେଷ ଜଣାଶୁଣା ଠିକଣାରେ ନୋଟିସ୍ ଜାରି କରାଯାଇଥିଲାଙ୍କ କିନ୍ତୁ, ଉକ୍ତ ନୋଟିସ୍ ଗୁଡ଼ିକ ସେମାନଙ୍କ ନିକଟରେ ପହଞ୍ଚି ପାରିନାହିଁ ଅଥାତ୍ ଏପରି ଆସିଛି। ତେଣୁ, ଏହି ପ୍ରକାଶନ ବିଜ୍ଞପ୍ତି ମାଧ୍ୟମରେ ସମ୍ପୃକ୍ତ ଋଣଗ୍ରହୀତା (ମାନେ) /ସହ–ଋଣଗ୍ରହୀତା (ମାନେ) ଙ୍କୁ ଅବଗତ /ସୂଚୀତ କରାଯାଉଛି ଯେ, ସେମାନେ ବିଭିନ୍ନ ସମୟରେ ନେଇଥିବା ଋଣ ସୁବିଧା ଅଧୀନରେ ଥିବା ନିଜର ବକେୟା ରାଶି ତୁରନ୍ତ ପରିଶୋଧ କରନ୍ତୁ।

ଲୋନ୍ ଆକାଉଣ୍ଟ ନଂ./ଋଣଗ୍ରହୀତା(ମାନେ) ମର୍ଟଗେଜର(ମାନେ)/ଗ୍ୟାରେଣ୍ଟର(ମାନେ)ଙ୍କ ନାମ	ସୁରକ୍ଷିତ ସ୍ଥାବର ସମ୍ପତ୍ତିର ବିବରଣୀ	ଦାବି ବିଜ୍ଞପ୍ତି ତାରିଖ ଏବଂ ରାଶି
401SHO28412198 ବିଶ୍ୱଜିତ୍ ମିଶ୍ର (ଋଣଗ୍ରହୀତା) ଠିକଣା: ଏ ୮୧, ପ୍ରଥମ ମହଲା, ସେକ୍ଟର ୩୪, ମାନସ ହସ୍ପିଟାଲ ନିକଟ, ନୋଏଡା, ଗୌତମ ବୁଦ୍ଧ ନଗର –୨୦୧୩୦୧, ଉତ୍ତର ପ୍ରଦେଶ। ଅନ୍ୟ ଠିକଣା: ଫ୍ଲାଟ ନଂ ୪୦୨, ଚତୁର୍ଥ ମହଲା, ବ୍ଲକ୍ ନଂ. ବି୪, ''ଏମ୍.ଜେ. ଉଦ୍ଭ'', ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ଜରାଆପ୍ରସାଦ, ଭୁବନେଶ୍ୱର – ୭୫୧୦୦୧.	ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ଜରାଆପ୍ରସାଦ, ଖାତା ନଂ. ୩୪୩୩/୧୩୬, ପ୍ଲଟ ନଂ. ୧୩୫୮, ପ୍ଲଟ ନଂ ୧୩୫୮, କ୍ଷେତ୍ରଫଳ ଏ ୨.୮୮୦ ଡେସିମିଲ, ପ୍ଲଟ ନଂ. ୧୩୫୨/୧୩୭୯, କ୍ଷେତ୍ରଫଳ ଏ ୨.୦୦୦ ଡେସିମିଲ, ଖାତା ନଂ ୩୪୩୩/୧୩୭, ପ୍ଲଟ ନଂ ୧୩୧୩, କ୍ଷେତ୍ରଫଳ ଏ ୨.୩୮୫ ଡେସିମିଲ, ଜିମ୍ମା: ଘରବାରି, ''ଏମ୍‌ଜେ ଉଦ୍ଭ'' ନାମକ ନାମକ କଲ୍ୟୁକ୍ତର ବ୍ଲକ୍ ନଂ. ବି୪, ଚତୁର୍ଥ ମହଲାରେ ଥିବା ଫ୍ଲାଟ ନଂ. ୪୦୨, ଯାହାର ଆନୁମାନିକ ସୁପର୍ ବିଲ୍ଟ-ଅପ୍ କ୍ଷେତ୍ରଫଳ ୧୫୫୮ ବର୍ଗ ଫୁଟ (ସେଥିଥିରେ ପ୍ରାୟ ୧୨୮୬ ବର୍ଗ ଫୁଟର ଫ୍ଲାଟ କ୍ଷେତ୍ରଫଳ ଅନ୍ତର୍ଭୁକ୍ତ)।	୨୧/୧୦/୨୦୨୬
		୧୯/୧୦/୨୦୨୬ ସୁଦ୍ଧା ଟ. ୨୬,୮୪,୮୫୮/– (ପଚାଉଶ ଲକ୍ଷ ଚଉରାଶୀ ହଜାର ଆଠ ଶହ ଅଠାବନ ଟଙ୍କା ମାତ୍ର)

ନୋଟିସର ବିକଳ୍ପ ସେବା ଭାବରେ ଏହି ପଦକ୍ଷେପ ନିଆଯାଇଛି । ଉପରୋକ୍ତ ଋଣଗ୍ରହୀତାମାନେ, ସହ–ଋଣଗ୍ରହୀତାମାନେ , ଗ୍ୟାରେଣ୍ଟରମାନେ ଏହି ନୋଟିସ ପ୍ରକାଶନ ତାରିଖରୁ ୬୦ ଦିନ ମଧ୍ୟରେ ସୁଧ ସହ ବକେୟା ସେର ପ୍ରଦାନ କରିବାକୁ ପରାମର୍ଶ ଦିଆଯାଉଛି, ଯଦି ଏଥିରେ ବିଫଳ ହୁଅନ୍ତି, ତେବେ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ର ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍‌ର ଧାରା ୧୩(୪) ର ବ୍ୟବସ୍ଥା ଅନୁଯାୟୀ, ସୁରକ୍ଷିତ ସଂପତ୍ତି/ବନ୍ଧକ ରଖାଯାଇଥିବା ସମ୍ପତ୍ତିଗୁଡ଼ିକ ଅଧୀନରୁ ନିଜ ଅଧୀନକୁ ନେବା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ (ଏଥିପାଇଁ ବାଜାଜ ଫାଇନାନ୍ସ ଲିମିଟେଡ୍ ପାଖରେ ଉପଲବ୍ଧ ଅନ୍ୟାନ୍ୟ ଆଇନଗତ ଅଧିକାର କିମ୍ବା ପ୍ରତିକାର ପନ୍ଥା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ) । ଉପରୋକ୍ତ ବ୍ୟକ୍ତିମାନଙ୍କୁ ଏହା ମଧ୍ୟ ପରାମର୍ଶ ଦିଆଯାଉଛି ଯେ, ସେମାନେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିଗୁଡ଼ିକୁ ଅନ୍ୟ କାହାକୁ ହସ୍ତାନ୍ତର କରନ୍ତୁ ନାହିଁ କିମ୍ବା ସେଥିରେ କୌଣସି ତୃତୀୟ ପକ୍ଷର ଅଧିକାର ସୃଷ୍ଟି କରନ୍ତୁ ନାହିଁ ଯେଉଁ ସମ୍ପତ୍ତିଗୁଡ଼ିକ ସମ୍ପର୍କରେ ବାଜାଜ ଫାଇନାନ୍ସ ଲିମିଟେଡ୍‌ର ଦାବି ରହିଛି।

ତାରିଖ : ୨୧.୧୧.୨୦୨୬, ସ୍ଥାନ: ନୋଇଡା/ଭୁବନେଶ୍ୱର ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, ବାଜାଜ ଫାଇନାନ୍ସ ଲିମିଟେଡ୍

ଆସେଟ୍ ରିକନଷ୍ଟ୍ରକ୍ସନ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍

CIN: U65999MH2002PLC134884 Website: www.arcil.co.in
ପଞ୍ଜୀକୃତ କାର୍ଯ୍ୟାଳୟ: ଦି ରୁବି, ୧୦ମ ମହଲା, ୨୯, ସେନାପତି ବାପତ୍ ମାର୍ଗ, ଦାଦର (ପଶ୍ଚିମ), ମୁମ୍ବାଇ–୪୦୦ ୦୨୮ ଫୋନ୍: ୯୧ ୨୨୬୬୫୮୧୩୦୦

ଦାବି ବିଜ୍ଞପ୍ତି

ଯେହେତୁ, 'ଆସେଟ୍ ରିକନଷ୍ଟ୍ରକ୍ସନ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍' (ଯାହାକୁ ଏହା ପରେ ''ଆର୍ସିଲ୍'' ବୋଲି ଜୁହାଯିବ) ହେଉଛି କମ୍ପାନୀ ଆଇନ, ୧୯୫୬ ଅଧୀନରେ ଗଠିତ ଏବଂ ଆର୍ଥିକ ସମ୍ପତ୍ତିର ସିକ୍ୟୁରିଟାଇଜେସନ୍ ଏବଂ ପୁନର୍ଗଠନ ତଥା ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଆଇନ, ୨୦୦୨' (ଯାହାକୁ ଏହା ପରେ ଉକ୍ତ ଆଇନ ବୋଲି ଜୁହାଯିବ) ର ଧାରା ୩ ଅଧୀନରେ ଭାରତୀୟ ରିଜର୍ଭ ବ୍ୟାଙ୍କରେ ପଞ୍ଜୀକୃତ ଏକ ସିକ୍ୟୁରିଟାଇଜେସନ୍ ଏବଂ ପୁନର୍ଗଠନ କମ୍ପାନୀ। ନିମ୍ନ ତାଲିକାରେ ଉଲ୍ଲେଖ କରାଯାଇଥିବା ଋଣଗ୍ରହୀତା/ସହ–ଋଣଗ୍ରହୀତାମାନେ ବିସ୍ତାର ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (VFSPL) ଠାରୁ ଋଣ ନେଇଥିଲେ। ଆର୍ସିଲ ଉକ୍ତ ତାଲିକାରେ ଉଲ୍ଲେଖ କରାଯାଇଥିବା ଋଣ ଖାତାଗୁଡ଼ିକ ସହ ଜଡ଼ିତ ଆର୍ଥିକ ସମ୍ପତ୍ତିଗୁଡ଼ିକୁ ଅଧିଗ୍ରହଣ କରିଛି। ଉକ୍ତ ଆଇନ ଅଧୀନରେ ଜଣେ ସୁରକ୍ଷିତ ଋଣଦାତା ଭାବରେ, ଆର୍ସିଲ ଉକ୍ତ ଆଇନର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ ର ନିୟମ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି, ଋଣଗ୍ରହୀତା/ସହ–ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରିଥିଲା। ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ନୋଟିସ୍ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଉଲ୍ଲେଖ କରାଯାଇଥିବା ରାଶି ଏବଂ ଏହା ଉପରେ ପ୍ରଯୁଜ୍ୟ ସୁଧ ପରିଶୋଧ କରିବାକୁ ଜୁହାଯାଇଥିଲା, କିନ୍ତୁ ବିଭିନ୍ନ କାରଣରୁ ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କ ନିକଟରେ ଏହି ନୋଟିସ୍ ପହଞ୍ଚି ପାରିନାହିଁ।

1: **Account No.-** 0191SBML01436: ମୂଳ ଋଣଦାତା –ବିସ୍ତାର : ଦାବି ନୋଟିସ୍ ତାରିଖ – ୦୨/୧୧/୨୦୨୬: ଋଣଗ୍ରହୀତାଙ୍କ ନାମ – କୁଷ୍ଣପ୍ରିୟା ସାହୁ: ସହ–ଋଣଗ୍ରହୀତାଙ୍କ ନାମ – ସନ୍ତୋଷ କୁମାର ସାହୁ: ମୋଟ ବକେୟା ରାଶି – ୨୧.୦୯.୨୦୨୬ ସୁଦ୍ଧା ଟ. ୭,୪୨,୪୧୨.୩୬/–: ସମ୍ପତ୍ତିର ବିବରଣୀ – ସନ୍ତୋଷ କୁମାର ସାହୁଙ୍କ ମାଲିକାନାରେ ଥିବା ଏକ ବାସଗୃହ ଜମି, ଯାହାର କ୍ଷେତ୍ରଫଳ ଏ ୦.୦୧୬୫ ଡେସିମିଲ, ପ୍ଲଟ୍ ନଂ. ୭୭୨/୫୬୮୫ ଭାବରେ ଚିହ୍ନିତ ଏବଂ ଖାତା ନଂ. ୮୮୮/୩୨୪, ଅବସ୍ଥିତି: ମୋହଲା/ ଲୋକାଲିଟି ବକ୍ସିବଜାର, କଟକ, ତାଲୁକ/ତହସିଲ କଟକ, ଜିଲ୍ଲା–କଟକ, ରାଜ୍ୟ ଓଡ଼ିଶା–୭୫୩୦୦୧ ଅଟେ। ଏହା ପୁଟ୍ ନୟର ସୀମା: ପୂର୍ବରେ ଶ୍ୟାମ ସୁନ୍ଦର ସାହୁ, ଉତ୍ତରରେ ରାସ୍ତା, ପଶ୍ଚିମରେ ଶ୍ୟାମ ସୁନ୍ଦର ସାହୁ ଏବଂ ଦକ୍ଷିଣରେ ନୀଳମଣି ସାହୁ।

2: **Account No.-** 0192SBML00689/0192SBML00688: ମୂଳ ଋଣଦାତା –ବିସ୍ତାର : ଦାବି ନୋଟିସ୍ ତାରିଖ – ୦୨/୧୧/୨୦୨୬: ଋଣଗ୍ରହୀତାଙ୍କ ନାମ – ମହମ୍ମଦ ଜାହାଙ୍ଗୀର ହୋସେନ୍: ସହ–ଋଣଗ୍ରହୀତାଙ୍କ ନାମ – ମହମ୍ମଦ ଜାକିର ହୋସେନ୍: ୨୧.୦୯.୨୦୨୬ ସୁଦ୍ଧା ମୋଟ ବକେୟା ରାଶି – ଟ. ୧୧,୩୫,୩୨୩.୦୮/– : ସମ୍ପତ୍ତିର ବିବରଣୀ – ଖାତା ନଂ ୨୪୨/୧୦୦, ପ୍ଲଟ ନଂ ୩୧୦/୮୩୭ ବିଶିଷ୍ଟ ସ୍ଥାବର ସମ୍ପତ୍ତି (ଜମି/ସ୍ଥାନ), ଯାହାର ପରିମାଣ ଏ ୦.୦୯୦ ଡେସିମିଲ (୩,୯୨୦ ବର୍ଗ ଫୁଟ) ଅଟେ । ଏହା ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର ତହସିଲ (ନଂ. ୪୨୯), ବାଲିପାଟଣା ଥାନା (ନଂ. ୨୪) ଅନ୍ତର୍ଗତ ମୌଜା–ଚୂଆଗାଁ ଠାରେ ଅବସ୍ଥିତ (ପିନ୍ – ୭୫୨୧୦୨)। ଏହି ଜମିର ପରିସୀମା ହେଉଛି: ପୂର୍ବରେ ମହମ୍ମଦ ଜାକିର, ଉତ୍ତରରେ ବିକା ମହମ୍ମଦ, ପଶ୍ଚିମରେ ମହମ୍ମଦ ଭସମାନ ଓ ଅନ୍ୟମାନେ ଏବଂ ଦକ୍ଷିଣରେ ମହମ୍ମଦ ଭସମାନ।

3: **Account No.-** 0207SBML02403: ମୂଳ ଋଣଦାତା –ବିସ୍ତାର : ଦାବି ନୋଟିସ୍ ତାରିଖ – ୦୨/୧୧/୨୦୨୬: ଋଣଗ୍ରହୀତା

ହୀରାକୁଦ-ଦେବ୍ରିଗଡ଼ ହେବ ରାଜ୍ୟର ଦ୍ୱିତୀୟ ବୃହତ୍ତମ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ



ସମ୍ବଲପୁର, ୨୦।୧୧(ନିପ୍ର) ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସହ ଘରୋଇ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଶୁକ୍ରବାର ସମ୍ବଲପୁର ରେ ଜିଲ୍ଲା ସ୍ତରୀୟ ପର୍ଯ୍ୟଟନ ନିବେଶକ ସମ୍ମିଳନୀ୨୦୨୬ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଆୟୋଜିତ ଏହି ସମ୍ମିଳନୀର ମୂଳମନ୍ତ୍ର ଥିଲା 'ଇନଭେଷ୍ଟ ଇନ୍ ସମ୍ବଲପୁର, ଇନଭେଷ୍ଟ ଇନ୍ ଅପର୍ଚୁନିଟିଜ୍'। ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ଅଭୟାରଣ୍ୟ, ମା ସମଲେଶ୍ୱରୀ ମନ୍ଦିର ଓ ହୁମାର ବକ୍ର ମନ୍ଦିର ସମେତ ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ଏବଂ ନୂତନ ନିବେଶର ସୁଯୋଗ ସୃଷ୍ଟି ଉପରେ ଏଥିରେ ଗୁରୁତ୍ୱ ଦିଆ ଯାଇଥିଲା। କାର୍ଯ୍ୟକ୍ରମ ରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଯୋଗ ଦେଇ ପୁରୀ ପରେ ହୀରାକୁଦଦେବ୍ରିଗଡ଼ ଅଞ୍ଚଳକୁ ରାଜ୍ୟର ଦ୍ୱିତୀୟ ବୃହତ୍ତମ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ବିକଶିତ କରିବାକୁ ସରକାରଙ୍କ ଯୋଜନା ଥିବା ପ୍ରକାଶ କରିଥିଲେ। ପ୍ରକୃତି, ସଂସ୍କୃତି ଓ ଦୁଃସାହସିକ ପର୍ଯ୍ୟଟନକୁ ଆଧାର କରି ପଶ୍ଚିମ ଓଡ଼ିଶାରେ ଏକ ନୂତନ ପର୍ଯ୍ୟଟନ ଅର୍ଥନୀତି ଗଢ଼ି ତୋଳିବା ଉପରେ ସରକାର ଗୁରୁତ୍ୱ ଦେଉଥିବା ସେ କହିଥିଲେ। ପର୍ଯ୍ୟଟନ କ୍ଷେତ୍ର ସର୍ବାଧିକ ନିଯୁକ୍ତି ସୃଷ୍ଟିକାରୀ ଓ ପରିବେଶ ଅନୁକୂଳ ଶିଳ୍ପ ହୋଇଥିବାରୁ ଏହା ତୃଣମୂଳ ସ୍ତରରେ ଅର୍ଥନୈତିକ ସମୃଦ୍ଧି ଆଣିପାରିବ ବୋଲି ସେ ମତ ଦେଇଥିଲେ। ନିବେଶକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ପର୍ଯ୍ୟଟନ ନୀତି ରେ ବ୍ୟାପକ ସଂସ୍କାର ଆଣିଥିବା ସେ ସୂଚନା ଦେଇଥିଲେ। ପୂର୍ବରୁ ସବ୍?ସିଡି ପାଇଁ ସର୍ବନିମ୍ନ ୫୦ଟି କୋଠରି ର ସର୍ତ୍ତ ଥିବାବେଳେ ଏବେ ମାତ୍ର ୧୦ଟି କୋଠରି ବିଶିଷ୍ଟ ହୋଟେଲ ଓ ରିସୋର୍ଟ ମଧ୍ୟ ଏହି ସୁବିଧା ପାଇପାରିବେ। ଯୋଗ୍ୟ ପ୍ରକଳ୍ପ ପାଇଁ ୩୦ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜିନିବେଶ ସବ୍ସିଡି ବ୍ୟବସ୍ଥା ରହିଛି। ବିଶେଷକରି ହୀରାକୁଦ ଅଞ୍ଚଳରେ ନିବେଶ, ମହିଳା ତଥା ଏସ୍ସିଏସ୍ଟି ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଉପଲବ୍ଧ ରହିଥିବା ସେ କହିଥିଲେ। ହୋମ୍ଷ୍ଟେ, ଐତିହ୍ୟ କୋଠାର ପୁନରୁଦ୍ଧାର, ଓଡ଼ିଆ ଖାଦ୍ୟ ରେସ୍ତୋରାଁ, କାରାଭାନ୍ ପର୍ଯ୍ୟଟନ, ଇକୋଟୁରିଜିମ୍, ଜଳକ୍ରୀଡ଼ା, କୃଷି ପର୍ଯ୍ୟଟନ ଓ ଆଦିବାସୀ ସଂସ୍କୃତି ଆଧାରିତ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ଅନେକ ସୁଯୋଗ ରହିଥିବା ସେ ଉଲ୍ଲେଖ କରି ଥିଲେ। ଅଫ୍ସିଜନ୍ରେ ପର୍ଯ୍ୟଟକଙ୍କ ଆଗମନ ଓ ବିବାହ ଉତ୍ସବ ଆୟୋଜନକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ ସରକାର ସ୍ୱତନ୍ତ୍ର ଆର୍ଥିକ ସହାୟତା ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ। ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ରେ ପ୍ରକଳ୍ପଗୁଡ଼ିକୁ ତ୍ୱରିତ ଅନୁମୋଦନ ଦେବା ସହ ନିବେଶ ପରେ ପ୍ରକଳ୍ପର ସଫଳ ରୂପାୟନ ଓ ଦୀର୍ଘସ୍ଥାୟୀ ପରିଚାଳନା ଉପରେ ବିଭାଗ ଗୁରୁତ୍ୱ ଦେଉଥିବା ସେ ପ୍ରକାଶ କରିଥିଲେ। ଏହି ଅବସର ରେ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ବିନୋଦ କୁମାର ଜେନା ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଆସିଥିବା ନିବେଶକ ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟରେ ଇକୋ-ଟୁରିଜିମ୍, ଐତିହ୍ୟ, ସାଂସ୍କୃତିକ, ଧାର୍ମିକ, ଆଡଭେଞ୍ଚର ଓ ୱେଲନେସ୍ ପର୍ଯ୍ୟଟନ ରେ ବ୍ୟାପକ ସମ୍ଭାବନା ଥିବା ସେ କହିଥିଲେ। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଦ୍ୱାରା ସ୍ଥାନୀୟ ଯୁବକ ଯୁବତୀ ଙ୍କ ପାଇଁ ରୋଜଗାର ଓ ଉଦ୍ୟୋଗୀ ମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷି ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଭିଏଏମ୍ଏଲ୍ ସିଜିମାଳି ବକ୍ସାଇଟ୍ ଖଣି ପକ୍ଷରୁ କର୍କଟ ଚିହ୍ନଟ ଶିବିର

କଳାହାଣ୍ଡି ଓ ରାୟଗଡ଼ାର ୩୫୦ରୁ ଅଧିକ ଗୋଷ୍ଠୀ ସଦସ୍ୟ ଉପକୃତ



ଭୁବନେଶ୍ୱର,୨୦।୧୧(ନିପ୍ର): ଗୋଷ୍ଠୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତ ଆଲୁମିନିୟମ ରାୟଗଡ଼ା, କାଶିପୁର, ଭବାନୀପାଟଣା, ଥୁଆମୂଳ ରାମପୁର ଓ ଏହା ଆଖପାଖ ଅଞ୍ଚଳ ସମେତ ସିଜିମାଳି ବକ୍ସାଇଟ୍ ଖଣି ନିକଟସ୍ଥ ପ୍ରମୁଖ ସ୍ଥାନରେ ଚାରି ଦିନିଆ କର୍କଟ ଚିହ୍ନଟ ଶିବିର ଆୟୋଜନ କରିଥିଲା। ଯେଉଁଥିରେ ୧୭ଟି ଗାଁର ଲୋକେ ସାମିଲ ହୋଇଥିଲେ। ଏହି ପଦକ୍ଷେପ ୩୫୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ଉପକୃତ କରିଥିଲା। ସେମାନଙ୍କୁ ମାଗଣା କର୍କଟ ଚିହ୍ନଟ ସୁବିଧା ସହିତ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନର ସୁବିଧା ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ରାୟଗଡ଼ାରେ ଆରମ୍ଭ ହୋଇଥିଲା। ଯେଉଁଠାରେ ରାୟଗଡ଼ା ସିଡିଏମ୍ ଏବଂ ପିଏଚ୍ଓ ଡାକ୍ତର ବିଶ୍ୱମ୍ବର ବେହେରା, ଡିଏଚ୍ଏଚ୍ ରାୟଗଡ଼ାର ଏଡିଏମ୍ଓ ଡାକ୍ତର ସ୍ମିତା ପଟ୍ଟନାୟକ ଏବଂ ଡିଏଚ୍ଏଚ୍ ରାୟଗଡ଼ାର ହସ୍ପିଟାଲ୍ ମ୍ୟାନେଜର୍ ଭରତ ଭୂଷଣ ବରାଳଙ୍କ ଉପସ୍ଥିତିରେ ଏହାର ଉଦ୍ଘାଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ନଭେମ୍ବର ୧୨ରେ କାଶିପୁର ଠାରେ ଅନୁଷ୍ଠିତ ହୋଇଥିଲା। ଯାହାକୁ ସିଏଚସି କାଶିପୁରର ଅଧିକାରୀମାନଙ୍କ ଉପସ୍ଥିତିରେ କାଶିପୁର ବ୍ଲକ ଅଧକ୍ଷ କାନ୍ତେଶ୍ୱର ମାଝୀ ଉଦ୍ଘାଟନ କରିଥିଲେ। ନଭେମ୍ବର ୧୩ ତାରିଖରେ ଭବାନୀପାଟଣାରେ ଏକ ଶିବିରର ଆୟୋଜନ କରାଯାଇଥିଲା। ଏହାକୁ କଳାହାଣ୍ଡି ସିଡିଏମ୍ ଏବଂ ପିଏଚ୍ଓ ଡାକ୍ତର ହରେକୃଷ୍ଣ ଶତପଥୀ, ଡିଏଚ୍ଏଚ୍ କାଲାହାଣ୍ଡି ଏଡିଏମ୍ଓ ଡାକ୍ତର ବାଣିଶ୍ରୀ ପାଢ଼ୀ ଏବଂ ଡିଏଚ୍ଏଚ୍ କଳାହାଣ୍ଡି ହସ୍ପିଟାଲ ମ୍ୟାନେଜର ଅଭିରାମ ସାହୁଙ୍କ ଉପସ୍ଥିତିରେ ଉଦ୍ଘାଟନ କରିଥିଲେ। ନଭେମ୍ବର ୧୪ ରେ କର୍କଟ ଚିହ୍ନଟ ଅଭିଯାନ ଶେଷ ପର୍ଯ୍ୟାୟରେ ଥୁଆମୂଳ ରାମପୁରରେ ଅନୁଷ୍ଠିତ ହୋଇଥିଲା।ଡାକ୍ତର ପ୍ରଦୋଷ କୁମାର ପାଣ୍ଡା, ଏମଓଆଇସି, ଥୁଆମୂଳ ରାମପୁର, ପ୍ରଶାନ୍ତ କୋଲାକାସ, ଆଇଆଇସି, ଥୁଆମୂଳ ରାମପୁର ଏବଂ ସ୍ୱାସ୍ଥ୍ୟସେବା ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ଉଦ୍ଘାଟନ କରିଥିଲେ। ଏ ସଂପର୍କରେ ଭିଏଏମଏଲ-ଲାଞ୍ଜିଗଡ଼ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, କର୍କଟ ଚିହ୍ନଟ କ୍ୟାମ୍ପ ଭଳି ପଦକ୍ଷେପ ମାଧ୍ୟମରେ, ରୋଗ ନିବାରଣ ଏବଂ ସମୟୋପଯୋଗୀ ଚିକିତ୍ସା ବିଷୟରେ ସଚେତନତା ବୃଦ୍ଧି କରିବା ସହିତ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଆମର ଲକ୍ଷ୍ୟ। ବେଦାନ୍ତରେ ପ୍ରଭାବଶାଳୀ ଏବଂ ସ୍ଥାୟୀ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପ ମାଧ୍ୟମରେ ଆମ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ। ବାଲକୋ ମେଡିକାଲ ସେଣ୍ଟରର ସ୍ୱାସ୍ଥ୍ୟ ବିଶେଷଜ୍ଞ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଦଳ ଏବଂ ବେଦାନ୍ତର ସିଏସ୍ଆର୍ ଦଳର ସହାୟତାରେ ଏହି ଶିବିର ଆୟୋଜନ କରାଯାଇଥିଲା। ସିଜିମାଳି ବକ୍ସାଇଟ୍ ଖଣିର ସିଏସ୍ଆର୍ ମୁଖ୍ୟ ଶିଶିର ତରଫଦର, ସିଜିମାଳି ବକ୍ସାଇଟ୍ ଖଣିର ମ୍ୟାନେଜର/ସିଏମ୍ଓ ଡାକ୍ତର ଅକ୍ଷୟ କୁମାର ସାହୁ ଏବଂ ଆସୋସିଏଟ୍ ସିଏସ୍ଆର୍ ଏବଂ ପ୍ରକଳ୍ପ ମ୍ୟାନେଜର, ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ଅକ୍ଷିତା ମିଶ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

କୋମାରଗୁଡ଼ାରେ ସ୍ଥିତି ସମୀକ୍ଷା କଲେ ବିଡିଓ

କାମ ଶୀଘ୍ର ଶେଷ କରିବାକୁ ଠିକାଦାରଙ୍କୁ ତାଗିଦ



ଝରିଗାଁ,୨୦/୧୧ (ନିପ୍ର) : ରାସ୍ତା ନ ଥିବାରୁ ରାତି ଅନ୍ଧାରରେ ଜଣେ ଗର୍ଭବତୀ ମହିଳାଙ୍କୁ ଟର୍ଚ୍ଚ ଲାଇଟ୍ ସାହାଯ୍ୟରେ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେବା ଘଟଣା ପରେ ପ୍ରଶାସନ ତତ୍ପର ହୋଇ ଉଠିଛି। ଏ ସମ୍ପର୍କିତ ଖବର ଗତ ୧୭ ତାରିଖରେ 'ପ୍ରତିଦିନ' ଖବରକାଗଜରେ ପ୍ରକାଶ ପାଇବା ପରେ ଝରିଗାଁ ବିଡିଓ ମଧୁସୂଦନ ମାଝୀ କୋମାରଗୁଡ଼ା ଗ୍ରାମକୁ ଯାଇ ରାସ୍ତାର ସ୍ଥିତି ସମୀକ୍ଷା କରିଛନ୍ତି। ଗ୍ରାମକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବାରୁ ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବାରେ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଭିବିଜୀ ରାମଜୀ ଯୋଜନାରେ ରାସ୍ତା କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିଛି। ଫଳରେ ଆମ୍ବୁଲାନ୍ସ, ଚାରିଚକିଆ ଯାନ ଓ ମୋଟର ସାଇକେଲ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିଡିଓ ଠିକାଦାରଙ୍କୁ ରାସ୍ତା କାମ ଶୀଘ୍ର ଶେଷ କରିବାକୁ ତାଗିଦ କରିଛନ୍ତି। ପାଗ ଅନୁକୂଳ ହୋଇ ରାସ୍ତା ଶୁଖିଲେ ନିର୍ମାଣ ଓ ମରାମତି କାମ ତୁରନ୍ତ ଶେଷ କରାଯିବ ବୋଲି ବିଡିଓ କହିଛନ୍ତି। ପ୍ରଶାସନର ଏହି ପ୍ରତିଶ୍ରୁତି କେବେ କାର୍ଯ୍ୟକାରୀ ହେଉଛି, ତାହାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି। ଉର୍ଦ୍ଧ୍ୱ କୁମାର, ଅଭି ମୁଦୁଲି, ପରମା ମୁଦୁଲି, ପୀତାମ୍ବର କୁମାର, ପ୍ରହ୍ଲାଦ କୁମାର, ଗୁଲୁ ମୁଦୁଲି, ରାମନାଥ କୁମାର, ଖଗ ମୁଦୁଲି, ରାମ ମୁଦୁଲି ଓ କ୍ଷେମା ମୁଦୁଲିଙ୍କ ସମେତ ଗ୍ରାମବାସୀ ରାସ୍ତା କାମ ଶୀଘ୍ର ଶେଷ କରିବାକୁ ଦାବି କରିଛନ୍ତି।

ମାଁ ଚରଦେଇ ଆଞ୍ଚଳିକ ଲୋକ ମହୋତ୍ସବ ଉଦ୍ଘାଟିତ

ବିନିକା .୨୦।୧୧(ପ୍ରତାପ ରୁଦ୍ର କର୍ଣ୍ଣ)ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା ଠାରେ ଅନୁଷ୍ଠିତ କଲାସୀ ଯାତ୍ରା ପରିପ୍ରେକ୍ଷୀରେ ଆଜିଠାରୁ ୩ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ମାଁ ଚରଦେଇ ଆଞ୍ଚଳିକ ଲୋକ ମହୋତ୍ସବ ସନ୍ଧ୍ୟାରେ ଉଦଘାଟିତ ହୋଇଛି।ପ୍ରାରମ୍ଭରେ ଇଷ୍ଟଦେବୀ ମାଁ ଚରଦେଇ ଓ ବାବା କପିଳେଶ୍ୱରଙ୍କ ଠାରେ ଯଥାରୀତି ପୂଜାର୍ଚ୍ଚନା ପରେ କମିଟିର ସମସ୍ତ ସଦସ୍ୟ ଏକ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମହୋତ୍ସବ ପେଣ୍ଡାଲକୁ ପହଞ୍ଚିବା ପରେ ଆନୁଷ୍ଠାନିକ ଭାବେ ଉଦ୍ଘାଟନ ହୋଇଥିଲା ।କମିଟି ସଭାପତି ଅଶୋକ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂ ମୁଖ୍ୟ ଅତିଥି,ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ,ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର,ଉପ ଜିଲ୍ଲାପାଳ ଡ଼ ସୌମ୍ୟା ରୂପା ରଥ,ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଯମୁନା ପ୍ରଧାନ,ବିନିକା ତହସିଲଦାର ରସନା ଭୋଇ,ବିଡ଼ିଓ ଶରତ କୁମାର ବାଗ,ଏନଏସି ଇଓ ମାନସ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉଦଘୋଷକ ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ଓ ସୋନପୁର ଉଦଘୋଷିକା ସସ୍ମିତା ପରମଗୁରୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

୧୨ ହଜାର ଟଙ୍କା ଲାଞ୍ଚ ନେଇ ତହସିଲଦାର ଓ ଡ୍ରାଇଭର ଗିରଫ



ଜୟପୁର, ୨୦/୧୧ (ନି ପ୍ର): ଜମିର କିସମ ପରିବର୍ତ୍ତନ ସହ ପଟ୍ଟା ପ୍ରଦାନ ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଥିବା କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଓ ତାଙ୍କ ଡ୍ରାଇଭର ପଙ୍କଜ ସିପ୍କାଙ୍କୁ ଗିରଫ କରାଯାଇଛି। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ଆବେଦନକାରୀଙ୍କ କୃଷିଜମିକୁ ଘରବାଡ଼ି କିସମରେ ପରିବର୍ତ୍ତନ କରିବା ସହ ତାଙ୍କ ନାମରେ ରେକର୍ଡ ଅଫ୍ ରାଇଟ୍ସ(ଆରଓଆର୍) ପ୍ରଦାନ କରିବା ପାଇଁ ତହସିଲଦାର ଚନ୍ଦନ କୁମାର ନାୟକ ୧୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଆବେଦନକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଟିମ୍ ତହସିଲଦାରଙ୍କ ସମେତ ତାଙ୍କ ଡ୍ରାଇଭର ପଙ୍କଜ ସିପ୍କାଙ୍କୁ ଧରିଥିଲା। ଏହି ଘଟଣାରେ ଉଭୟଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ଏନେଇ ଶୁକ୍ରବାର ଜୟପୁରସ୍ଥିତ କୋରାପୁଟ ଡିଭିଜନ ଭିଜିଲାନ୍ସ କାର୍ଯ୍ୟାଳୟରେ ଏସ୍ପି ଏସ୍. ସୁଶ୍ରୀ ସାମ୍ବାଦିକ ସମ୍ମିଳନୀ କରି ଘଟଣାର ବିଭିନ୍ନ ଦିଗ ଓ ତଦନ୍ତର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଲାଞ୍ଚ କାରବାର ଘଟଣାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

ନୃସିଂହନାଥ ମନ୍ଦିର ପରିଦର୍ଶନ ପାଇଁ ରାଜ୍ୟପାଳଙ୍କୁ ସାଂସଦଙ୍କ ଆମନ୍ତ୍ରଣ



ବରଗଡ,୨୦।୧୧(ନିପ୍ର): ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀନୃସିଂହନାଥ ମନ୍ଦିର ପରିଦର୍ଶନ ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ଏହାସହ ବରଗଡ଼ ଲୋକସଭା କ୍ଷେତ୍ରରର ବିକାଶ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ସାଂସଦ। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସ ଭବନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଛି। ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଧାର୍ମିକ ପୀଠ ଶ୍ରୀନୃସିଂହନାଥ ମନ୍ଦିର। ବରଗଡ଼ ଜିଲ୍ଲାର ପାଇକମାଳ ଅଞ୍ଚଳରେ ଅବସ୍ଥିତ ଏହି ପବିତ୍ର ପୀଠର ରହିଛି ସ୍ୱତନ୍ତ୍ର ଧାର୍ମିକ ଓ ସାଂସ୍କୃତିକ ପରିଚୟ। ଏହି ଐତିହ୍ୟସମ୍ପନ୍ନ ମନ୍ଦିର ପରିଦର୍ଶନ ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରିଛନ୍ତି ବରଗଡ଼ ସାଂସଦ । ନୃସିଂହନାଥ ପୀଠର ଆଧ୍ୟାତ୍ମିକ ମହତ୍ତ୍ୱ ଏବଂ ପର୍ଯ୍ୟଟନ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ଗସ୍ତ ଗୁରୁତ୍ୱ ବହନ କରିପାରେ। ବରଗଡ଼ ଲୋକସଭା କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ସାମଗ୍ରିକ ବିକାଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି ପ୍ରଦୀପ ପୁରୋହିତ । ବରଗଡ଼ ଲୋକସଭା କ୍ଷେତ୍ରର ବିକାଶ ପାଇଁ ଅନେକ ସମ୍ଭାବନା ରହିଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପର୍ଯ୍ୟଟନ ଭଳି ବିଭିନ୍ନ କ୍ଷେତ୍ରର ଉନ୍ନତି ଏହି ଅଞ୍ଚଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନା ପରେ ଅଞ୍ଚଳର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଆଗକୁ ବଢ଼ିବ ବୋଲି ଆଶା ରହିଛି। ଗୋଟିଏ ପଟେ ନୃସିଂହନାଥ ମନ୍ଦିର ପରିଦର୍ଶନ ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ, ଅନ୍ୟପଟେ ବରଗଡ଼ର ଉନ୍ନୟନକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ଏହି ଦୁଇ ପ୍ରସଙ୍ଗ ଏବେ ଚର୍ଚ୍ଚାରେ। ଆଗାମୀ ଦିନରେ ରାଜ୍ୟପାଳଙ୍କ ନୃସିଂହନାଥ ଗସ୍ତ ନେଇ କୌଣସି କାର୍ଯ୍ୟସୂଚୀ ଘୋଷଣା ହୋଇପାରେ ବୋଲି ସାଂସଦ ଆଶା ରଖିଛନ୍ତି ।

ସୁଦାମ ନାଗ ଗୁଳିକାଣ୍ଡର ପର୍ଦ୍ଦାଫାସ ଦୁଇ ପୁରୁଷ ବନ୍ଧୁଙ୍କ ସହ ମିଶି ସ୍ତ୍ରୀ କରିଥିଲା ଷଡ଼ଯନ୍ତ୍ର



ସୁବର୍ଣ୍ଣପୁର /ଡୁଙ୍ଗୁରିପାଲି ,୨୦।୧୧(ନିପ୍ର): ସିନ୍ଥିରେ ସିନ୍ଦୁର ବେକରେ ମଙ୍ଗଳସୂତ୍ର ପିନ୍ଧି ସଧବା ନାରୀଟିଏ ସ୍ୱାମୀର କଲ୍ୟାଣ କାମନା କରିଥାଏ। ହେଲେ ନିଜ

ରାଇଜିଂ ଏସିଆ କପ୍ : ନେପାଳ ୨୬ ରନରେ ଅଲଆଉଟ

ଭାରତ ୩୦୬ ରନରେ ବିଜୟୀ

ଦୋହା, ୨୦।୧୧(ଏଜେନ୍ସି): ଭାରତ ବ୍ୟାଟିଂ ଓ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରି ଏଠାରେ ଚାଲିଥିବା ଚଳିତ ରାଇଜିଂ ଏସିଆ କପ୍ କ୍ରିକେଟର ଏକ ମ୍ୟାଚରେ ନେପାଳକୁ ୩୦୬ ରନରେ ପରାସ୍ତ କରିଛି। ଶୁକ୍ରବାର ସ୍ଥାନୀୟ ୱେଷ୍ଟ ଏଣ୍ଡ ପାର୍କ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ତିଳକ ବର୍ମାଙ୍କ ନେତୃତ୍ୱଧୀନ ସୂର୍ଯ୍ୟବଂଶୀ ୩୨ବଲରୁ ୨୬ ରନ କରିଥିଲେ। ଫଳରେ ନେପାଳକୁ ଏହି ମ୍ୟାଚ୍ ଜିତିବା ପାଇଁ ୩୩୩ ରନ୍ ଲକ୍ଷ୍ୟ ମିଳିଥିଲା। ତେବେ ଭାରତୀୟ ବୋଲିଂ ଆଗରେ ନେପାଳ ସମ୍ପୂର୍ଣ୍ଣ ହାରମାନିଛି। ନେପାଳର ୪ ଜଣ ଆଗଧାଡ଼ିର ଖେଳାଳି ମାତ୍ର ୪ ରନରେ ଆଉଟ୍ ହୋଇଥିବା ବେଳେ ଦଳୀୟ ରନ ୧୭ ବେଳକୁ ଟିମର ଅଧାରୁ ଅଧିକ ଖେଳାଳି



ଭାରତୀୟ ଦଳ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୩୩୨ ରନ୍ କରିଥିଲା। ଭାରତ ପକ୍ଷରୁ କୁମାର କୁଶାଗ୍ର ୧୦୨ ବଲ୍ ଖେଳି ୧୦ ଚୌକା ଏବଂ ୫ଟି ଛକା ବଳରେ ୧୧୭, ତିଳକ ବର୍ମା ୧୧୩ ବଲ୍ ଖେଳି ୬ଚୌକା ଏବଂ ୪ଛକା ସହାୟତାରେ ୧୦୭,ସୂର୍ଯ୍ୟାଂଶ ଶେଡଗେ ୧୪ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୪ଟି ଛକାସହିତ ୩୬ ରନ କରିଥିବା ବେଳେ ପ୍ରାରମ୍ଭିକ ବ୍ୟାଟର ବୈଭବ ଆଉଟ୍ ହୋଇ ସାରିଥିଲେ।ତେଣୁ ନେପାଳ ୧୧.୩ ଓଭରରେ ସମସ୍ତ ୱିକେଟ ହରାଇ ୨୬ ରନ୍ ସଂଗ୍ରହ କରି ୩୦୬ ରନରେ ହାରିଛି।

ଭାରତ ପକ୍ଷରୁ ପ୍ରିନ୍ସ ଯାଦବ ୫ ଓଭର ବୋଲିଂ କରି ୨ମେଡେନ୍ ସହିତ ୬ ରନ ବିନିମୟରେ ୫ୱିକେଟ୍ ଓ ହର୍ଷିତ ରାଣା ୬ ଓଭର ବୋଲିଂ କରି ୧୬ ରନ୍ ବ୍ୟୟରେ ୪ୱିକେଟ୍ ଓ ଶାହବାଜ ଅହମଦ ଗୋଟିଏ ୱିକେଟ୍ ନେଇଥିଲେ।

ଟି–୨୦ ଫର୍ମାଟରେ ଚହଲଙ୍କ ୪୦୦ୱିକେଟ ହାସଲ

ଚଣ୍ଡିଗଡ଼,୨୦।୧୧(ଏଜେନ୍ସି): ଭାରତୀୟ କ୍ରିକେଟର ତଥା ଲେଗ୍ ସ୍ପିନର ଯୁଜଭେନ୍ଦ୍ର ଚହଲ ଟି ୨୦ କ୍ରିକେଟରେ ୪୦୦ ୱିକେଟ୍ ଅକ୍ତିଆର କରିଛନ୍ତି। ଏହି କୃତିତ୍ୱ ହାସଲ କରିବାରେ ସେ ପ୍ରଥମ ଭାରତୀୟ ବୋଲର । ଘରୋଇ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି କ୍ରିକେଟରେ ହରିୟାଣା ପକ୍ଷରୁ ଖେଳୁଥିବା ଚହଲ ତାମିଲନାଡୁ ବିପକ୍ଷ ମ୍ୟାଚରେଏହି ସଫଳତା ପାଇଛନ୍ତି । ୩୬ ବର୍ଷୀୟ ଚହଲ ଚହଲ ୪ ଓଭରରେ ୧୬ ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିଲେ।

ତାଙ୍କର ମୋଟ ଟି ୨୦ ୱିକେଟ୍ ସଂଖ୍ୟା ୨୪୬ ମ୍ୟାଚରୁ ୪୦୨ରେ ପହଞ୍ଚିଛି। ତାଙ୍କ ଘାତକ ବୋଲିଂ ବଳରେ ତାମିଲନାଡୁ ୧୯.୫ ଓଭରରେ ୧୨୪ ରନରେ ଅଲ୍‌ଆଉଟ୍ ହୋଇ ଯାଇଥିଲା।ଭାରତୀୟଙ୍କ ମଧ୍ୟରେ ଟି ୨୦ରେ ସର୍ବାଧିକ ୱିକେଟ୍ ହାସଲକାରୀ ଭାବେ ଚହଲ ଏବେ ଶୀର୍ଷରେ ରହିଥିବା ବେଳେ ଭୁବନେଶ୍ୱର କୁମାର ୩୬୬, ଯଶପ୍ରୀତ ବୁମ୍ରା ୩୫୪, ପୀୟୂଷ ଚାୱଲା ୩୨୯ ଓ ରବିଚନ୍ଦ୍ରନ ଅଶ୍ୱିନ ୩୨୩ ୱିକେଟ୍ ପାଇଛନ୍ତି।

ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

ମାଲେସିଆକୁ ୪–୧ରେ ହରାଇଲା ଭାରତ

ଭୋପାଳ,୨୦।୧୧(ଏଜେନ୍ସି): ମଧ୍ୟପ୍ରଦେଶର ଭୋପାଳରେ ଚାଲିଥିବା ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକିରେ ମାଲେସିଆକୁ ୪–୧ରେ ହରାଇ ବର୍ତ୍ତମାନର ବିଜେତା ଭାରତ ଅଭିଯାନ ଆରମ୍ଭ କରିଛି। ୧୯ତମ ମିନିଟ୍ରେ ମାଲେସିଆର ନୁରାମିରା ଜୁଲକିଫଲି ଗୋଲ୍ କରି ନିଜ ଦଳକୁ ୧–୦ରେ ଅଗ୍ରଣୀ କରିଥିଲେ, କିନ୍ତୁ ଭାରତ ପକ୍ଷରୁ ମମତାଜ ଖାଁ ୨୫ତମ ମିନିଟରେ ଫିଲ୍ଡ ଗୋଲ ଦେଇ ସ୍ଥିତିକୁ ୧–୧କୁ ଆଣିଥିଲେ। ୩୫ତମ ମିନିଟରେ ସଲିମା ଟେଟେଙ୍କ ପେନାଲ୍ଟି କର୍ଣ୍ଣରଗୋଲ ଓ କରିଥିଲେଛ ଏହାର ୪ ମିନିଟ୍ ପରେ ଅର୍ଥାତ ୩୯ତମ ମିନିଟରେ ପୂଜା ସାହୁ ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିବର୍ତ୍ତନ କରି ଭାରତର ଅଗ୍ରଣୀକୁ ୩–୦କୁ ବୃଦ୍ଧି କରିଥିଲେ। ୪୯ ତମ ମିନିଟ୍ରେ ଲାଲରେମସିଆମି ଆଉ ଏକ ପେନାଲ୍ଟି କର୍ଣ୍ଣର ଗୋଲ କରି ସ୍କୋରକୁ ୪–୧କୁ ନେଇଯାଇଥିଲେ। ଅନ୍ୟ ମ୍ୟାଚରେ ଚୀନ ୭–୦ରେ ଥାଇଲାଣ୍ଡକୁ ଓ ଜାପାନ ୧–୦ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି।

ପ୍ରଥମ ଟେଷ୍ଟ: ନ୍ୟୁଜିଲାଣ୍ଡର ୩୬୮ରନ ଜବାବରେ ଭାରତ ୧୫୯/୧

ୱେଲିଂଟନ୍,୧୯।୧୧(ଏଜେନ୍ସି): ସ୍ଥାନୀୟ ବେସିନ୍ ରିଜର୍ଭ ଷ୍ଟାଡିୟମରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚରେ ଓପନର ଯଶସ୍ୱୀ ଜୈସ୍ୱାଲ ଏବଂ କେଏଲ ରାହୁଲଙ୍କ ଶତକୀୟ ଭାଗିଦାରୀ ବଳରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ପ୍ରଥମ ଇନିଂସରେ ୧ୱିକେଟ୍ ହରାଇ ୧୫୯ ରନ୍ ସଂଗ୍ରହ କରିଛି । ପ୍ରଥମଦିନ ୨୪୩/୫ରନ କରିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନ ଅବଶିଷ୍ଟ ୫ ୱିକେଟ ସହାୟତାରେ ଆଉ ୮୨ ରନ ଯୋଗ କରି ୩୬୮ରେ ଅଲଆଉଟ ହୋଇ ଯାଇଥିଲା।।ହେନରୀ ନିକୋଲ୍ସଙ୍କ ଅପରାଜିତ ୧୭୫ ଓ ଗ୍ଲେନ୍ ଫିଲିପ୍ସଙ୍କ ୧୧୮ ରନ ଦଳ ପାଇଁ ବଡ ଯୋଗଦାନ ଥିଲା। ହେନରୀ ନିକୋଲ୍ସ ଏବଂ ଗ୍ଲେନ୍ ଫିଲିପ୍ସଙ୍କ ମଧ୍ୟରେ ହୋଇଥିବା ୧୭୩ ରନର୍ର ଭାଗିଦାରୀ ଭାରତ ପାଇଁ ଚିନ୍ତାର କାରଣ ପାଲଟିଥିଲା । ତେବେ ଆକାଶ ଦୀପ ଏକ ଚମତ୍କାର ବଲରେ ଫିଲିପ୍ସଙ୍କୁ ଆଉଟ୍ କରି ଏହି ଯୋଡ଼ି ଭାଙ୍ଗିଥିଲେ ।ଏହାପରେ ଅନ୍ୟ ବୋଲରଙ୍କ ସହାୟତାରେ ଭାରତ ଶୀଘ୍ର ନ୍ୟୁଜିଲ୍ୟାଣ୍ଡର ଶେଷ ୫ୱିକେଟ୍ ଦଖଲ କରି ନେଇଥିଲା। ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୪,ଆକାଶଦୀପ



୩ ,ଅଂଶୁଲ କାମ୍ବୋଜ ୨ ଓ ପ୍ରସିଦ୍ଧ କ୍ରିଷ୍ଣା ୧ ୱିକେଟ ଅକ୍ତିଆର କରିଥିଲେ।

ଏହା ପରେ ଭାରତ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ଥିବା ବେଳେ କେଏଲ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ପ୍ରଥମ ୱିକେଟ ଯୋଡିରେ ୧୩୦ ରନ ଯୋଗ କରିଥିଲେ। ଜୟସ୍ୱାଲ ୮୫ ରନରେ ଆଉଟ ହୋଇଥିବା ବେଳେ କେ.ଏଲ ରାହୁଲ ୫୨ ଓ ଦେବଦତ୍ତ ପାଡିକଲ ୧୬ ରନ କରି ଅପରାଜିତ ଅଛନ୍ତି।

ବନ୍ଧୁତ୍ୱପୂର୍ଣ୍ଣ ସିରିଜ: ନ୍ୟୁଜିଲାଣ୍ଡକୁ ୩–୨ ଗୋଲରେ ହରାଇଲେ ଭାରତ

ଅକଲାଣ୍ଡ,୨୦।୧୧(ଏଜେନ୍ସି): ଭାରତ–ନ୍ୟୁଜିଲାଣ୍ଡ କ୍ରୀଡ଼ା ସଂପର୍କର ଶତବାର୍ଷିକୀ ଉପଲକ୍ଷେ ଖେଳାଯାଉଥିବା ବନ୍ଧୁତ୍ୱପୂର୍ଣ୍ଣ ହକି ଶୃଙ୍ଖଳାର ପ୍ରଥମ ମ୍ୟାଚେ ଭାରତୀୟ ପୁରୁଷ ଦଳ ଘରୋଇ ନ୍ୟୁଜିଲାଣ୍ଡକୁ ୩–୨ ଗୋଲରେ ପରାସ୍ତ କରିଛି। ମ୍ୟାଚର୨୫ତମ ମିନିଟରେ ଜୋଣ୍ଟି ଏଲସ୍ୱଙ୍କ ଗୋଲ ବଳରେ ନ୍ୟୁଜିଲାଣ୍ଡ ପ୍ରଥମେ ଆଗୁଆ ହୋଇଥିଲା। ତେବେ ଏହାର ସ୍ୱଳ୍প ସମୟ ମଧ୍ୟରେ ଉତ୍ତମ ସିଂହ ଗୋଲ୍ ଦେଇ ଭାରତ ପାଇଁ ସ୍ଥିତି ବରାବର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ୩୮ତମ ମିନିଟରେ ଶାରଦାନନ୍ଦ ତିୱାରୀ ଏବଂ ୪୩ତମ ମିନିଟରେ ଅଧିନାୟକ ସଞ୍ଜୟ ଗୋଲ୍ ଦେଇ ଭାରତକୁ ୩–୧ରେ ଆଗୁଆ କରିଥିଲେ।୫୫ତମ ମିନିଟରେ ସାମ୍ ହିହା ଗୋଲ୍ ଦେଇ ନ୍ୟୁଜିଲାଣ୍ଡର ପରାଜୟ ବ୍ୟବଧାନ କମାଇଥିଲେ,ମାତ୍ର ଶେଷ ପର୍ଯ୍ୟନ୍ତ ଭାରତ ନିଜ ଅଗ୍ରଣୀ ବଜାୟ ରଖି ବିଜୟୀ ହୋଇଥିଲା ତିନି ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାର ପରବର୍ତ୍ତୀ ଦୁଇ ମ୍ୟାଚ୍ ଶନିବାର ଏବଂ ରବିବାର ଖେଳାଯିବ।

ବାଣିଜ୍ୟ ଖବର

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର୧୦।୧୧(ନି.ପ୍ର) : ଏମ୍‌ଏସ୍‌ଏମ୍‌ଇଗୁଡିକ ଭାରତୀୟ ଅର୍ଥନୀତିର ପ୍ରମୁଖ ମେରୁଦଣ୍ଡ, ଯାହା ନିଯୁକ୍ତି, ନବସୃଜନ ଓ ରୋଜଗାର ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଅନ୍ତି। ସେମାନଙ୍କ ନିରନ୍ତର ଅଭିବୃଦ୍ଧି ଏବଂ ପ୍ରତିଯୋଗିତା ମୂଳକତାକୁ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ଓ ବିଭିନ୍ନ ଆର୍ଥିକ ସଂସ୍ଥାଗୁଡିକ ପକ୍ଷରୁ ବିଭିନ୍ନ ପ୍ରକାରର ଯୋଜନା ଆରମ୍ଭ କରାଯାଇଛି। ଏହି କ୍ରମରେ ସ୍ପୋଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ତା. ୨୦.୧୧.୨୦୨୬ରିଖରେ ଅନୁଷ୍ଠିତ ହୋଇଯାଇଛି।



ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡିକୁ ସମୟୋପଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଭୁବନେଶ୍ୱରର ପିପୁଲ କନ୍‌ଭେନ୍‌ସନ୍‌ଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡିଆଇସି ମହାପ୍ରବନ୍ଧକ ସମୁଚିତା ମଲ୍ଲିକ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୯୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବନ କରାଯାଇଥିଲା। ସ୍ପୋଲ୍ ବ୍ୟାଙ୍କ ଏମ୍‌ଏସ୍‌ଏମ୍‌ଇଗୁଡିକୁ ସଶକ୍ତ କରିବା ସହ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ସୁଧାର ଆଣିବାରେ ନିଜର ଦୃଢ ପ୍ରତିବଦ୍ଧତାକୁ ବଜାୟ ରଖିଛି। ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବି, ଉଦ୍ୟମ ପଞ୍ଜୀକରଣ, ସିକେଓ୍ୱାଇସିର ଉପକାରିତା, ରିକେଓ୍ୱାଇସି ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ମଧ୍ୟ ଲୋକମାନଙ୍କୁ ସଚେତନ କରାଯାଇଥିଲା।

କଗନିଜାଣ୍ଟ ପକ୍ଷରୁ ଚେନ୍ନାଇରେ ନୂଆ କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷଣ କେନ୍ଦ୍ର



ଚେନ୍ନାଇ,୨୦।୧୧(ଏଜେନ୍ସି): ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ପ୍ରମୁଖ ସଂସ୍ଥା କଗନିଜାଣ୍ଟ ଚେନ୍ନାଇ ସ୍ଥିତ ଏହାର ସିରୁସେରୀ କ୍ୟାମ୍ପସରେ ନୂଆ ଇମର୍ସିଭ ଲର୍ଣ୍ଣିଂ ସେଣ୍ଟରର ପ୍ରଥମ ପର୍ଯ୍ୟାୟ ଉଦଘାଟନ କରିଛି। କର୍ମଚାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ତାଲିମ ଦେବା ଏବଂ ବିଶ୍ୱସ୍ତରୀୟ ଗ୍ରାହକମାନଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସମାଧାନ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା ପାଇଁ ଏହି କେନ୍ଦ୍ର ତିଆରି କରାଯାଇଛି।

ପ୍ରାୟ ୧,୬୫,୦୦୦ ବର୍ଗଫୁଟ ଅଞ୍ଚଳରେ ବ୍ୟାପିଥିବା ଏହି କେନ୍ଦ୍ରରେ ଆଧୁନିକ କାର୍ଯ୍ୟାଳୟ ଡିଜାଇନ ସହିତ ଡିଜିଟାଲ ଭିତ୍ତିଭୂମିର ସମନ୍ୱୟ ରହିଛି। ଏଥିରେ ୧,୮୨୨ଟି ଶିକ୍ଷଣ ଆସନ ବିଶିଷ୍ଟ ୫୮ଟି ଶ୍ରେଣୀଗୃହ ସମେତ ବୈଠକ କକ୍ଷ, ମିଳିତ କାର୍ଯ୍ୟ ସ୍ଥାନ, ପାଠାଗାର, ୱାର୍କ କାଫେ ଏବଂ ନମନୀୟ ଟାଉନ ହଲ ସ୍ଥାନ ରହିଛି । ଆଗାମୀ ପର୍ଯ୍ୟାୟରେ କମ୍ପାନୀ ଏହି କେନ୍ଦ୍ରକୁ ଆହୁରି ସମ୍ପ୍ରସାରଣ କରାଯିବ।

କଗନିଜାଣ୍ଟ ଭାରତର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ବିଶ୍ୱସ୍ତରୀୟ ପରିଚାଳନା ସଭାପତି ରାଜେଶ ଭାରିୟର କହିଛନ୍ତି ଯେ, ଏହି କେନ୍ଦ୍ର ଏପରି ସ୍ଥାନ ତିଆରି କରିବାରେ ସଂସ୍ଥାର ନିରନ୍ତର ନିବେଶକୁ ଦର୍ଶାଉଛି ଯେଉଁଠାରେ କର୍ମଚାରୀମାନେ ଶିଖିବା ସହିତ ମିଳିତ ଭାବେ କାମ କରି କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ବ୍ୟବସାୟିକ ପରିବର୍ତ୍ତନ ଆଣିପାରିବେ। ମୁଖ୍ୟ ପିପୁଲ ଅଫିସର କାଥ୍ ଡିୟାଜ କହିଛନ୍ତି ଯେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ନିରନ୍ତର ଶିକ୍ଷାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କରିଛି ଏବଂ ଏହି ସ୍ୱତନ୍ତ୍ର କେନ୍ଦ୍ର କର୍ମଚାରୀମାନଙ୍କୁ ନୂଆ ଦକ୍ଷତା ଗଢ଼ିବାରେ ସାହାଯ୍ୟ କରିବ ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ

ବିଜ୍ଞାପନ ସଂଖ୍ୟା: R & P/325/2026 ତାରିଖ: ୨୯.୧୦.୨୦୨୬

ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ସହକାରୀ (ଅତିରିକ୍ତ ପଦବୀ) ପଦରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ନିର୍ଦ୍ଧାରିତ ଆବେଦନ ଫର୍ମ ମାଧ୍ୟମରେ ଅନଲାଇନ୍ ଆବେଦନ ଆହ୍ୱାନ କରାଯାଉଛି। ଆବେଦନ ଗ୍ରହଣର ଶେଷ ତାରିଖ ହେଉଛି ୧୯.୧୧.୨୦୨୬ କିମ୍ବା ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ବିଜ୍ଞାପନ ପ୍ରକାଶ ପାଇବା ତାରିଖରୁ ଦୁଇ ସପ୍ତାହ ମଧ୍ୟରେ – ଏହି ଦୁଇଟି ମଧ୍ୟରୁ ଯେଉଁ ତାରିଖଟି ପରେ ଆସିବ, ସେହି ତାରିଖ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ। ବିସ୍ତୃତ ବିବରଣୀ ପାଇଁ, ଦୟାକରି ବିଶ୍ୱବିଦ୍ୟାଳୟର ୱେବସାଇଟ୍ www.du.ac.in ପରିଦର୍ଶନ କରନ୍ତୁ ଏବଂ "Advertisement Departments" ଶୀର୍ଷକ ଅଧୀନରେ ଥିବା "Work with DU" ଉପରେ କ୍ଲିକ୍ କରନ୍ତୁ।

ଯେ କୌଣସି ଅତିରିକ୍ତ ସୂଚନା/ସଂଶୋଧନ କେବଳ ୱେବସାଇଟରେ ହିଁ ପ୍ରକାଶ ପାଇବ।

cbc 21231/11/0019/2627 କୁଳସଚିବ

କାରିଗର ଓ ଜୁଏଲର୍ସଙ୍କ ପାଇଁ ଦୁଇଦିନିଆ ତାଲିମ

ଭୁବନେଶ୍ୱର,୨୦।୧୧(ନି.ପ୍ର): ସ୍ଥାନୀୟ କାରିଗର ଓ ଜୁଏଲର୍ସମାନଙ୍କ ମଧ୍ୟରେ ଗୁଣବତ୍ତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ ହଲମାର୍କିଂ ପ୍ରକ୍ରିୟାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍), ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ ପକ୍ଷରୁ ନଭେମ୍ବର ୧୯ ଓ ୨୦ ତାରିଖରେ ଭୁବନେଶ୍ୱରର ୟୁନିଟ୍ ୩ ସ୍ଥିତ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ କାରିଗର ଓ ଜୁଏଲର୍ସଙ୍କ ପାଇଁ ଦୁଇଦିନିଆ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



କାର୍ଯ୍ୟକ୍ରମରେ ବିଆଇଏସ୍ ଭୁବନେଶ୍ୱରର ନିର୍ଦ୍ଦେଶକ ଦୀପକ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ ଆଶିଷ କୁମାର କାନାର ଏବଂ ଉପନିର୍ଦ୍ଦେଶକ ସୌରଭ ବର୍ମା ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କର ଦୀପକ ପାତ୍ର ଉପଭୋକ୍ତାଙ୍କ ସୁରକ୍ଷା, ଉତ୍ପାଦର ଗୁଣବତ୍ତା ବୃଦ୍ଧି ଏବଂ ଅଳଙ୍କାର କ୍ଷେତ୍ରରେ ବିଶ୍ୱାସ ବଜାୟ ରଖିବାରେ ବିଆଇଏସ୍ ମାନକ ଓ ହଲମାର୍କିଂର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ସେ କାରିଗର ଓ ଜୁଏଲର୍ସମାନଙ୍କୁ ଅନ୍ୟାନ୍ୟ କ୍ୟାଡମିୟମ୍ ମୁକ୍ତ ସୋଲଡର୍ ଏବଂ ଇଣ୍ଡିୟମ୍ ସୋଲଡର୍ ତାର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। କାରଣ କ୍ୟାଡମିୟମ୍ ଏକ କର୍କଟ ରୋଗ ସୃଷ୍ଟିକାରୀ ଓ କ୍ଷତିକାରକ ତତ୍ତ୍ୱ, ଯାହା ଜୁଏଲର୍ସ ଏବଂ କାରିଗରମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦଜନକ ଅଟେ ।କୋଲକାତାରୁ ଆସିଥିବା ଅତିଥି ବିଶେଷଜ୍ଞ ଏସ୍. କେ. ଲତିଫ୍ ମହମ୍ମଦଙ୍କ ଦ୍ୱାରା ବୈଷୟିକ ଅଧିବେଶନଗୁଡ଼ିକ ପରିଚାଳିତ ହୋଇଥିଲା।

ଦକ୍ଷିଣ ପୂର୍ବ ରେଳବାଇ ଦ୍ୱାରା ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ୫.୦ ଉପରେ ମେଗା କ୍ୟାମ୍ପ ଆୟୋଜିତ

କୋଲକାତା,୨୦।୧୧(ଏଜେନ୍ସି): ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ନିଜର ପେନସନଭୋଗୀ (ଅବସରପ୍ରାପ୍ତ କର୍ମଚାରୀ) ଏବଂ ପରିବାର ପେନସନଭୋଗୀଙ୍କ କଲ୍ୟାଣ ଓ ମଙ୍ଗଳ ପାଇଁ ପ୍ରତିବଦ୍ଧତା ଦୋହରାଇ, ୨୦.୧୧.୨୦୨୬ ତାରିଖରେ କୋଲକାତାର ଗାର୍ଡେନ୍ ରିଚ୍ ସ୍ଥିତ ବିଏନ୍‌ଆର ଅଫିସର୍ସ କ୍ଲବ୍‌ରେ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ୫.୦ ଉପରେ ଏକ ମେଗା କ୍ୟାମ୍ପ ସଫଳତାର ସହ ଆୟୋଜିତ ହୋଇଯାଇଛି।



ଏହି କ୍ୟାମ୍ପରେ ୫୨ ଜଣ ପେନସନଭୋଗୀ/ପରିବାର ପେନସନଭୋଗୀ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ସୁବିଧାର ଲାଭ ଉଠାଇଥିଲେ। ଏହା ସହିତ, ୩୧ ଜଣ ପେନସନଭୋଗୀ ଦକ୍ଷିଣ ପୂର୍ବ ରେଳବାଇର ଚିକିତ୍ସା ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟ ପରୀକ୍ଷଣ ସୁବିଧାରୁ ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ପୂର୍ବ ରେଳବାଇର ଜେନେରାଲ୍ ମ୍ୟାନେଜର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ବ୍ୟତୀତ, ଦକ୍ଷିଣ ପୂର୍ବ ରେଳବାଇର ଅତିରିକ୍ତ ଜେନେରାଲ୍ ମ୍ୟାନେଜର, ପ

ସୁରକ୍ଷାବାହିନୀକୁ ବଡ଼ ସଫଳତା

ଉଗ୍ରବାଦୀ ନିହତ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ଶୁକ୍ରବାର ସକାଳେ ମଣିପୁରର ଇମ୍ଫାଲ୍ ପଶ୍ଚିମ ଜିଲ୍ଲାରେ ସୁରକ୍ଷା ବାହିନୀ ଏବଂ ଉଗ୍ରବାଦୀଙ୍କ ମଧ୍ୟରେ ହୋଇଥିବା ଏକ ଏନକାଉଣ୍ଟରରେ ଜଣେ ଉଗ୍ରବାଦୀ ନିହତ ହୋଇଛି।

ପଟସୋଇ ଥାନା ଅଧୀନସ୍ଥ ୟୁରେୟାମ୍ ଅଞ୍ଚଳରେ ସୁରକ୍ଷାବାହିନୀ ତଲାସୀ ଅଭିଯାନ ଚଳାଇଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ଏନକାଉଣ୍ଟରରେ ଉକ୍ତ ଉଗ୍ରବାଦୀ ନିହତ ହୋଇଥିଲା।

ଗୁଳିବିନିମୟ ସମୟରେ ନିଷିଦ୍ଧ 'କାଙ୍ଗଲେଇପାକ୍ କମ୍ୟୁନିଷ୍ଟ ପାର୍ଟି'ର ଏକ ଗୋଷ୍ଠୀ ସହ ଜଡ଼ିତ ଜଣେ ଉଗ୍ରବାଦୀ ନିହତ ହୋଇଛି। ସୁରକ୍ଷା ବାହିନୀ ଏହି ନିଷିଦ୍ଧ ସଙ୍ଗଠନର ଅନେକ ଉଗ୍ରବାଦୀଙ୍କୁ ଗିରଫ ମଧ୍ୟ କରିଛନ୍ତି। ଏଭଳି ତତ୍ତ୍ୱ ବିରୋଧରେ ଅଭିଯାନ ଦୀର୍ଘଦିନ ଧରି ଚାଲିଆସୁଛି। ନିକଟରେ ନିଷିଦ୍ଧ 'ପିପୁଲ୍ସ ଲିବରେସନ୍ ଆର୍ମି'ର ଜଣେ ୱାଣ୍ଟେଡ୍ ଉଗ୍ରବାଦୀଙ୍କୁ ଦିଲ୍ଲୀରୁ ଧରାଯାଇଥିଲା ଏବଂ ପରେ ତାଙ୍କୁ ମଣିପୁର ପୋଲିସକୁ ହସ୍ତାନ୍ତର କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମାଆଙ୍କ ୯୧ ବର୍ଷ ବୟସରେ ଦେହାନ୍ତ

ଲକ୍ଷ୍ନୌ,୨୦।୧୧(ଏଜେନ୍ସି): ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମାଆ ସାବିତ୍ରୀ ଦେବୀଙ୍କ ଦେହାନ୍ତ ହୋଇଛି। ଶୁକ୍ରବାର ସକାଳ ପ୍ରାୟ



୧୧ଟାରେ ୯୧ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଅନେକ ଦିନ ଧରି ଅସୁସ୍ଥ ଥିଲେ ଏବଂ ତାଙ୍କ ସାନ ପୁଅ ସହିତ ଉତ୍ତରାଖଣ୍ଡର ପାଉରି ଗଡ଼ୱାଲ ଜିଲ୍ଲାର ଯମକେଶ୍ୱର ବ୍ଲକର ପଞ୍ଚୁର ଗ୍ରାମ ତାଙ୍କ ପୈତୃକ ଗାଁରେ ରହୁଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ତାଙ୍କ ଭାଇ ତାଙ୍କ ମାଆଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ। ଶନିବାର ହରିଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯିବ।

ମଣିପୁରରେ ଅପମିଶ୍ରିତ ମଦ ପିଇ ୧୫ ଜଣଙ୍କ ମୃତ୍ୟୁ, ୨୦୦ ଗୁରୁତର

ଇମ୍ଫାଲ,୨୦।୧୧(ଏଜେନ୍ସି): ମଣିପୁରର ଚାନ୍ଦେଲ ଜିଲ୍ଲାରେ ମଦମୃତ୍ୟୁର ତାଣ୍ଡବ ଦେଖିବାକୁ ମିଳିଛି। ଅପମିଶ୍ରିତ ମଦପିଇ ବିଗତ ୪୮ ଘଣ୍ଟା ମଧ୍ୟରେ ୧୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୦ ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ତଦନ୍ତ ରିପୋର୍ଟ ମାଗିଛନ୍ତି।

ଅପମିଶ୍ରିତ ମଦ୍ୟପାନ କରି ଗୁରୁତର ଥିବା ଲୋକଙ୍କୁ ମଣିପୁର ପଶ୍ଚିମରେ ଶିଜା ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଓ ମଣିପୁର ପୂର୍ବସ୍ଥିତ ବବିନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତରମାନଙ୍କୁ ଭେଟିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ସେ ସେଠାରେ ଡାକ୍ତର ଏବଂ ରୋଗୀମାନଙ୍କୁ ଭେଟି କଥାବାର୍ତ୍ତା କରିଛନ୍ତି। ଏଥିସହିତ ମେଡିକାଲରେ ଚିକିତ୍ସା କିଭଳି ଚାଲିଛି, ସେନେଇ ସମୀକ୍ଷା କରିଛନ୍ତି। ଗୁରୁତରମାନଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।ଗୁରୁତରମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ଏକ ଅଭାବନୀୟ ଘଟଣା। ଏହି ଘଟଣା ସହିତ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସାଧାରଣ ଔଷଧ ଏବଂ ମେଡିକାଲ ଷ୍ଟାଫ୍‌ଙ୍କୁ ନେଇ ଏକ ଡାକ୍ତରୀ ଦଳ ପରିସ୍ଥିତି ଉପରେ ଅଧିକ ଜାଣିବା ପାଇଁ ଚାନ୍ଦେଲ ଜିଲ୍ଲାର ବିଭିନ୍ନ ଗ୍ରାମକୁ ଅଭିମୁଖେ ବାହାରିଛନ୍ତି, ଯେଉଁଠାରେ ମଦମୃତ୍ୟୁ ଘଟଣା ଘଟିଛି।

ସିଇସି ନିଯୁକ୍ତି ଆଇନ ମାମଲା

ପୁନର୍ବିଚାର ଆବେଦନର ତ୍ୱରିତ ଶୁଣାଣିକୁ ସିଜେଆଇଙ୍କ ନା

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଓ ଅନ୍ୟ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ୨୦୨୩ ଆଇନକୁ ଚ୍ୟାଲେଞ୍ଜ କରି ହୋଇଥିବା ମାମଲାରେ ପୂର୍ବ ଆଦେଶର ପୁନର୍ବିଚାର ପାଇଁ ଦାଖଲ ଆବେଦନର ତ୍ୱରିତ ଶୁଣାଣିକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଅବସର ନେବାକୁ ଥିବା ଜଣେ ବିଚାରପତିଙ୍କ ଉପସ୍ଥିତିରେ ମୂଳ ଦୁଇଜଣିଆ ଖଣ୍ଡପୀଠରେ ଆବେଦନର ଶୁଣାଣି କରିବାକୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଅନୁରୋଧ କରିଥିଲେ। କିନ୍ତୁ ଏହି ପ୍ରସଙ୍ଗ ୫ ଜଣିଆ ସମ୍ବିଧାନ ପୀଠରେ ଉଠାଇବାକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ପରାମର୍ଶ ଦେଇଛନ୍ତି।

ଶୁକ୍ରବାର ସୁପ୍ରିମ୍‌କୋର୍ଟରେ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ପ୍ରଶାନ୍ତ ଭୂଷଣ ଯୁକ୍ତି ରଖିଥିଲେ ଯେ, ସେପ୍ଟେମ୍ବର ୨୩ରେ ଯେଉଁ ଦୁଇଜଣିଆ ଖଣ୍ଡପୀଠ ମାମଲାକୁ ସମ୍ବିଧାନ ପୀଠକୁ ପଠାଇବା ପାଇଁ ଆଦେଶ ଦେଇଥିଲେ, ସେହି ଖଣ୍ଡପୀଠ ହିଁ ପୁନର୍ବିଚାର ଆବେଦନର ଶୁଣାଣି କରିବା ଉଚିତ। ଏହି ଖଣ୍ଡପୀଠରେ ବିଚାରପତି ଦୀପଙ୍କର ଦତ୍ତ ଓ ସତୀଶ ଚନ୍ଦ୍ର ଶର୍ମା ରହିଥିଲେ। ବିଚାରପତି ଶର୍ମା ନଭେମ୍ବର ୨୯ରେ ଅବସର ନେବାକୁ ଥିବାରୁ ଆସନ୍ତା ସପ୍ତାହରେ ଆବେଦନର ଶୁଣାଣି ପାଇଁ ଭୂଷଣ ଅନୁରୋଧ କରିଥିଲେ।



ତାଙ୍କ ଯୁକ୍ତି ଥିଲା, ବିଚାରପତି ଶର୍ମାଙ୍କ ସମ୍ଭାବ୍ୟ ସ୍ୱାର୍ଥଜନିତ ଦ୍ୱନ୍ଦ୍ୱ ସମ୍ପର୍କରେ ଆପତ୍ତି ରହିଥିବାରୁ ପୂର୍ବ ଆଦେଶର ପୁନର୍ବିଚାର ଆବେଦନ ସେହି ଖଣ୍ଡପୀଠରେ ଶୁଣାଣି ହେବା ଆବଶ୍ୟକ। ଏହାର ଉତ୍ତରରେ ସିଜେଆଇ କହିଥିଲେ, ପାଞ୍ଚଜଣିଆ ସମ୍ବିଧାନ ପୀଠ ମୂଳ ଆଦେଶର ବୈଧତା ସମେତ ପୁନର୍ବିଚାର ଆବେଦନ ଉପରେ ମଧ୍ୟ ବିଚାର କରିପାରିବେ। ଜଣେ ବିଚାରପତି ଅବସର ନେଇସାରି ଥିଲେ ମଧ୍ୟ ଏଥିରେ ବାଧା ନାହିଁ। ବୃହତ୍ତର ପୀଠରେ ଏହି ଆପତ୍ତି ଉଠାଇବାକୁ ସେ କହିଥିଲେ।

ସେପ୍ଟେମ୍ବର ୨୩ରେ ବିଚାରପତି ଦତ୍ତ ଓ ଶର୍ମାଙ୍କ ମଧ୍ୟରେ ଏହି ମାମଲାକୁ ସମ୍ବିଧାନ ପୀଠକୁ ପଠାଇବା ପ୍ରସଙ୍ଗରେ ମତଭେଦ ହୋଇଥିଲା। ବିଚାରପତି ଦତ୍ତଙ୍କ ମତରେ ଦୁଇଜଣିଆ ଖଣ୍ଡପୀଠରେ ହିଁ ଆଇନର ସାମ୍ବିଧାନିକ ବୈଧତା ଯାଞ୍ଚ ହୋଇପାରିବ। ଅନ୍ୟପକ୍ଷରେ ବିଚାରପତି ଶର୍ମା ଏହାକୁ ପାଞ୍ଚଜଣିଆ ସମ୍ବିଧାନ ପୀଠକୁ ପଠାଇବା ସପକ୍ଷରେ ମତ ଦେଇଥିଲେ। ପରେ ମାମଲାକୁ ବୃହତ୍ତର ପୀଠକୁ ପଠାଇବା ପାଇଁ ଉଭୟ ସହମତ ହୋଇଥିଲେ।

ଏହି ପୁନର୍ବିଚାର ଆବେଦନ ଆବେଦନକାରୀ ନମନ ଶେରସ୍ତ୍ୱଙ୍କ ପକ୍ଷରୁ ଦାଖଲ ହୋଇଛି। ଏଥିରେ ଅଭିଯୋଗ କରାଯାଇଛି ଯେ, ବିଚାରପତି ଶର୍ମାଙ୍କ ପୁଅ ସିଦ୍ଧାର୍ଥ ଶର୍ମା ମଧ୍ୟପ୍ରଦେଶ ହାଇକୋର୍ଟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଓକିଲାତି କରୁଥିବା ସତ୍ତ୍ୱେ ବିଚାରପତି ଏହିମାମଲାରୁ ନିଜକୁ ଅଲଗା କରିନଥିଲେ। ଏ ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇନଥିବା ଆବେଦନକାରୀଙ୍କ ଅଭିଯୋଗ। ଏହା ନ୍ୟାୟିକ ନିରପେକ୍ଷତା ଓ ସ୍ୱାର୍ଥଜନିତ ଦ୍ୱନ୍ଦ୍ୱ ସମ୍ପର୍କରେ ପ୍ରଶ୍ନ ଉଠାଉଛି ବୋଲି ସେମାନେ ଦର୍ଶାଇଛନ୍ତି ।

ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ବଡ଼ ରାୟ

ବିନା କାରଣରେ ସ୍ୱାମୀଙ୍କଠାରୁ ଅଲଗା ରହିଲେ ମିଳିବନି ଭରଣପୋଷଣ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ହାଇକୋର୍ଟଙ୍କ ବଡ଼ ରାୟ। ବିନା ଉପଯୁକ୍ତ କାରଣରେ ସ୍ୱାମୀଙ୍କଠାରୁ ଅଲଗା ରହିଲେ ପତ୍ନୀଙ୍କୁ ମିଳିବନି ଭରଣପୋଷଣ। ସିଆର୍‌ପିସି ଧାରା ୧୨୫କୁ ନେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ହିମାଚଳ ପ୍ରଦେଶ ହାଇକୋର୍ଟ। ପତ୍ନୀଙ୍କ ଆବେଦନକୁ ଖାରଜ କରିବା ସହ ବିଲାସପୁର ଫ୍ୟାମିଲି କୋର୍ଟଙ୍କ ପୂର୍ବ ରାୟକୁ କାଏମ ରଖିଛନ୍ତି ହାଇକୋର୍ଟ।

ମାମଲା ଅନୁସାରେ, ବିଲାସପୁର ଫ୍ୟାମିଲି କୋର୍ଟ ସ୍ୱାମୀଙ୍କୁ ନାବାଳକ ପୁଅର ଭରଣପୋଷଣ ପାଇଁ ପ୍ରତି ମାସରେ ୫ ହଜାର ଟଙ୍କା ଦେବା ସହ ତା'ର ଶିକ୍ଷା, ଚିକିତ୍ସା ଏବଂ ବିବାହ ଖର୍ଚ୍ଚ ବହନ କରିବାକୁ ଆଦେଶ ଦେଇଥିଲେ। କିନ୍ତୁ ପତ୍ନୀଙ୍କୁ ଭରଣପୋଷଣ ଦେବାକୁ ମନା କରିଥିଲେ।

ଏହି ରାୟକୁ ଚ୍ୟାଲେଞ୍ଜ କରି ପତ୍ନୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ପତ୍ନୀ ନିଜର କୌଣସି ସ୍ୱତନ୍ତ୍ର ଆୟ ନଥିବା ଯୁକ୍ତି ରଖିଥିବାବେଳେ ସ୍ୱାମୀ ତାଙ୍କୁ ଘର ଛାଡ଼ିବାକୁ ବାଧ କରିନଥିବା କହିଥିଲେ। ସମସ୍ତ ତଥ୍ୟ ଓ ପ୍ରମାଣ ଯାଞ୍ଚ ପରେ ହାଇକୋର୍ଟ କହିଥିଲେ, ଏମ୍‌ଏ ଏବଂ ବିଏଡ୍ ଶିକ୍ଷିତ ପତ୍ନୀ ସ୍ୱାମୀଙ୍କଠାରୁ ଅଲଗା ରହିବାର କୌଣସି ଯଥାର୍ଥ କାରଣ ପ୍ରମାଣ କରିପାରିନାହାନ୍ତି। ଏପରିକି ନିମ୍ନ ଅଦାଲତରେ ସେ ରାଗିଗଲେ ସ୍ୱାମୀଙ୍କୁ ମାଡ଼ ମାରୁଥିବା ସ୍ୱୀକାର କରିଥିଲେ।

ଏହାକୁ ଆଧାର କରି ହାଇକୋର୍ଟ ପତ୍ନୀଙ୍କ ଆବେଦନକୁ ଖାରଜ କରିଛନ୍ତି। ତେବେ ନାବାଳକ ପୁଅର ଭରଣପୋଷଣ ପାଇଁ ପ୍ରତି ମାସରେ ୫ ହଜାର ଟଙ୍କା ସହ ତା'ର ଶିକ୍ଷା, ଚିକିତ୍ସା ଓ ବିବାହ ଖର୍ଚ୍ଚ ଦେବାକୁ ଫ୍ୟାମିଲି କୋର୍ଟ ଦେଇଥିବା ନିର୍ଦ୍ଦେଶ ବଳବତ୍ତର ରହିଛି । ଏହି ରାୟରେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି, ବିନା ଯଥାର୍ଥ କାରଣରେ ସ୍ୱାମୀଙ୍କଠାରୁ ଅଲଗା ଥିବା ପତ୍ନୀ ଭରଣପୋଷଣ ପାଇବାକୁ ହକ୍‌ଦାର ହେବେନାହିଁ।

ଜାପାନର ଜନବସତି ଅଞ୍ଚଳରେ ଭାଲୁ ଆତଙ୍କ

ସ୍କୁଲ ବନ୍ଦ ଓ ଘରୁ ନବାହାରିବାକୁ ନିର୍ଦ୍ଦେଶ

ଟୋକିଓ,୨୦।୧୧(ଏଜେନ୍ସି): ଜାପାନର ରାଜଧାନୀ ଟୋକିଓ ନିକଟସ୍ଥ ଗୁନମା ପ୍ରିଫେକ୍ଚର ଅନ୍ତର୍ଗତ ମାଏବାସି ସହରରେ ଏକ ମା' ଭାଲୁ ଏବଂ ତା'ର ଛୁଆ ମୁକ୍ତ ଭାବେ ବୁଲିବା କାରଣରୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଅଭାବନୀୟ ଘଟଣା ପରେ ସ୍ଥାନୀୟ ପ୍ରଶାସନ ତରଫରୁ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସହରର ସମସ୍ତ ସ୍କୁଲ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ସାମୟିକ ଭାବେ ବନ୍ଦ ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରାତଃ ସମୟରେ ଜନବସତି ଅଞ୍ଚଳରେ ହଠାତ୍ ଏହି ଦୁଇଟି ଭାଲୁ ବୁଲୁଥିବାର ଦେଖିବାକୁ ମିଳିଥିଲା। ଏହି ସମୟରେ ଭାଲୁ ଆକ୍ରମଣରେ ୫୦ ବର୍ଷ ବୟସ୍କ ଜଣେ ସ୍ଥାନୀୟ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ବର୍ତ୍ତମାନ ତାଙ୍କ ଅବସ୍ଥା ବିପଦମୁକ୍ତ ରହିଛି ବୋଲି ଜଣାପଡ଼ିଛି।

ଭାଲୁଗୁଡ଼ିକ ମଧ୍ୟରୁ ବଡ଼ ଭାଲୁଟି ଏକ ଯାନବାହନ ବା କାର୍ ଉପରକୁ ଚଢ଼ିଯିବା ସହ ଗାଡ଼ିଟିକୁ ଭୀଷଣ ଭାବେ କ୍ଷତିଗ୍ରସ୍ତ କରିଥିଲା। ପରେ ପ୍ରଶାସନିକ ଟିମ୍ ଓ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ସୁରକ୍ଷାକର୍ମୀମାନେ ମିଳିତ ଭାବେ ଟ୍ରାଙ୍କୁଲାଇଜର ବନ୍ଧୁକ ସହାୟତାରେ ଭାଲୁ ଛୁଆଟିକୁ ସୁରକ୍ଷିତ ଭାବେ କାବୁ କରିବାରେ ସଫଳ ହୋଇଥିଲେ। ମାତ୍ର ମା' ଭାଲୁଟି କୌଣସି ସ୍ଥାନରେ ଲୁଚି ରହିଥିବାରୁ ଏବେସୁଦ୍ଧା ତାହାର କୌଣସି ସନ୍ଧାନ ମିଳିପାରିନାହିଁ।

୪ ଶାବକଙ୍କୁ ଜନ୍ମ ଦେଲା ମାଇ ଚିତା

ଭାରତରେ ଚିତା ସଂଖ୍ୟା ୬୨କୁ ବୃଦ୍ଧି

ଭୋପାଳ,୨୦।୧୧(ଏଜେନ୍ସି): ବୋତ୍ସୱାନାରୁ ଆସିଥିବା ଅଢ଼େଇ ବର୍ଷର ମାଇ ଚିତା କେଓଏମ୍‌ଜି-୩ ମୁକ୍ତ ଜଙ୍ଗଲରେ ୪ଟି ସୁସ୍ଥ ଶାବକଙ୍କୁ ଜନ୍ମ ଦେଇଛି। ଭାରତରେ ଚିତା ସଂଖ୍ୟା ୬୨କୁ ବୃଦ୍ଧି ପାଇଛି।

ଏହା ସହିତ ଭାରତରେ ଜନ୍ମ ନେଇଥିବା ଚିତାଙ୍କ ସଂଖ୍ୟା ୪୩ରେ ପହଞ୍ଚିଛି। ବୋତ୍ସୱାନାରୁ ଭାରତକୁ ଅଣାଯାଇଥିବା ମାଇ ଚିତାଙ୍କ ମଧ୍ୟରେ କେଓଏମ୍‌ଜି-୩ ପ୍ରଥମ ଥର ପାଇଁ ଶାବକ ଜନ୍ମ ଦେଇଛି। ଏହି ମାଇ ଚିତା ୪ ମାସରୁ ଅଧିକ ସମୟ ଧରି ମୁକ୍ତ ଜଙ୍ଗଲରେ ରହୁଥିଲା। ପ୍ରାକୃତିକ ପରିବେଶରେ ଏହା ୪ଟି ଶାବକଙ୍କୁ ଜନ୍ମ ଦେଇଥିବା ସୂଚନା ମିଳିଛି।

୨୦୨୨ ମସିହାରେ ଭାରତରେ ଚିତା ପୁନଃପ୍ରଚଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେବେଠାରୁ ମୁକ୍ତ ଜଙ୍ଗଲରେ ଚିତା ଶାବକ ଜନ୍ମ ହେବାର ଏହା ଦ୍ୱିତୀୟ ରେକର୍ଡ ଘଟଣା। ଦେଶରେ ଚିତାଙ୍କ ବଂଶବୃଦ୍ଧି ଓ ସଂରକ୍ଷଣ ଦୃଷ୍ଟିରୁ ଏହା ଏକ ସକାରାତ୍ମକ ସଙ୍କେତ।

ଭାରତ ଗସ୍ତରେ ଆସିଥିବା ପାକିସ୍ତାନୀ ମନ୍ତ୍ରୀଙ୍କ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ ସରକାର

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): କେନ୍ଦ୍ର ସରକାର ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ ମଲିକଙ୍କୁ ଏକ ଦୃଢ଼ ଓ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଯାହାକି ଚର୍ଚ୍ଚାର ପରିସରରେ ରହିଛି। ମଲିକ ପ୍ରଥମ 'ଏସସିଓ ସଭ୍ୟତା ସଂଳାପ ମଞ୍ଚ'ରେ ଯୋଗ ଦେବା ପାଇଁ ଭାରତ ଗସ୍ତରେ ଅଛନ୍ତି। ନଭେମ୍ବର ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ଐତିହାସିକ ପୁରାନା କିଲ୍ଲାରେ ଆୟୋଜିତ ପ୍ରଥମ ଏସସିଓ ସଭ୍ୟତା ସଂଳାପ ମଞ୍ଚରେ ଅଂଶଗ୍ରହଣ କରିବାକୁ ଆସିଥିବା ମଲିକ ଭାରତର ଅନ୍ୟ କିଛି ସ୍ଥାନ ପରିଦର୍ଶନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ କିନ୍ତୁ କେନ୍ଦ୍ର ସରକାର ତାଙ୍କର ଏହି ସମସ୍ତ ଅନୁରୋଧକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ମନ୍ତ୍ରୀ ମୁସାଦିକ ମଲିକ ଭାରତ ଗସ୍ତ ସମୟରେ ଆଗ୍ରାର ତାଜମହଲ ଏବଂ ଦିଲ୍ଲୀର ହଜରତ ନିଜାମୁଦ୍ଦିନ ଦରଗାହ ପରିଦର୍ଶନ କରିବା ପାଇଁ ଅନୁମତି ମାଗିଥିଲେ। ଭାରତ ସରକାର ଏସସିଓର ଅଫିସିଆଲ୍ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକଳାପ କିମ୍ବା ଭ୍ରମଣ ପାଇଁ ଅନୁମତି ଦେବାକୁ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି। ମଲିକଙ୍କୁ ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଛି ଯେ ସେ ନିଜ ଗସ୍ତ ସମୟରେ କେବଳ ଏସସିଓ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ ଏବଂ ଅନ୍ୟ କୌଣସି ସ୍ଥାନକୁ ଯାଇପାରିବେ ନାହିଁ।

ସାର୍ବଜନୀନ ବିଜ୍ଞପ୍ତି

ଫର୍ମ ନଂ. INC-25A

(ଏକ ସାର୍ବଜନୀନ କମ୍ପାନୀକୁ ଏକ ଘରୋଇ କମ୍ପାନୀରେ ପରିବର୍ତ୍ତନ ସମ୍ବନ୍ଧରେ ସମ୍ବାଦପତ୍ରରେ ପ୍ରକାଶ କରାଯିବାକୁ ଥିବା ବିଜ୍ଞାପନ)

କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସମ୍ମୁଖରେ ଦକ୍ଷିଣ-ପୂର୍ବ ଆଞ୍ଚଳିକ ନିର୍ଦ୍ଦେଶାଳୟ ଯେଉଁ ବିଷୟ ସମ୍ବନ୍ଧରେ M/s ANNAPURNESWARI RASOI INDIA LIMITED ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ନିମ୍ନଲିଖିତ ଠିକଣାରେ ଅବସ୍ଥିତ:

FLAT NO 416, 2ND BLOCK, 4TH FLOOR, SHREE TOWER, NEAR KHALLIKOTE COLLEGE, GANJAM, BERHAMPUR, ORISSA, INDIA, 760001.

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ କମ୍ପାନୀ କମ୍ପାନୀ ଆଇନ, ୨୦୧୩ର ଧାରା ୧୪ ଏବଂ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ କେନ୍ଦ୍ର ସରକାରଙ୍କ ନିକଟରେ ଏକ ଆବେଦନ କରିବାକୁ ଇଚ୍ଛୁକ ଅଛି। ୦୭.୧୧.୨୦୨୬ ତାରିଖରେ ଅନୁଷ୍ଠିତ ଅସାଧାରଣ ସାଧାରଣ ସଭାରେ ଗୃହୀତ ସ୍ୱତନ୍ତ୍ର ପ୍ରସ୍ତାବ ଅନୁଯାୟୀ କମ୍ପାନୀଟିକୁ ଏକ ସାର୍ବଜନୀନ ଲିମିଟେଡ୍ କମ୍ପାନୀରୁ ଏକ ଘରୋଇ ଲିମିଟେଡ୍ କମ୍ପାନୀରେ ପରିବର୍ତ୍ତନ କରିବାକୁ କମ୍ପାନୀ ଇଚ୍ଛୁକ ଅଛି, ଯାହାଦ୍ୱାରା ଏହି ପରିବର୍ତ୍ତନକୁ କାର୍ଯ୍ୟକାରୀ କରାଯାଇପାରିବ। ଏହି ପ୍ରସ୍ତାବିତ ପରିବର୍ତ୍ତନ ଦ୍ୱାରା ଯେକୌଣସି ବ୍ୟକ୍ତିଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥିଲେ, ସେ ନିଜ ସ୍ୱାର୍ଥର ପ୍ରକୃତି ଏବଂ ଆପତ୍ତିର କାରଣ ଉଲ୍ଲେଖ କରି ଏକ ସତ୍ୟପାଠ ସହିତ ନିଜର ଆପତ୍ତି ନିମ୍ନଲିଖିତ ଠିକଣାରେ ଦକ୍ଷିଣ-ପୂର୍ବ ଆଞ୍ଚଳିକ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ କିମ୍ବା ପଞ୍ଜୀକୃତ ଡାକ ମାଧ୍ୟମରେ ପଠାଇପାରିବେ:

4th Floor, Corporate Bhavan, Bandlaguda, Nagole, Tattiannaram Village, Hayat Nagar Mandal, Ranga Reddy District, Hyderabad - 500068, Telangana.

**ଏହି ବିଜ୍ଞପ୍ତି ପ୍ରକାଶିତ ହେବା ତାରିଖଠାରୁ ଚଉଦ (୧୪) ଦିନ ମଧ୍ୟରେ ଉକ୍ତ ଆପତ୍ତିଗୁଡ଼ିକ ଦାଖଲ କରିବାକୁ ହେବ। ଏଥିସହିତ ଆପତ୍ତିର ଏକ ନକଲ ସେହି ସମୟରେ ଆବେଦନକାରୀ କମ୍ପାନୀର ନିମ୍ନଲ